


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com


ଯା ଦେବୀ ସର୍ବଭୂତେଷୁ............


ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ସୋମବାର ୧୮ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 18 DECEMBER 2023
Vol.No. 34 ■ No. 331■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ଯାଜପୁରରୁ ଗିରଫ ଯୁବକର ମିଳିଲା ପାକିସ୍ତାନ ଆଇଏସଆଇ ଲିଙ୍କ




ଭୁବନେଶ୍ୱର, ୧୭ /୧୨ (ନି.ପ୍ର): କୁହାଯାଉଛି, ବହୁରୂପୀ ବୁଖାରୀ ୟୁଟ୍ୟୁବ ଦେଖି ଠକେଇ କଳା ଶିଖିଥିଲା। କେଉଁ ରୋଗ ପାଇଁ କେମିତି ଡାକ୍ତରୀ ଚିକିତ୍ସା କରାଯାଏ, ତାହା ମଧ୍ୟ ଶିଖୁଥିଲା। ଶେଷରେ ୟୁଟ୍ୟୁବରୁ ପ୍ରାପ୍ତ ଜ୍ଞାନକୁ ପ୍ରୟୋଗ କରି ଜଣେ ରୋଗୀଙ୍କ ଜୀବନ ନେଇଥିବା କୁହାଯାଉଛି। ସନ୍ଦିଗ୍ଧ କଶ୍ମୀର ଆତଙ୍କବାଦୀ ସଇଦ ଇଶାନ ବୁଖାରୀର ଫିଟୁଛି ଆତଙ୍କୀ ଲିଙ୍କର ଗୁମର। ସେ ପାକିସ୍ତାନ ଆଇଏସଆଇ ଏଜେଣ୍ଟଙ୍କ ସଂସ୍ପର୍ଶରେ ଆସିଛି। ଦେଶ ଭିତରେ ଥାଇ କରିଛି ଇଣ୍ଟରନ୍ୟାସନାଲ୍ ଫୋନ କଲ୍। ବ୍ୟାଙ୍କ ଆକାଉଣ୍ଟରେ ହୋଇଛି ସନ୍ଦେହଜନକ ଆର୍ଥିକ କାରବାର। ଦ୍ୱିତୀୟ ଦିନର ତଦନ୍ତରୁ ଆଜି ସାମ୍ନାକୁ ଆସିଛି ବୁଖାରୀର ଏଭଳି ଦେଶ ବିରୋଧୀ ଷଡ଼ଯନ୍ତ୍ରର ତଥ୍ୟ। ଟେଲିଫୋନିକ କଲ୍ ଡିଟେଲସରୁ ଆଶଙ୍କା କରାଯାଉଛି, ପାକିସ୍ତାନ ଓଝଓ ଏଜେଣ୍ଟଙ୍କ ସହ ଚାଟ୍ କରିଛି ବୁଖାରୀ। ଆଉ ଚାଟ୍ ହିଷ୍ଟ୍ରିକୁ ଡିଲିଟ୍ ମଧ୍ୟ କରିଛି। ତେବେ ଆଇଏସଆଇ ଏଜେଣ୍ଟଙ୍କ ସହ କି ତଥ୍ୟ ସେୟାର କରିଛି ବୁଖାରୀ ତାହା ଜଣାପଡ଼ି ନାହିଁ। ତେବେ ଏଠି ପ୍ରଶ୍ନ ଉଠୁଛି, ଚାଟ ହିଷ୍ଟ୍ରିରେ ରହିଛି କି ଦେଶର ସୁରକ୍ଷା ସଂପର୍କିତ ପ୍ରସଙ୍ଗ ଶତ୍ରୁପକ୍ଷଙ୍କ ହାତକୁ ଚାଲିଯାଇନି ତ ଓଡ଼ିଶାର ସମ୍ବେଦନଶୀଳ ତଥ୍ୟ ଏଭଳି ଆଶଙ୍କା କରି ଜବତ ମୋବାଇଲରୁ ଡିଲିଟ ଚାଟ୍ ହିଷ୍ଟ୍ରିକୁ ହାସଲ ପାଇଁ ଉଦ୍ୟମ କରିବା ସହ ଫରେନସିକ୍ ଲ୍ୟାବର ସହାୟତା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ। ଟେଲିକମ୍ କମ୍ପାନୀରୁ କଲ ଡିଟେଲ୍ସ ରିପୋର୍ଟ ଆସିଲେ ତା'ର ଆନାଲିସିସ୍ କରିବୁ ବୋଲି କହିଛନ୍ତି କ୍ରାଇମବ୍ରାଞ୍ଚ ଏସଟିଏଫ ଏସ୍‌ପି କିଶୋର କୁମାର ପାଣିଗ୍ରାହୀ। କୁହାଯାଉଛି, ବହୁରୂପୀ ବୁଖାରୀ ୟୁଟ୍ୟୁବ ଦେଖି ଠକେଇ କଳା ଶିଖିଥିଲା। କେଉଁ ରୋଗ ପାଇଁ କେମିତି ଡାକ୍ତରୀ ଚିକିତ୍ସା କରାଯାଏ, ତାହା ମଧ୍ୟ ଶିଖୁଥିଲା। ଶେଷରେ ୟୁଟ୍ୟୁବରୁ ପ୍ରାପ୍ତ ଜ୍ଞାନକୁ ପ୍ରୟୋଗ କରି ଜଣେ ରୋଗୀଙ୍କ ଜୀବନ ନେଇଥିବା କୁହାଯାଉଛି। ଯାହାର ତଥ୍ୟ ଲାଗିଛି ଏସଟିଏଫ ହାତରେ। ବର୍ତ୍ତମାନ ସୁଦ୍ଧା ବୁଖାରୀର ୬ଟି ବ୍ୟାଙ୍କ ଆକାଉଣ୍ଟ ମିଳିଛି। ଯେଉଁଥିରେ ହୋଇଥିବା ଅସ୍ୱାଭାବିକ କାରବାର ସଂପର୍କରେ ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟକୁ ଅବଗତ କରାଯାଇଛି। ଏବେ ଯାଜପୁର ଜେଲରେ ଥିବା ବୁଖାରୀକୁ ୭ ଦିନିଆ ରିମାଣ୍ଡରେ ନେବା ପାଇଁ ଆସନ୍ତାକାଲି ଆବେଦନ କରିବ କ୍ରାଇମବ୍ରାଞ୍ଚ ଏସଟିଏଫ। ଦରକାର ପଡ଼ିଲେ ଏନଆଇଏ ଆସିପାରେ ବୋଲି ଏସଟିଏଫ ଏସ୍‌ପି କହିଛନ୍ତି।

## ଶିମିଳିପାଳରେ ହାତୀ ମୃତ୍ୟୁ

ମୟୂରଭଂଜ, ୧୭/୧୨ (ନି.ପ୍ର): ଶିମିଳିପାଳ ଅଭୟାରଣ୍ୟରେ ହାତୀର ମୃତ୍ୟୁ ଘଟିଛି। ଅଭୟାରଣ୍ୟର କବାଟଘାଇ ଅଞ୍ଚଳରେ ଏହି ହାତୀର ମୃତ୍ୟୁ ହୋଇଛି। ମୃତ ହାତୀଟି ଏକ ମାଈ ହାତୀ ବୋଲି ଜଣାପଡିଛି। ବନ କର୍ମଚାରୀଙ୍କ କହିବା ଅନୁସାରେ ହାତୀଟି ଅନ୍ୟ ହାତୀଙ୍କ ସହ ଗୋଠରେ ବୁଲୁଥିଲା ଦେଖିବାକୁ ମିଳିଛିଲା। ତେବେ ଶନିବାର ହାତୀର ମୃତ୍ୟୁ କେମିତି ହେଲା, ତାହା ଜଣାପଡ଼ି ନାହିଁ। ବନ ବିଭାଗ ଘଟଣାର ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତରୁ ହାତୀକୁ ଆନ୍ଥ୍ରାକ୍ସ ହୋଇଥିବା ଅନୁମାନ କରାଯାଉଛି। ସେଥିପାଇଁ ମୃତ ହାତୀର ରକ୍ତ ନମୁନା ସଂଗ୍ରହ କରାଯାଇଛି। ରିପୋର୍ଟ ଆସିଥିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

## ରାଉରକେଲାରେ ଅଣାୟତ୍ତ ଡାଇରିଆ : ମୃତ୍ୟୁସଂଖ୍ୟା ୭ ଛୁଇଁଲା

ରାଉରକେଲା, ୧୭/୧୨ (ନି.ପ୍ର): ରାଉରକେଲାରେ ଡାଇରିଆରେ ମୃତକଙ୍କ ସଂଖ୍ୟା ୭ରେ ପହଞ୍ଚିଛି। ଆକ୍ରାନ୍ତ ହୋଇଥିବା ଆଉ ଦୁଇଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ରାଉରକେଲା ପ୍ଲାଣ୍ଟସାଇଟ ଅଞ୍ଚଳର ମହମ୍ମଦ ଅସଲମ ଓ ରାଉରକେଲା ଗାନ୍ଧୀରୋଡର ଅତୁଲ କିସାନ (୭୦)। ପୂର୍ବରୁ ଗତକାଲି ରାତିରେ ରାଉରକେଲା ରେଳ ଷ୍ଟେସନ୍ ନିକଟ ନୀଳାଚଳ ହୋଟେଲର ମାଲିକ ପ୍ରଣବ କିଶୋର ସ୍ୱାଇଁ(୫୨) ଆଖି ବୁଜିଥିଲେ। ସେ ହାଇଟେକ୍ ମେଡିକାଲ କଲେଜ୍ ଆଣ୍ଡ ହସ୍ପିଟାଲରେ ଆଖି ବୁଜିଥିଲେ। ପ୍ରଣବଙ୍କୁ ମିଶାଇ ମୋଟ ୫ଜଣଙ୍କ ଜୀବନ ନେଇଥିଲା ଡାଇରିଆ। ଗତ ଶୁକ୍ରବାର ଓ ଶନିବାର ଦୁଇଦିନରେ ୨ ବୃଦ୍ଧା, ଜଣେ ମହିଳାଙ୍କ ସମେତ ମୋଟ ୪ ଜଣ ଏଥିରେ ପ୍ରାଣ ହରାଇଲେଣି। ସେମାନେ ହେଲେ ରାଉରକେଲା ପାନପୋଷର ଗ୍ଲାସନ୍ ସାମନ୍ତ (୩୮), ଉଦିତନଗରର ନାନ୍ସି ଦୁବେ (୭୫), ପାନପୋଷ ତରକେରାର ଫୁଲତୋଳି ଗୌଡ଼ (୨୩) ଓ ଉଦିତନଗର ଓରାମପଡ଼ାର ଅହଲ୍ୟା ନାୟକ (୭୦)। ଏଣେ ଆଜି ଆରଜିଇଚରୁ ୧୫ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ହାଇଟେକ ମେଡିକାଲ କଲେଜରେ ୨୫ଜଣ ଆକ୍ରାନ୍ତ ଭର୍ତ୍ତି ହୋଇଛନ୍ତି। ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ଓ ବିଜେପିର ବରିଷ୍ଠ ନେତା ନିହାର ରାୟ ବିଭିନ୍ନ ୱାର୍ଡ ବୁଲିବା ସହ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଜିଲ୍ଲାପାଳଙ୍କ ସହ ଆଲୋଚନା କରିବା ସହ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ଦୁହେଁ କହିଛନ୍ତି। ସେପରି ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମଧ୍ୟ ଆରଜିଏଚରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି।

## ପୂର୍ବତନ ମୁଖ୍ୟ ଶାସନ ସଚିବ ସୁଧାଂଶୁ ମୋହନ ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର, ୧୭ /୧୨ (ନି.ପ୍ର): ପୂର୍ବତନ ମୁଖ୍ୟ ଶାସନ ସଚିବ ସୁଧାଂଶୁ ମୋହନ ପଟ୍ଟନାୟକଙ୍କ ପରଲୋକ



ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିଲା। ପୁରୁଣା ଭୁବନେଶ୍ୱରର ମାଉସୀ ମା' ଛକ ସ୍ଥିତ ବାସଭବନରେ ସୁଧାଂଶୁ ମୋହନ ପଟ୍ଟନାୟକ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ରାଜ୍ୟ ମାନବାଧିକାର କମିଶନର ପ୍ରଥମ ସଦସ୍ୟ ଥିଲେ। ସେହିପରି ଷ୍ଟାଫ୍ ସିଲେକ୍ସନ୍ ଓ କୃଷି କମିଶନର ଅଧ୍ୟକ୍ଷ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ ସୁଧାଂଶୁ ମୋହନ ପଟ୍ଟନାୟକ।

## ନକ୍ସଲଙ୍କ ସହ ଏନ୍‌କାଉଣ୍ଟର: ଜଣେ ଯବାନ ସହିଦ

ଛତିଶଗଡ଼, ୧୭/୧୨ : ଛତିଶଗଡ଼ର ସୁକ୍‌ମାରେ ଏନ୍‌କାଉଣ୍ଟର। ନକ୍ସଲଙ୍କ ସହ ସିଆରପିଏଫ୍ ଯବାନ ମୁହାଁମୁହିଁ ହୋଇଛନ୍ତି। ଆଜି ସକାଳୁ ସିଆରପିଏଫ୍ ଯବାନ ଓ ନକ୍ସଲଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ୧୬୫ ବଟାଲିଅନର ଜଣେ ସିଆରପିଏଫ୍ ଯବାନ ସହିଦ ହୋଇଛନ୍ତି। ସେହିପରି ନକ୍ସଲ ଗୁଳିରେ ଅନ୍ୟ ଜଣେ କନଷ୍ଟେବଲ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ଆଜି ସକାଳ ୭ଟାରେ ଜଗରଗୁଣ୍ଡା ପୁଲିସ ଷ୍ଟେସନର ବେଦରେ କ୍ୟାମ୍ପରୁ ୧୬୫ ବଟାଲିଅନର ସିଆରପିଏଫ୍ ଯବାନମାନେ ସର୍ଚ୍ଚ ଅପରେସନ୍ ପାଇଁ ବାହାରିଥିଲେ। ଏହି ସମୟରେ ସିଆରପିଏଫ୍ ଟିମ୍ ଓ ନକ୍ସଲ ମୁହାଁମୁହିଁ ହୋଇଥିଲେ। ଏଥିରେ ସବ ଇନ୍ସପେକ୍ଟର ସୁଧାକର ରେଡ୍ଡୀ ଶହୀଦ ହୋଇଛନ୍ତି। ସେହିପରି କନଷ୍ଟେବଲ ରାମୁ ନକ୍ସଲ ଗୁଳିରେ ଆହତ ହୋଇଛନ୍ତି। ଆହତ ସୈନିକଙ୍କୁ ପ୍ରାଥମିକ ଚିକିତ୍ସା ପରେ ହେଲିକପ୍ଟର ଯୋଗେ ରାୟପୁର ହସ୍ପିଟାଲକୁ ଏୟାଲିଫ୍ଟ କରାଯାଇଛି। ସେପଟେ ଏହି



ମାମଲାରେ ୪ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ସିଆରପିଏଫ୍, କୋବ୍ରା ଓ ଜିଲ୍ଲା ପୁଲିସ ଫୋର୍ସ ଦ୍ୱାରା ପୂରା ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ସେପଟେ ଏହି ଘଟଣାକୁ ନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ବୈଷ୍ଣୋଦେବ ସାଏ ସହିଦ ସବ୍ ଇନ୍‌ସପେକ୍ଟର ସୁଧାକର ରେଡ୍ଡୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏହି ଘଟଣାରେ ଆହତ ଯବାନ ରାମୁଙ୍କ ଉପଯୁକ୍ତ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ବିଶ୍ୱର ସବୁଠୁ ବଡ ଅଫିସର ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ, ୧୭/୧୨ : ଗୁଜରାଟ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସୁରଟ ଏୟାରପୋର୍ଟର ନୂଆ ବିଲ୍ଡିଂ ଉଦଘାଟନ କରିଥିଲେ । ଏହାପରେ ମୋଦୀ ଏକ ବିଶାଳ ରୋଡ୍ ସୋ କରିଥିଲେ । ତେବେ ଏହାପରେ ପ୍ରଧାନମନ୍ତ୍ରୀ ମୋଦୀ ଯେଉଁ ବିଶାଳ କାର୍ଯ୍ୟାଳୟର ଲୋକାର୍ପଣ କରିଥିଲେ ତାକୁ ନେଇ ଏବେ ଚର୍ଚ୍ଚା ବଢିଛି । ଏ ହେଉଛି ଆମେରିକାର ପ୍ରତିରକ୍ଷା ବିଭାଗର କାର୍ଯ୍ୟାଳୟ ପେଣ୍ଟାଗନଠାରୁ ମଧ୍ୟ ବଡ ଅଫିସ୍ । ଯାହାକି ଏବେ ବିଶ୍ୱର ସବୁଠୁ ବଡ ଅଫିସ୍ ହେବାର ଗୌରବ ଅର୍ଜନ କରିଛି । ଆଜି ଏହି 'ସୁରଟ ଡାଇମଣ୍ଡ ବୋର୍ସ'ର ଲୋକାର୍ପଣ କରିଛନ୍ତି ପିଏମ୍ ମୋଦୀ । ପିଏମ୍ ମୋଦୀ ରବିବାର ସକାଳୁ ପ୍ରଥମେ ୧୬୦ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ସୁରଟ ଏୟାରପୋର୍ଟର ନୂଆ ବିଲ୍ଡିଂକୁ ଉଦଘାଟନ କରିଥିଲେ । ଯାହାକି ସୁରଟ ଏୟାରପୋଟକୁ ଏକ ନୂଆ ରୂପ ଦେଇଛି । ଖାଲି ସେତିକି ନୁହେଁ, ଏହି ଏୟାରପୋର୍ଟକୁ ଏବେ ଅନ୍ତର୍ଜାତୀୟ ମାନ୍ୟତା ମଧ୍ୟ ମିଳିଛି । ଅନ୍ୟପଟେ ୩୪୦୦ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ସୁରଟ ଡାଇମଣ୍ଡ ବୋର୍ସକୁ ଲୋକାର୍ପିତ କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି ବିଲ୍ଡିଂଟି ୩୫.୫୪ ଏକରରେ ନିର୍ମାଣ କରାଯାଇଛି । ଏହି ସ୍ଥାନ ଏବେ ହୀରା ବ୍ୟବସାୟର କେନ୍ଦ୍ରସ୍ଥଳ ପାଲଟିବ ବୋଲି ଆଶା କରାଯାଉଛି । ଏହି ଅଫିସ୍ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ଦେଢ ଲକ୍ଷ ଲୋକ ରୋଜଗାର ପାଇପାରିବେ ।

## ଆଜମେରରେ ଭୟାବହ ଦୁର୍ଘଟଣା: ୩ ବନ୍ଧୁଙ୍କ ମୃତ୍ୟୁ

ଆଜମେର, ୧୭/୧୨ (ନି.ପ୍ର): ରାଜସ୍ଥାନର ଆଜମେର ସହରର ଲୋହାଗଲ ରୋଡ ଉପରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଶନିବାର ରାତି ପ୍ରାୟ ୧୧.୩୦ ବେଳେ ଭୟାବହ ଦୁର୍ଘଟଣା ଘଟିଛି । ଦ୍ରୁତଗତିରେ ଆସୁଥିବା ଏକ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହେବା ପରେ ହୁତୁହୁତୁ ହୋଇ ଜଳିଥିଲା। ଏହି ଦୁର୍ଘଟଣାରେ କାରରେ ଥିବା ତିନି ଜଣ ବନ୍ଧୁ ଜୀବନ୍ତ ଜଳିଯାଇଥିଲେ । ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । କିଶ୍ତିୟନଗଞ୍ଜ ଥାନା ଅଧିକାରୀ ରବିନ୍ଦ୍ରସିଂହ ଖିଚି କହିଛନ୍ତି ଯେ, ଦୁର୍ଘଟଣାରେ ଚୌରସିୟାଭାସ ବାସିନ୍ଦା ହୋହେଲ ଖାନ, ବୈଶାଳୀ ନଗରର ବାସିନ୍ଦା ଜୟ ସାଙ୍ଖଲା ଓ କବିର ନଗର ବାସିନ୍ଦା ଶକ୍ତି ସିଂହଙ୍କ ମୃତ୍ୟୁ ହୋଇଛି । ସେହିପରି ଲୋହାଖାନ ବାସିନ୍ଦା କୃଷ୍ଣା ମୁରାରୀ ଓ ଗୁର୍ଜର ଧରତି ବାସିନ୍ଦା ଉମେଶ କୁମାର ଗୁରୁତର ଆହତ ହୋଇଛନ୍ତି । ଉମେଶଙ୍କୁ ଚିକିତ୍ସା ପାଇଁ ଜୟପୁର ରେଫର କରାଯାଇଛି ।

## ଏଟିଏମ୍‌ରୁ ଲୁଟିନେଲେ ଲକ୍ଷ ଲକ୍ଷ ଟଙ୍କା

ବଲାଙ୍ଗିର , ୧୭/୧୨ (ନି.ପ୍ର): ଏଟିଏମ୍‌ରୁ ଟଙ୍କା ଲୁଟ୍ ଅଭିଯୋଗ। ବଲାଙ୍ଗିର ପାଟଣାଗଡ଼ ସରମୁହାଁଣ ଗାଁରେ ଥିବା ଏସବିଆଇ ଏଟିଏମରୁ ଲୁଟ ହୋଇଥିବା ଥାନାରେ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।
ଏଟିଏମ ଭାଙ୍ଗି ପ୍ରାୟ ୭ ଲକ୍ଷ ୫୦ ହଜାର ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି। ଏଟିଏମକୁ ଯାଇଥିବା ତାର ଗୁଡ଼ିକ ପୋଡ଼ି ଯାଇଥିବାରୁ ପ୍ରଥମେ ଲାଇନ କାଟିଲେ ଦୁର୍ବୃତ୍ତ ପରେ ଏଟିଏମ ଭାଙ୍ଗି ଥିବା ଅନୁମାନ କରୁଛି ପୁଲିସ। ମିଳିଥିବା ସୂଚନା ଅନୁସାରେ ରବିବାର ସନ୍ଧ୍ୟାରେ ଏଟିଏମରେ ଟଙ୍କା ଭର୍ତ୍ତି କରାଯାଇଥିଲା। ସକାଳେ ଏଟିଏମ ଭାଙ୍ଗି ଏପଟ ସେପଟ ହୋଇ ପଡ଼ିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଏନେଇ ସ୍ଥାନୀୟ ଲୋକ ପୁଲିସକୁ ଖବର ଦେବାରୁ ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ ଟିମ ଆସି ଛାନଭିନ୍ ଚଲାଇଛନ୍ତି।

## ୧୦ ଡିଗ୍ରୀ ତଳେ ୧୧ ସହର: ଫୁଲବାଣୀରେ ସବୁଠୁ ଅଧିକ ଶୀତ

ଭୁବନେଶ୍ୱର, ୧୭ /୧୨ (ନି.ପ୍ର): ରାଜ୍ୟରେ ଜାରି ରହିଛି ଶୀତର ଲହରୀ। ଧୀରେ ଧୀରେ ବଢୁଛି ଜାଡ଼। ଗତକାଲି ରାତିରେ ରାଜ୍ୟର ୧୧ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ତା'ପୂର୍ବଦିନ ୬ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଗତକାଲି ରାତିରେ ଫୁଲବାଣୀ ଥିଲା ସବୁଠୁ ଥଣ୍ଡା ସହର। ସେଠାରେ ଗତକାଲି ରାତିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି କିରେଇରେ ସର୍ବନିମ୍ନ ତାପମାତ୍ରା ୮.୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଜି.ଉଦୟଗିରିରେ ୮.୬, ରାଉରକେଲାରେ ▶▶ପୃଷ୍ଠା ୭



## ୧୯ରେ ଦିଲ୍ଲୀ ଯାଇ କେନ୍ଦ୍ର ନେତୃତ୍ୱକୁ ଭେଟିବେ ବିଜେପି ବିଧାୟକ ଟିମ୍




ଭୁବନେଶ୍ୱର, ୧୭ /୧୨ (ନି.ପ୍ର): ୧୯ରେ ଦିଲ୍ଲୀ ଯାଇ କେନ୍ଦ୍ର ନେତୃତ୍ୱକୁ ଭେଟିବେ ବିଜେପି ବିଧାୟକ ଟିମ୍ । ୨୨ ବିଧାୟକଙ୍କ ସହ ଟିମରେ ସାଂସଦ ମାନେ ବି ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡାଙ୍କୁ ଭେଟି ସାକ୍ଷାତ ଆଲୋଚନା କରିବେ । ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନାକୁ ହାଇଜ୍ୟାକ୍ କରିବା ଏବଂ କେନ୍ଦ୍ରୀୟ ଯୋଜନାରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ନ ଲଗାଇବା ନେଇ ଏମାନେ ଫେରାଦ ହେବେ । ସେପଟେ ବିଜେଡି କହିଛି କେନ୍ଦ୍ରୀୟ ଯୋଜନାକୁ ଭଲରେ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ପୁରସ୍କୃତ କରୁଛନ୍ତି । ନିର୍ବାଚନୀ ବର୍ଷରେ ବିଜେପି ଟିମ ଦିଲ୍ଲୀ ଗସ୍ତ ସ୍ୱାଭାବିକ କାର୍ଯ୍ୟକ୍ରମ । ଏହାର କୋଣସି ପ୍ରଭାବ ପଡିବନି ବୋଲି ବିଜେଡି କହିଛି। ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନାକୁ କରୁଛନ୍ତି ହଡପ । କେନ୍ଦ୍ରୀୟ ଯୋଜନାରେ ପ୍ରଧାନମନ୍ତ୍ରୀଙ୍କ ମୋଦି ଫଟୋ ଲଗାଯାଉନାହିଁ । ଏନେଇ କେନ୍ଦ୍ରୀୟ ନେତୃତ୍ୱ ଆଗରେ ଫେରାଦ ହେବ ରାଜ୍ୟ ବିଜେପି ଟିମ୍ । ଏଥିପାଇଁ ୧୯ ରେ ଦିଲ୍ଲୀ ବାହାରୁଛନ୍ତି ରାଜ୍ୟ ବିଜେପି ସଭାପତିଙ୍କ ସହ ୨୨ ବିଧାୟକ ଓ ସାଂସଦମାନେ। ବିଧାୟକ ଓ ସାଂସଦମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡାଙ୍କୁ ମଧ୍ୟ ଭେଟି ଅଭିଯୋଗ କରିବେ । ୨୦ ଓ ୨୧ ଦୁଇ ଦିନ ଦିଲ୍ଲୀରେ ପ୍ରସ୍ତୁତ ହେବ ବ୍ଲୁ ପ୍ରିଣ୍ଟ ।

▶▶ପୃଷ୍ଠା ୭

## ପୃଥକ୍ ପୃଥକ୍ ସ୍ଥାନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ୭ ମୃତ



ସୁନ୍ଦରଗଡ଼/କଳାହାଣ୍ଡି, ୧୭/୧୨ (ନି.ପ୍ର): ପିକ୍‌ନିକ ସାରି ଅଟୋରେ ଘରକୁ ଫେରୁଥିଲେ ଗୋଟିଏ ପରିବାର। ହେଲେ ବିଟ୍ ରାସ୍ତାରେ ଧକ୍କା ଦେଲା ହାଇୱା। ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆଜି ଅପରାହ୍ନରେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ସୁନ୍ଦରଗଡ଼ ଜିଲ୍ଲାରେ ଘଟିଛି। ସୁନ୍ଦରଗଡ଼ ସଦର ଥାନା ବଗିଚାପଡ଼ାର ଗୋଟିଏ ପରିବାରର ୫ ଜଣ ଏକ ଅଟୋରେ ପିକ୍‌ନିକ୍ କରିବା ପାଇଁ ଯାଇଥିଲେ। ପିକ୍‌ନିକ୍ ସାରି ସେମାନେ ଅପରାହ୍ନରେ ଘରକୁ ଫେରୁଥିଲେ। ତେବେ ତିଲେନ୍‌ଡିହି ନିକଟରେ ବିଟ୍ ରାସ୍ତାରେ ସମ୍ମୁଖରୁ ଆସୁଥିବା ଏକ ବାଲି ବୋଝେଇ ହାଇୱା, ଅଟୋ ଉପରେ ଚଢ଼ି ଯାଇଥିଲା। ଅଟୋ ଉପରେ ଟ୍ରକ୍ ପଡ଼ିଯାଇଥିଲା। ଘଟଣା ସ୍ଥଳରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ୫ ଜଣ ହେଉଛନ୍ତି ମହିଳା। ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ଜଣେ ମହିଳା ଓ ଜଣେ ଶିଶୁଙ୍କୁ ଉଦ୍ଧାର କରାଯାଇ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗ ଜନକ ରହିଛି। ଦୁର୍ଘଟଣା ପରେ ହାଇୱା ଡ୍ରାଇଭର ଚମ୍ପଟ ମାରିଛି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକ କରିଛନ୍ତି।

▶▶ପୃଷ୍ଠା ୭

# ବ୍ୟାସନଗର ସଙ୍କୁଳସ୍ତରୀୟ କ୍ରୀଡା ଉଦ୍‌ଯାପିତ

କୋରେଇ, ୧୭/୧୨ (ନି.ପ୍ର): ସରସ୍ୱତୀ ଶିଶୁ ମନ୍ଦିରର ବ୍ୟାସନଗର ସଙ୍କୁଳ ସ୍ତରୀୟ ବାର୍ଷିକ କ୍ରୀଡା କୋରାଇ ବ୍ଲକ ଅନ୍ତର୍ଗତ ଅମୃତିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଆଜି ଉଦଯାପିତ ହୋଇଛି । ଏହି କ୍ରୀଡାରେ ସଙ୍କୁଳର ୮ଟି ଶିଶୁ ମନ୍ଦିର ବ୍ୟାସନଗର, ମୂଳାପାଳ, ପାଣିକୋଇଲି, ଶଙ୍ଖଚିଲା, ଅମୃତିଆ, କଳଣ, ଗଡମଧୁପୁର, ମଧୁବନ ଆଦି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୭୦ ଛାତ୍ର/ଛାତ୍ରୀ କ୍ରୀଡାରେ ଅଂଶ ଗ୍ରହଣ କରିଥିଲେ ।ଏହି କ୍ରୀଡା ପ୍ରତିଯୋଗୀତାରେ ମୋଟ ୫୪ ପ୍ରକାର ଖେଳ କରାଯାଇଥିଲା । ଶିଶୁ, ବାଲ, କିଶୋର ତିନୋଟି ବିଭାଗର ଖେଳ କରାଯାଇଥିଲା । ବିଦ୍ୟାଳୟ ସ୍ତରର କ୍ରିଡାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର/ଛାତ୍ରୀ ମାନେ ଏହି ସଙ୍କୁଳ ସ୍ତରୀୟ କ୍ରିଡାରେ ପ୍ରତିଯୋଗୀ ଭାବେ ଭାଗ ନେଇଥିଲେ । ମା ହିଙ୍ଗୁଳା ମନ୍ଦିରରୁ ଜ୍ୟୋତି ବାହାରି ଗ୍ରାମ ପରିକ୍ରମା କରି ଖେଳ ପଡିଆରେ ପହଂଚିଥିଲା । ଏହି ସଙ୍କୁଳ କ୍ରିଡାକୁ ଯାଜପୁର ଜିଲ୍ଲା ଆଥେଲେଟିକ ଆସୁସିଏସନର ସଭାପତି ରସାନନ୍ଦ ମହାନ୍ତି ଉଦ୍ଘାଟନ କରିଥିଲେ । କ୍ରୀଡାକୁ ୧୫ ଜଣ ଶାରୀରିକ କ୍ରିଡା ଶିକ୍ଷକ ପରିଚାଳନା କରିଥିଲେ । ଅପରାହ୍ନରେ ଏହି କ୍ରିଡା ପ୍ରତିଯୋଗୀତାର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅମୃଥିଆ ଶିଶୁ ମନ୍ଦିରର ସଭାପତି ନଟବର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲ୍ଲା ସମ୍ବାଦିକ ସଙ୍ଘର ସଭାପତି ସୁବାସ ଧଳ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପ୍ରମୁଖ ଅଶୋକ କୁମାର ସାହୁ ସମ୍ମାନୀତ ଅତିଥିଭାବେ ସଙ୍କୁଳ ପ୍ରମୁଖ ଅଶୋକ କୁମାର ଶତପଥି ପ୍ରମୁଖ ଯୋଗଦେଇ କ୍ରୀଡାର ଆବଶ୍ୟକତା, ପରିବେଶ ଓ ଶରୀର ପାଇଁ କ୍ରୀଡାର ଉପାଦେୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବ୍ୟାସନଗର ସଙ୍କୁଳ ପ୍ରମୁଖ ଅଭିମନ୍ୟୁ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଅରୁଣ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମୂଳାପାଳ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ, ପାଣିକୋଇଲିର ପ୍ରମୋଦ କୁମାର ପଣ୍ଡା, ଶଙ୍ଖଚିଲାର ପ୍ରଦୀପ୍ତ ବିଶ୍ୱାଳ, କଳଣର ହେମନ୍ତ ଜେନା, ଗଡମଧୁପୁରର ସୁବ୍ରତ ମହାପାତ୍ର, ମଧୁବନର ଅମରେନ୍ଦ୍ର ସାହୁ, ସଙ୍କୁଳ କ୍ରୀଡା ପ୍ରମୁଖ ନାରାୟଣ ପାଣିଗ୍ରାହି ଓ ସମସ୍ତ ବିଦ୍ୟାଳୟର ଶାରୀରିକ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା । କ୍ରୀଡାରେ କୃତୀତ୍ୱ ଅର୍ଜନ କରିଥିବା ସମସ୍ତ ଛାତ୍ର/ଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ମୁଖ୍ୟ ଅତିଥିଙ୍କ ଶ୍ରୀ ଧଳଙ୍କ ଦ୍ୱାରା କ୍ରୀଡା ପତାକା ଉତୋଳନ ଓ ଜ୍ୟୋତିରୁ ଅଗ୍ନି ସଂଯୋଗ ବନ୍ଦ ପରେ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଅମୃତିଆ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ମମତା ମଂଜରୀ ସାହୁ, ହରେକୃଷ୍ଣ ପଣ୍ଡା, ବିଦ୍ୟାଳୟର ସମସ୍ତ ଗୁରୁଜୀ /ଗୁରୁମା. ବଜରଙ୍ଗୀ, ଘୋଷବାଦ୍ୟ କାରୀ, ଓ ଗ୍ରାମାବସୀ ସହଯୋଗ କରିଥିଲେ ।

# ପର କରିଦେଇଥିଲା ନିଜ ପରିବାର : କୋଳାଗ୍ରତ କରିନେଲା ବୃଦ୍ଧାଶ୍ରମ

କେନ୍ଦୁଝର , ୧୭/୧୨ (ନି.ପ୍ର): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗ ନେଲୁଙ୍ଗ ଗରାମ ତୋଟାସାହୀ ର ୯୦ ବର୍ଷିୟା ବୃଦ୍ଧା ଲକ୍ଷ୍ମୀ ନାୟକ । ତାହ୍‌କର ଦୁଇ ପୁଅ । କିନ୍ତୁ ଭାଗ୍ୟର ବିଡମ୍ବନା , ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ନିଜର ରକ୍ତର ଦୁଇ ପୁଅ ତାଙ୍କୁ ଆଉ ପଚାରିଲେ ନାହିଁ । ପୁଅ ଦ୍ୱୟ ଏତେ ପରିମାଣରେ ନିଜ ଜନ୍ମିତ ମା ପ୍ରତି ନିର୍ଦ୍ଦୟ ହୋଇ ପଡିଲା ଯେ ତାଙ୍କୁ ଖାଇବା ପିଇବାକୁ ଦେଲାନାହିଁ । ଏବଂ ଘରୁ ମଧ୍ୟ ବାହାର କରିଦେଲେ । ଫଳରେ ଲକ୍ଷ୍ମୀ ସେହି ଗ୍ରାମରେ ଏକ ଜରିପାଲ କୁଡିଆ ତଳେ ଅତି କଷ୍ଟରେ ଜୀବନ ବିତାଇ ଆସୁଥିଲା । ଏ ପଟେ ଏ ସଂପର୍କରେ ସୂଚନା ପାଇବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଘଟଣା ସ୍ଥଳକୁ ଗସ୍ତ କରି ସମସ୍ତ ଘଟଣା ସଂପର୍କରେ ଅବଗତ ହେବା ପରେ ତାଙ୍କ ପରିବାରର ସମ୍ମତି ନେଇ ସେଠାରୁ ଲକ୍ଷ୍ମୀଙ୍କୁ ଉଦ୍ଧାର କରାଯାଇ ଡିଏମଏଫ ଦ୍ୱାରା ସ୍ଥାପିତ ଆଶ୍ରୟ କେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ସେ ରାତ୍ରୀ ରହଣୀ କରିଥିଲେ । ଏବଂ ପରଦିନ ଏକ ଆମ୍ବୁଲାନ୍ସ ଦ୍ୱାରା ତାଙ୍କୁ ଡିଏମ୍ଏଫ ଫଣ୍ଡରେ ପ୍ରତିଷ୍ଠିତ ଯୋଡାସ୍ଥିତ ବୃଦ୍ଧାଶ୍ରମକୁ ଅତି ଯତ୍ନ ଓ ସମ୍ମାନର ସହ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କ ପାଇଁ ସ୍ୱତନ୍ତ୍ର ବେଡ, ମଶାରୀ , କମ୍ବଳ ଆଦିର ମଧ ବ୍ୟବସ୍ଥା କରାଯାଇଛି । ଏଭଳି ପରିବେଶ ପାଇ ସେ ବହୁତ ଖୁସି ବ୍ୟକ୍ତ କରିଥିବା ଜଣା ପଡିଛି । ପ୍ରକାଶ ଥାଉକି ଯେ ଲକ୍ଷ୍ମୀ ନାଏକ ଙ୍କ ସ୍ୱାମୀ ଥିଲେ ଦଶରଥ ନାଏକ । ସେ ଦୀର୍ଘ ବର୍ଷ ପୂର୍ବେ ସ୍ୱର୍ଗବାସ ହୋଇଛନ୍ତି । ତାଙ୍କର ଦୁଇ ପୁଅ ଥିବା ବେଳେ ଗତ କୋଭିଡ ସମୟରେ ବଡପୁଅ ମଧ ଆରପାରିକି ଚାଲି ଯାଇଥିଲେ । ଏବେ ଘରେ ବିଧବା ବଡବୋହୂ ସହ ସାନପୁଅ ବୋହୂ ଓ ନାତି ନାତୁଣୀ ରହିଛନ୍ତି । ପରିବାରରେ ଏତେ ଲୋକ ଥାଇ ମଧ ପରିବାର ତାଙ୍କୁ ପର କରିଦେଲା । କିନ୍ତୁ ଜିଲ୍ଲା ପ୍ରଶାସନ ଏବେ ବୃଦ୍ଧା ଲକ୍ଷ୍ମୀଙ୍କୁ ଆ ଦରି ନେଇଛି ।

# ତିନି କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟ କରିଛି ପୋଲିସ

ଜୟପୁର, ୧୭/୧୨ (ନି.ପ୍ର): ଅପରେସନ ଗ୍ରୀନ କ୍ଲିନ । ତିନି କୋଟି ପଚାଶ ଲକ୍ଷ ଟଙ୍କା ଗଞ୍ଜେଇ ଚାଷ ନଷ୍ଟ କରିଛି ପୋଲିସ । ବୈପାରୀଗୁଡା ପୋଲିସ ମାଝୀଗୁଡା ପଂଚାୟତରେ ଗଞ୍ଜେଇ ଚାଷ ନଷ୍ଟ ଅଭିଯାନ ଜାରି ରଖିଛି । ସ୍ଥାନୀୟ ପୋଲିସ, ଅବକାରୀ ବିଭାଗ, ଡିବିଏଫ ଟିମ ପକ୍ଷରୁ ୩୫ ଏକର ଜମିରେ ଲାଗିଥିବା ତିନି ହଜାର ପାଂଚଶହ ଗଞ୍ଜେଇ ଗଛ କାଟି ପୋଡି ଦିଆଯାଇଛି । ଏହାର ବଜାର ମୂଲ୍ୟ ତିନି କୋଟି ପଚାଶ ଲକ୍ଷ ଟଙ୍କା ବୋଲି ପୋଲିସ ସୂଚନା ଦେଇଛି । ଗୁଇନ୍ଦା ବିଭାଗର ସୂଚନା ଅନୁଯାଇ ପୋଲିସ ଡ୍ରୋନ ସାହାଯ୍ୟରେ ବିଭିନ୍ନ ଜାଗାକୁ ପୂର୍ବରୁ ଚିହ୍ନଟ କରାଯାଇଛି । ଆଉ ଆଜି ମାଝୀଗୁଡା ପଂଚାୟତର ଉଲଦାନ, ମହୁଲପୁଟ, କାତପୋଡା ଆଦି ସ୍ଥାନରେ ଗଞ୍ଜେଇ ଚାଷ ନଷ୍ଟ ପାଇଁ କଡା ପଦକ୍ଷେପ ନିଆଯାଇଛି । ଏଥିରେ ବୈପାରୀଗୁଡା ଏସଆଇ ବିଷ୍ଣୁ ପ୍ରସାଦ ଶବର, ଏଏସଆଇ ମାତିସିଂ ନାୟକ, ଅବକାରୀ ଅଧିକାରୀ ନୀଳାଦ୍ରି ମିଶ୍ର ଏବଂ କୋରାପୁଟ ଡିବିଏଫ ଟିମ ଉପସ୍ଥିତ ଥିଲେ ।

# ଶିକ୍ଷକ ଶିକ୍ଷା ବିଭାଗର ଅଧିଗ୍ରହଣ କାର୍ଯ୍ୟକ୍ରମ

ଜୟପୁର, ୧୭/୧୨ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗର ଅଧିଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଏଡ୍ ପାଠ୍ୟକ୍ରମରେ ନାମ ଲେଖେଇ ଥିବା ୫୦ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ତିନି ଭାଗରେ ବିଭକ୍ତ କରାଯାଇଥିଲା ଉଦଘାଟନ୍, ପାଠ୍ୟକ୍ରମ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ । ଉଦଘାଟନ ଅଧିବେସନକୁ ବିଶ୍ୱବିଦ୍ୟାଳୟର କୁଳସଚିବ ଡ଼.ଗୋପାଳ ହାଲଦାର ଉଦଘାଟନ କରିବା ସହ ବିଏଡ ପାଠ୍ୟକ୍ରମ ଖୋଲିବାର ପରିଶ୍ରମ ଓ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ପିଜି କାଉନସିଲ ଚ୍ୟାରମ୍ୟାନ୍ ଡଃ. କିଚକ ଚନ୍ଦ୍ର ଜେନା ଗୁରୁ ଛାତ୍ର ଛାତ୍ରୀ ମାନଙ୍କୁ ଉଜ୍ୱଳ ଭବିଷ୍ୟତ ପାଇଁ ପରାମର୍ଶ ଦେଇଥିଲେ । ବିଭାଗୀୟ ମୁଖ୍ୟ ଡଃ. ମନୋରଞ୍ଜନ ପ୍ରଧାନ ଅଧିବେଶନର ସଭାପତିତ୍ୱ କରିବା ସହିତ ଦୁଇ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ସହକାରୀ ପ୍ରଫେସର ଲୋକେଶ ପ୍ରଧାନ, ଡଃ. ମନୋରଞ୍ଜନ ପ୍ରଧାନ, ଡଃ. ନିଳାଚଳ ପ୍ରଧାନ, ଶ୍ରୀମତୀ କସ୍ତୁରୀ ଆଚାର୍ଯ୍ୟ, ଧୀରଜ ଖୋସଲା, ଏସ୍ ଭି ରାମଣା ବିଏଡ୍ ପାଠ୍ୟକ୍ରମ, ଅଭ୍ୟାସ ଶିକ୍ଷାଦାନ, ସାମାଜିକ ସଚେତନତା, ଯୋଗ, କଳା ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ । ଶେଷରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୁରୁ ଛାତ୍ର ଛାତ୍ରୀ ମାନେ ବାଲ୍ୟ ବିବାହ ସମ୍ବନ୍ଧୀୟ ଏକ ନାଟକ ମଂଚସ୍ଥ କରିବା ସହ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ । ଧନ୍ୟବାଦ ଅର୍ପଣ ପରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।

# ପିଏନ କଲେଜ ସାମ୍ନାରେ ଫୁଟ୍ ଓଭରବ୍ରିଜ୍ ଦାବି କଲା ଏବିଭିପି

ଖୋର୍ଦ୍ଧା, ୧୭/୧୨ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମୁଖ ରାଜପଥରେ ଏକ ଫୁଟ ଓଭର ବ୍ରିଜ ନିର୍ମାଣ କରିବା ଦାବି ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ ୟୁନିଟ୍ ପକ୍ଷରୁ ୟୁନିଟ୍ ସଭାପତି ଦଧିବାମନ ଦାସ ଓ ସମ୍ପାଦକ ରାଜେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କଲେଜ୍ ସମ୍ମୁଖ ଗେଟ ଆଗରେ ଧାରଣା ଦିଆଯାଇଥିଲା । ତେବେ ଦୀର୍ଘ ଦିନ ଧରି ଜାତୀୟ ରାଜପଥ ଉପରେ ଫୁଟ୍ ଓଭର ବ୍ରିଜ୍ ପାଇଁ ଦାବୀ କରାଯାଇଛି । ଦୈନିକ ଟାଙ୍ଗୀ, କୁହୁଡ଼ି, ଜଂକିଆ, ମଳିପଡ଼ା ଓ ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ସ୍ଥାନରୁ ପ୍ରାୟ ୩୦୦୦ ଛାତ୍ର ଛାତ୍ରୀ ବସ୍ ଯୋଗେ ଅଧ୍ୟୟନ ପାଇଁ କଲେଜ୍ ଯିବା ଆସିବା କରୁଛନ୍ତି । ବସ୍ ରୁ ଓହ୍ଲାଇବା ପରେ ଏବଂ ଘରକୁ ଯିବା ବେଳେ ବିପଦପୂର୍ଣ୍ଣ ଭାବେ ରାସ୍ତା ପାରି ହେବାକୁ ପଡୁଛି ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା - ପ୍ରିତିପ୍ରଲଭି ମହାପାତ୍ର କହିଛନ୍ତି । ଜାତୀୟ ରାଜପଥ କାମ ଚାଲୁଥିବା ବେଳେ କଲେଜ୍ ସମ୍ମୁଖରେ ଅଣ୍ଡରପାସ୍ ନିମନ୍ତେ କଲେଜ୍ କତୃପକ୍ଷ ଓ ଜିଲ୍ଲାପାଳଙ୍କୁ ଭେଟି ଛାତ୍ର ଛାତ୍ରୀ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏଭଳି ସ୍ଥିତିରେ ଛାତ୍ରଛାତ୍ରୀ ବିପଦ ସଙ୍କୁଳ ଅବସ୍ଥାରେ ରାସ୍ତା ପାରି ହେଉଛନ୍ତି ତେଣୁ ଏବିଭିପି ପକ୍ଷରୁ ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷା ନିମନ୍ତେ କଲେଜ୍ ସମ୍ମୁଖରେ ଏକ ଫୁଟ୍ ଓଭରବ୍ରିଜ୍ ଅତ୍ୟନ୍ତ ଆବଶ୍ୟକ ହୋଇପଡିଛି ବୋଲି କେନ୍ଦ୍ରୀୟ କାର୍ଯ୍ୟ କାରିଣୀ ସଦସ୍ୟା - ଦୀପ୍ତିମଇ ପ୍ରତିହାରୀ ଦାବୀ କରିଛନ୍ତି । ଯଦି ଛାତ୍ର ଛାତ୍ରୀ ମାନଙ୍କ ଏହି ନାର୍ଯ୍ୟ ଦାବୀ ତୁରନ୍ତ ପୂରଣ ନହୁଏ ତେବେ ଆଗାମୀ ସମୟରେ ଛାତ୍ର ଛାତ୍ରୀ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ ପନ୍ଥା ଆପଣେଇବେ ବୋଲି ଏବିଭିପି ଖୋର୍ଦ୍ଧା ଜିଲ୍ଲା ସହ-ସଂଯୋଜକ ସୋଭନ ରାଉତରାୟ ଚେତାବନୀ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କ ଠାରୁ ଏକ ଦସ୍ତଖତ ଅଭିଯାନ ଆରମ୍ଭ କରି ଅଧ୍ୟକ୍ଷାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଅଭିଯାନରେ ଜଗନ ସେଠି, ସାଗର ଜେନା, ସୋନାଲି ବେହେରା, ଶକ୍ତିପ୍ରସାଦ ପଣ୍ଡା, ଓମ୍ ଚିନ୍ମୟ ଶକ୍ତି, ପ୍ରୀତି ବେହେରା ଓ ପପୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# କଳାବ୍ୟାଜ ପିନ୍ଧିଲେ ଅଗ୍ନିଶମ କର୍ମଚାରୀ

ଜୟପୁର, ୧୭/୧୨ (ନି.ପ୍ର): ଦୁଇଦଫା ଦାବି ନେଇ ଚାରି ଦିନ ହେବ ଓଡିଶା ଅଗ୍ନିଶମ ସେବା କର୍ମଚାରୀ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟନିର୍ବାହ କରୁଥିବା ବେଳେ ଜୟପୁର ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ମଧ କଳାବ୍ୟାଜ ପରିଧାନ କରି କାର୍ଯ୍ୟରତ ଅଛନ୍ତି । କର୍ମଚାରୀମାନେ ଦାବି କରିଛନ୍ତି ଯେ, ପୋଲିସ ବିଭାଗର ହାବିଲଦାର, କନେଷ୍ଟବଲଙ୍କ ପରି ସମାନ ପରୀକ୍ଷା ଦେଇ ଅଗ୍ନିକ ଭାବେ ନିଯୁକ୍ତି ପାଇଥିଲେ ମଧ ସେମାନଙ୍କ ଦରମାରେ ତାରତମ୍ୟ ରହିଛି । ୨୦୧୦ରୁ ଓଡିଶା ପୋଲିସ୍ କନଷ୍ଟେବଲ ଓ ହାବିଲଦାର ପାଉଥିବା ଦରମା ସହ ମୁଖ୍ୟ ଅଗ୍ନିକ, ଅଗ୍ନିକଙ୍କ ବେତନ ସମାନ ଥିଲା । ଏହା ପରଠାରୁ ଦରମାରେ ଅସଙ୍ଗତି ହେବା ଆରମ୍ଭ ହୋଇଯାଇଥିଲା । ଏ ନେଇ ବାରମ୍ବାର ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳି ନଥିଲା । ସେହିପରି ମୁଖ୍ୟଆଗ୍ନିକ ଓ ଆଗ୍ନିକ ସଂଘ ୧୯୮୦ରୁ ଗଠିତ ହୋଇ ସେମାନଙ୍କ ଦାବି ଉପସ୍ଥାପନ କରିଆସୁଥିଲେ ମଧ ୨୦୧୪ ମସିହା ପରଠାରୁ ସଂଘକୁ ଅକାମୀ କରିଦିଆଯାଇଛି । ଫଳରେ କର୍ମଚାରୀମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ସରକାରଙ୍କୁ ଅବଗତ କରିପାରୁନାହାଁନ୍ତି । ଓଡିଶା ପୋଲିସ୍ କର୍ମଚାରୀଙ୍କ ଭଳି ସମାନ ଦରମା ଓ ସଂଘକୁ କାର୍ଯ୍ୟକ୍ଷମ କରିବା ଦାବିରେ ୨୦୧୮ ମସିହାରେ ଅଗ୍ନିଶମ କର୍ମଚାରୀମାନେ ରାଜରାସ୍ତାକୁ ଓହ୍ଲାଇଥିଲେ । କର୍ମଚାରୀମାନଙ୍କ ଦାବିଖୁବ ଶୀଘ୍ର ପୂରଣ ହେବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ, ୫ ବର୍ଷ ବିତିଯାଇଥିଲେ ମଧ ସେମାନଙ୍କ ଦାବି ପ୍ରତି କେହି କର୍ଣ୍ଣପାତ କରୁନାହାଁନ୍ତି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜୟପୁର ଅଗ୍ନିଶମ କେନ୍ଦ୍ର ସମ୍ମୁଖରେ କଳାବ୍ୟାଜ ପିନ୍ଧି ଆନ୍ଦୋଳନ କରୁଥିବା କର୍ମଚାରୀମାନେ କହିଛନ୍ତି ।

# ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା : ଦୋଷୀକୁ ୨୦ ବର୍ଷ ଜେଲ୍, ୨୫ ହଜାର ଜରିମାନା

କନ୍ଧମାଳ, ୧୭/୧୨ (ନି.ପ୍ର): ଫୁଲବାଣୀ ଫାଷ୍ଟ ଟ୍ରାକ କୋର୍ଟ ର ବିଚାରପତି ଅନୀତା ସାହୁ ଏକ ୧୪ ବର୍ଷିୟା ନାବାଳିକା ଦୁଷ୍କର୍ମ ମାମଲାର ବିଚାର ୧୩ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ୍ ଆଧାରରେ ବିଚାର କରି ନାଗାର୍ଜ୍ଜୁନ ବିଶୋଇ (୨୭) ପିତା କୃଷ୍ଣ ବିଶୋଇ ଗ୍ରାମ କୁଟୁନିପଡା (ବିଶିପଡ଼ା) କନ୍ଧମାଳକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ତାକୁ ଆଉ ଅଧିକ ୯ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି ବିଚାରପତି । ସରକାରଙ୍କ ତରଫରୁ ପୋସ୍କୋ କୋର୍ଟର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ । ସୂଚନା ଅନୁସାରେ, ପୀଡିତା ଗତ ୨୦୨୨ ମସିହା ମଇ ମାସ ୧୯ ତାରିଖ ସକାଳ ୬ଟା ୩୦ ମିନିଟ୍ ରେ ବିଦ୍ୟାଳୟକୁ ଯିବାବେଳେ ଅଭିଯୁକ୍ତ ତାକୁ ବିଦ୍ୟାଳୟରେ ଛାଡ଼ି ଦେବି କହି ଫୁଲବାଣୀ ସହରକୁ ନେଇ ଆସି ଦିନସାରା ବିଭିନ୍ନ ସ୍ଥାନ ବୁଲେଇ ରାତି ୯ଟା ୩୦ ମିନିଟ୍ ପାଖାପାଖି ବେଳେ ହନୁମାନ ମନ୍ଦିର ପାହାଡ଼କୁ ଟାଣି ନେଇ ଦୁଷ୍କର୍ମ କରିଥିଲା ଏବଂ ଭୋର ୪ଟା ୩୦ ମିନିଟ୍ ରେ ଏ କଥା କାହାରିକୁ କହିଲେ ଜୀବନରେ ମାରି ଦେବାର ଧମକ ଦେଇ ପୀଡ଼ିତାକୁ ଛାଡ଼ି ଚାଲି ଯାଇଥିଲା । ପୀଡ଼ିତାର ମାଆ ଫୋନ୍ ପାଇ ଭୁବନେଶ୍ୱରରୁ ଆସି ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ । ଥାନାଧିକାରୀ ଏକ ମାମଲା ୭୭/୨୦୨୨ ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ । ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି ।

# ଜାତୀୟ ବାଣିଜ୍ୟ ସମ୍ମିଳନୀରେ ସନ୍ଦର୍ଭ ପାଠ ପାଇଁ ଅଧ୍ୟାପକ ଡଃ. ରଞ୍ଜନ କୁମାର ସ୍ୱାଇଁ ସମ୍ବର୍ଦ୍ଧିତ

ମାଲକାନଗିରି, ୧୭/୧୨ (ନି.ପ୍ର): ଜାତୀୟ ବାଣିଜ୍ୟ ସଂଘ ତରଫରୁ ନୂଆଦିଲ୍ଲୀ ଠାରେ ଏକ ତିନି ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଡଃ. ରଞ୍ଜନ କୁମାର ସ୍ୱାଇଁ ଯୋଗଦାନ କରିବା ସହିତ ନୂଆଦିଲ୍ଲୀ ସ୍ଥିତ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ପ୍ରେକ୍ଷାଳୟରେ ଏକ ନିଜସ୍ୱ ସନ୍ଦର୍ଭ ପାଠ କରିଥିଲେ । ସନ୍ଦର୍ଭଟିର ବିଷୟ ବସ୍ତୁ ଥିଲା (ଫାଇନାନସିଆଲ ଚ୍ୟାଲେଞ୍ଜ ଅଫ ମିନେନିଆଲ ଷ୍ଟାଟଫ ଇନ ଇଣ୍ଡିଆ) । ଡଃ. ରଞ୍ଜନ କୁମାର ସ୍ୱାଇଁ ପାଠ କରିଥିବା ଏହି ସନ୍ଦର୍ଭଟିକୁ ପ୍ରଫେସର ଡ଼ଃ. ସୀମା ସିଂଘା, ଚେୟାର ପର୍ସନ ଭୂରିୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ଓପି ଜିନ୍ଦଲ ଗ୍ଲୋବାଲ ୟୁନିଭରସିଟି ସୁନେପଥ ଠାରେ ନୂତନ ଶିକ୍ଷା ପଲିସି, ଉଦ୍ୟୋଗୀ, ଉଦ୍ଭାବନ ଏବଂ ଷ୍ଟାଟଫ ବିଷୟରେ ୩୭୮ ଜଣ ସନ୍ଦର୍ଭ ପାଠ କରିଥିଲେ । କେ.ବି.କେ. ଅଂଚଳରୁ ଡଃ. ସ୍ୱାଇଁ ଏକମାତ୍ର ବ୍ୟକ୍ତି ଉକ୍ତ କର୍ମଶାଳାରେ ନିଜସ୍ୱ ସନ୍ଦର୍ଭ ପାଠ କରି ଜିଲ୍ଲା ପାଇଁ ଗର୍ବ ଗୌରବ ଆଣିଛନ୍ତି । ଏହି ପରିପ୍ରେକ୍ଷୀରେ ମାଲକାନଗିରି ମହାବିଦ୍ୟାଳୟ ଅଧକ୍ଷଙ୍କ ପ୍ରକୋଷ୍ଠରେ ଆଜି ଅଧକ୍ଷ ଲିଙ୍ଗରାଜ ମିଶ୍ର, ପୂର୍ବତନ ଅଧକ୍ଷ ଅଶୋକ କୁମାରୀ ଷଡ଼ଙ୍ଗୀ, ବିଭାଗୀୟ ମୁଖ୍ୟ ଇଂରାଜୀ ଉମେଶ ଚନ୍ଦ୍ର ରାଉତ, ପ୍ରେମରେଖା ଭତ୍ରା, ପ୍ରମେୟ କୁମାର ମହାନ୍ତି, ଲକ୍ଷ୍ମୀ କୁଜୁର ଏବଂ ସୁଜିତ କୁମାର ପାଣିଗ୍ରାହୀ, ଡଃ. ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ବୁଦ୍ଧିଜୀବି ଅଭିନନ୍ଦନ ଜଣାଇବା ସହିତ ଖୁସି ବ୍ୟକ୍ତ କରିଛନ୍ତି ।

# ଯୋଡାରେ ପହଂଚିଲା ଅକ୍ଷତ କଳସ

ବଲାଣି, ୧୭/୧୨ (ନି.ପ୍ର): ଶୁକ୍ରବାର ଅପରାହ୍ନ ୫ଟା ସମୟରେ ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାରୁ ଶ୍ରୀରାମ ଲାଲାଙ୍କ ଠାରେ ପୂଜିତ ଅକ୍ଷତ କଳସ ଯୋଡାରେ ପହଂଚିଛି । ଜାନୁଆରୀ ୨୨ ତାରିଖରେ ପ୍ରତିଷ୍ଠା ହେବ ଅଯୋଧ୍ୟା ରାମ ମନ୍ଦିର । ରାମ ମନ୍ଦିର ପୂଜାରେ ସାମିଲ ହେବା ସହ ରାମ ଲାଲାଙ୍କ ଦର୍ଶନ ପାଇଁ ନିମନ୍ତ୍ରଣ ଦିଆଯାଇଛି । ଏହି ଭବ୍ୟ କଳସକୁ ଶହ ଶହ ଭକ୍ତ ସ୍ୱାଗତ କରିଛନ୍ତି । ଏହି ଅକ୍ଷତ କଳସକୁ ଶତାଧିକ ରାମଭକ୍ତ କଳାପାହାଡ ସ୍ଥିତ ମା ତାରିଣୀ ମନ୍ଦିରରୁ ପୂଜାର୍ଚ୍ଚନା କରିବା ପରେ ଯୋଡା ପୋଷ୍ଟ ଅଫିସ ସମ୍ମୁଖ ଓ ଏସବିଆଇ ନିକଟ ହନୁମାନ ମନ୍ଦିରରେ ଠାରେ ଆରତୀ କରାଯାଇଥିଲା । ପରେ କିର୍ତ୍ତନ ଘଣ୍ଟ ବାଦନ ସହ ଏକ ଭବ୍ୟ ଶୋଭାଯାତ୍ରା ସହିତ ନଗର ପରିକ୍ରମା କରାଯାଇଥିଲା । ଶୋଭାଯାତ୍ରା ରାସ୍ତାରେ ବିଭିନ୍ନ ମନ୍ଦିରରେ ଏହି ଅକ୍ଷତ କଳସକୁ ପୂଜାର୍ଚ୍ଚନା କରାଯାଇଥିଲା । ଏହି ଅକ୍ଷତ କଳସ ସ୍ୱାଗତ ସମାରୋହରେ ବିଶ୍ୱ ହିନ୍ଦୁ ପରିଷଦ ଯୋଡା ନଗରର ରଞ୍ଜିତ ମହାକୁଡ, ସୁରଜକାନ୍ତ ପାଠକ, ଶ୍ୟାମ ସୁନ୍ଦର ଅଗ୍ରୱାଲ, ଶରତ ବେହେରା, ଟଙ୍କଧର ପାତ୍ର, ଭୃଗୁନାଥ ସିଂଙ୍କ ସହିତ ଅନ୍ୟମାନେ ସାମିଲ ହୋଇଥିବାର ଦେଖାଯାଇଥିଲା ।

# ଅଚିହ୍ନା ରୋଗରେ ଗାଈଗୋରୁ ଆକ୍ରାନ୍ତ : ରୋଗ ଚିହ୍ନିପାରୁ ନାହାଁନ୍ତି ପଶୁ ଚିକିତ୍ସାଧିକାରୀ

ସାଲେପୁର, ୧୭/୧୨ (ନି.ପ୍ର): ସରକାରଙ୍କ ପକ୍ଷରୁ ଗୋ-ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିଲା ବେଳେ ନିଶ୍ଚିନ୍ତକୋଇଲି ପଶୁ ଚିକିତ୍ସା କେନ୍ଦ୍ରରେ କର୍ମଚାରୀଙ୍କ ଅଭାବରୁ ଗୃହପାଳିତ ପଶୁମାନଙ୍କର ଉପଯୁକ୍ତ ଚିକିତ୍ସା କରାଯାଇ ପାରୁନଥିବାରୁ ପଶୁମାନେ ମୃତ୍ୟୁମୁଖରେ ପଡୁଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ ନିଶ୍ଚିନ୍ତକୋଇଲି ପ୍ରାଣୀ ଚିକିତ୍ସାଳୟ ଅଧିନରେ ଥିବା ବିଭିନ୍ନ ପଂଚାୟତ ଯଥା ନେମାଳ, ତିଳକଣା, କଳମିଶ୍ର, ଜନାର୍ଦ୍ଦନପୁର, ସାନ୍ତପୁର ପାଳଦା ବାବୁଜଙ୍ଗ, ବନ୍ଧକାଟିଆ, ଦାଉଦପୁର, କେନ୍ଦୁପାଟଣା ଇତ୍ୟାଦି ପଂଚାୟତରେ ଶତାଧିକ ପରିବାର ଗୋରୁ ଗାଇ ଛେଳି ମେଣ୍ଢା ପାଳି ଜୀବିକା ନିର୍ବାହ କରୁଛନ୍ତି । ଅଧିକାଂଶ ସମୟରେ ଗୋରୁ ଗାଇଙ୍କୁ ଫାଟୁଆ ରୋଗ ସାଙ୍ଗକୁ ବହୁ ଅଚିହ୍ନା ରୋଗ ବ୍ୟାପୀ ଗୋରୁ ଗାଇ ମୃତ୍ୟୁ ମୁଖରେ ପଡୁଛନ୍ତି । ନିକଟରେ ତିଲକଣା ଓ ନେମାଳ ପଂଚାୟତ ମାଳିଗାଁରେ ଜନ୍ମକରିଥିବା ଗାଇମାନେ ଦିନେ ଦୁଇ ଦିନ ମଧ୍ୟରେ ଠିଆ ହୋଇ ନପାରି ତଳେ ପଡିଯାଇଥିଲେ । ଏହି ଗାଈମାନଙ୍କୁ ଚିକିତ୍ସା ପାଇଁ ମଣ୍ଡଳ ପଶୁ ଚିକିତ୍ସାଧିକାରୀ ଚିକିତ୍ସା କରିଥିଲେ ମଧ ଉପଯୁକ୍ତ ଚିକିତ୍ସା ଅଭାବରୁ ଏହି ଗାଈମାନେ ମୃତ୍ୟୁ ମୁଖରେ ପଡିଥିବା ଜଣାପଡିଛି । ସୂଚନାଯୋଗ୍ୟଯେ ଗୋରୁ ଗାଇଙ୍କୁ ଠିକ୍ ସମୟରେ ଚିକିତ୍ସା କରାଯାଉନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ଉଚ୍ଚପଦାଧିକାରୀ ଗୋପାଳକମାନଙ୍କୁ ସରକାର ଯୋଗାଇ ଦେଉଥିବା ସୁବିଧା ସୁଯୋଗକୁ ସୂଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ ଦାବି ହେଉଛି ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ପୁରୀ , ୧୭/୧୨ (ନି.ପ୍ର): କୃଷି ଆମ ଦେଶର ଆତ୍ମା ସଦୃଶ । ସେଥିପାଇଁ କୃଷି ଓ କୃଷକ ର ବିକାଶ ତଥା ଉତ୍ପାଦନ ବୃଦ୍ଧି ସହ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ଅନେକ ବ୍ୟବସ୍ଥା କରିଛନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡଃ ଶରତ ଚନ୍ଦ୍ର ମହାପାତ୍ର ମତବ୍ୟକ୍ତ କରିଛନ୍ତି । ଆଜି ଅପରାହ୍ନ ରେ ଶରଧାବାଲି ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଆୟୋଜିତ ୫ ଦିନିଆ ପୁରୀ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଉଦଯାପିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡଃ ମହାପାତ୍ର ଚାଷୀ ଭାଇ ଭଉଣୀ ମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ସକ୍ରିୟ ସହଯୋଗ ଓ କୃଷକ ମାନଙ୍କ ଉଦ୍ୟମ ର ଫଳ ସ୍ୱରୂପ ସମଗ୍ର ଦେଶରେ ଆମ ରାଜ୍ୟ ଏକାଧିକ ବାର କୃଷି କର୍ମଣ ପୁରସ୍କାର ହାସଲ କରିଛି । ବୈଜ୍ଞାନିକ ପଦ୍ଧତି ଓ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି ଚାଷୀ ଅଧିକ ଉତ୍ପାଦନ କରି ପାରୁଛି । ଯନ୍ତ୍ରପାତି ପାଇଁ ରିହାତି ଚାଷ ପ୍ରଣାଳୀ କୁ ଏକ ନୂତନ ଦିଶା ଦେଇଛି । ଏଥି ପ୍ରତି କୃଷକ ମାନଙ୍କୁ ଆହୁରି ଅଧିକ ଆକୃଷ୍ଟ କରିବା ସହ ଏହାର ଉପଯୋଗ ସମ୍ପର୍କରେ ସଚେତନ କରିବାକୁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମନୋଜ କୁମାର ମହାନ୍ତି ଏଥିରେ ଅଧକ୍ଷତା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହି ମେଳା ଦ୍ୱାରା କୃଷକ ବନ୍ଧୁ ମାନେ ଆଧୁନିକ ଯନ୍ତ୍ରପାତି ସମ୍ପର୍କରେ ଅବଗତ ହେବା ସହ କ୍ରୟ କରିଥିବା ସେ ସୂଚନା ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, କୃଷି ବିଜ୍ଞାନ କେନ୍ଦ୍ର ର ମତ୍ସ୍ୟ ବୈଜ୍ଞାନିକ ଡା ଅମ୍ବିକା ପ୍ରସାଦ ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ଅଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ କୃଷି ଓ କୃଷକ ର ଉନ୍ନତି ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ଏହି ମେଳାରେ କୃଷକ ମାନଙ୍କୁ ବିଭିନ୍ନ ଆଧୁନିକ ଯନ୍ତ୍ରପାତି ର ପ୍ରଦର୍ଶନ, ତାହାର ଉପଯୋଗ ଓ ଆଗ୍ରହୀ କୃଷକ ମାନଙ୍କୁ ବିକ୍ରୟର ବ୍ୟବସ୍ଥା କରାଯାଇଥିଲା । ମେଳାରେ ପ୍ରାୟ ୪୫ ଟି ଷ୍ଟଲ ହେବା ସହ କୃଷକ ମାନଙ୍କ ସହ ଆଲୋଚନା ଚକ୍ର, ସେମାନଙ୍କ ସମସ୍ୟା, ଆବଶ୍ୟକତା ଇତ୍ୟାଦି ସମ୍ପର୍କରେ ଆଲୋଚନା ମଧ କରାଯାଇଥିଲା । ଉଲ୍ଲେଖନୀୟ ଅବଦାନ ପାଇଁ ଅଗ୍ରଣୀ କୃଷକ, ଉଦ୍ୟୋଗୀ, ଅଧିକାରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ କୃଷି ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପିପିଲି ବ୍ଲକ କୃଷି ଅଧିକାରୀ ପୀୟୂଷ ପଲ୍ଲବ ପରିଡା ଓ ସୌଜନ୍ୟ କୁମାର ଦାସ ମଂଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ରେ କୃଷି କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ମାନେ ଯୋଗ ଦେଇ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ଆନ୍ତଃ ବିଭାଗ କ୍ରିକେଟ ପ୍ରତିଯୋଗିତା ନିମନ୍ତେ ପ୍ରସ୍ତୁତି ବୈଠକ

ବଲାଣି, ୧୭/୧୨ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନା ଅଧୀନସ୍ଥ ଓଡିଶା ଖଣି ସମୂହର ବଲାଣି ଲୌହ ଖଣିରେ କାର୍ଯ୍ୟରତ ବିଭିନ୍ନ ବିଭାଗ ମଧ୍ୟରେ ଆୟୋଜିତ ହେବାକୁ ଥିବା କ୍ରିକେଟ ପ୍ରତିଯୋଗିତା ନିମନ୍ତେ ସ୍ଥାନୀୟ କ୍ଲବ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବଲାଣି ଖଣିର କ୍ରୀଡା ଓ ସଂସ୍କୃତି କମିଟି ପକ୍ଷରୁ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବା ବେଳେ ଏହି ବୈଠକରେ କମିଟିର ବିଭିନ୍ନ ପଦାଧିକାରୀ ଉପସ୍ଥିତ ହୋଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ଖଣିର ମାଇନ୍ସ-ରେଡ୍, ଜେନେରାଲ-ଏ, ଜେନେରାଲ-ବି, ମାଇନ୍ସ-ବ୍ଲୁ, ଓପିପି, ଲୋଡିଙ୍ଗ ପ୍ଲାଣ୍ଟ, ମେକାନିକାଲ, ଇଲେକ୍ଟ୍ରିକାଲ ପ୍ରମୁଖ ୮ଟି ଦଳ ଖଣିର ବିଭିନ୍ନ ବିଭାଗ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ପ୍ରତିଯୋଗିତା ଆଗାମୀ ଜାନୁଆରୀ ମାସ ୩ ତାରିଖ ଠାରୁ ଆରମ୍ଭ ହୋଇ ଲିଗ ପର୍ଯ୍ୟାୟ ରେ ଅନୁଷ୍ଠିତ ହୋଇ ୮ ଦିନ ଧରି ସ୍ଥାନୀୟ ଫୁଟବଲ ପଡିଆ ଠାରେ ଆୟୋଜିତ ହେବ । ବିଜୟୀ ଓ ଉପବିଜେତା ଦଳଙ୍କୁ ଟ୍ରଫି ସହ ନଗଦ ରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକରେ କମିଟିର ଭୀମସେନ କୁଅଁର, ଚିନ୍ତାମଣି ନାଏକ, ସଲୋମୋନ ସାହୁ, ଅଭିମନ୍ୟୁ ସିଂହ, କ୍ରିପାଲ ସିଂହ, ପ୍ରଶାନ୍ତ ଦାସ, ରଞ୍ଜନ ବେହେରା, ରୂପକ ଦାସ, ମାନସ ପ୍ରଧାନ, ଦେବାଶିଷ ବେହେରା, ଅଫସର ହୁସେନ୍, ପୁତ୍ରମାନ ଲାମା, ମଳୟ ସାହୁ, ବିଶ୍ୱଜିତ ମହାନ୍ତି, ସୁଜିତ ମିଶ୍ର, ବୁନା ମହାନ୍ତି, ପ୍ରଭାକର ସେଠୀ, ନବୀନ ରାୟ, ପ୍ରଫୁଲ୍ଲ ପ୍ରଧାନ,ଶ୍ୟାମ ରାଯାକ,ଅମିତ ଦୀପକ, କୃଷ୍ଣା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ୬୮ ତମ ଜାତୀୟ ରେଳ ପୁରସ୍କାର ସମାରୋହ

ଭୁବନେଶ୍ୱର, ୧୭/୧୨ (ନି.ପ୍ର): ପୂର୍ବତଟ ରେଳପଥକୁ ଅନ୍ୟ ଜୋନାଲ ରେଳବାଇ ସହିତ ମିଳିତ ଭାବରେ ବାଣିଜ୍ୟିକ ଏବଂ ସୁରକ୍ଷା ବିଭାଗ କ୍ଷେତ୍ରରେ ଦୁଇଟି ସମ୍ମାନଜନକ ଦକ୍ଷତା ଶିଲ୍ଡ ପ୍ରଦାନ କରାଯାଇଛି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମାଙ୍କ ସହିତ ରେଳପଥର ପ୍ରମୁଖ ବାଣିଜ୍ୟିକ ପ୍ରବନ୍ଧକ ଭି ଆର ଲେନିନ୍ ବାଣିଜ୍ୟ ବିଭାଗରେ ଦକ୍ଷତା ଶିଲ୍ଡ ଗ୍ରହଣ କରିଥିବାବେଳେ ପ୍ରମୁଖ ସୁରକ୍ଷା ଆୟୁକ୍ତ ଆଲୋକ ବୋହରାଙ୍କ ସହ ସୁରକ୍ଷା ବିଭାଗ ପାଇଁ ଦକ୍ଷତା ଶିଲ୍ଡ ରେଳ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଠାରୁ ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଆୟୋଜିତ ୬୮ ତମ ଜାତୀୟ ରେଳ ପୁରସ୍କାର ସମାରୋହରେ ସମ୍ମାନଜନକ ଜାତୀୟ ପୁରସ୍କାର ଗ୍ରହଣ କରିଛନ୍ତି । ଏହା ବ୍ୟତୀତ, ପୂର୍ବତଟ ରେଳପଥକୁ ଗୋଟିଏ ବ୍ୟକ୍ତିଗତ ପୁରସ୍କାର 'ଅତି ବିଶିଷ୍ଟ ରେଳ ସେବା ପୁରସ୍କାର' ମଧ ପ୍ରଦାନ କରାଯାଇ ଛି । ଖୋର୍ଦ୍ଧା ରୋଡ ରେଳ ମଣ୍ଡଳର ମଣ୍ଡଳ ପରିଚାଳନା ପ୍ରବନ୍ଧକ (ଡିଭିଜନାଲ ଅପରେସନ୍ ମ୍ୟାନେଜର) ରାନ୍ଦି ମନୋଜ ବାବୁ ବ୍ୟକ୍ତିଗତ ଭାବେ 'ଅତି ବିଶିଷ୍ଟ ରେଳ ସେବା ପୁରସ୍କାର'ରେଳ ମନ୍ତ୍ରୀଙ୍କ ଠାରୁ ଗ୍ରହଣ କରିଛନ୍ତି ।

## ରାଶି ଅନୁସାରେ ଟାଟୁ

**ଷ୍ଟ୍ରେଣ୍ଡି ଓ ଷ୍ଟାଇଲିଶ୍ ଲୁକ୍ ପାଇବା ପାଇଁ ଏବେ ଟାଟୁ ଏକ କ୍ରେଜ୍ ପାଲଟିଛି। ହେଲେ ଏହା କରାଇବା ବେଳେ ଠିକ୍ ଟାଟୁ ବାଛିବା କଷ୍ଟକର ହୋଇପଡ଼େ। ତେଣୁ ରାଶି ଅନୁସାରେ ଟାଟୁ କରାଇବା ସବୁଠୁ ଭଲ। ଏହାଦ୍ୱାରା ଟାଟୁ ବାଛିବା ସହଜ ହେବା ସହ ତାହା ବ୍ୟକ୍ତିତ୍ୱକୁ ବି ମ୍ୟାଚ କରିବ...**





ମେଷ:- ମେଷ ରାଶି ଲୋକ ଖୁବ୍ ବୋଲ୍ଡ୍। ଏମାନେ ଯେଉଁ କାମ ଥରେ କରିବାକୁ ନିଷ୍ପତ୍ତି ନିଅନ୍ତି ତାକୁ ଶେଷ ନକରିବା ପର୍ଯ୍ୟନ୍ତ ନିଃଶ୍ୱାସ ମାରନ୍ତି ନାହିଁ। ନିଆଁ କିମ୍ବା



ନିଜ ନାମ ସହ ନିଆଁର ପ୍ରତୀକ ଭଳି ଟାଟୁ କରନ୍ତୁ। ଏହା ଆପଣଙ୍କ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ ବିକାଶ କରିବାର କାମ କରିବ। ଅବା ଆପଣ ଅମର ପକ୍ଷୀ ବା ଫୋଏନିକ୍ସର ଟାଟୁ ବି କରାଇପାରନ୍ତି। ଏହା କରିବା ପରେ ଜିତିବାକୁ ଦର୍ଶାଇଥାଏ।

ବୃଷ- ଏହି ରାଶିର ଲୋକ ଖୁବ୍ ପରିଶ୍ରମୀ, ପ୍ରାକ୍ଟିକାଲ ଓ ସାହସୀ। ଏମାନେ ବାହାରକୁ ଯିବା ସହ ପ୍ରାକୃତିକ ଜିନିଷକୁ ଖୁବ୍ ଭଲ ପାଆନ୍ତି। ତେଣୁ ଏହି ରାଶିର ବ୍ୟକ୍ତି ଫୁଲ, ଗଛ ତଥା ପ୍ରକୃତି ସହ ଜଡ଼ିତ ଜିନିଷ ଟାଟୁ କରିବା ଭଲ। ଏହା ବ୍ୟତୀତ ଷଣ୍ଢର ଟାଟୁ ବି କରାଇପାରନ୍ତି।

ମିଥୁନ:- ଉକ୍ତ ରାଶିର ଲୋକ ଖୁବ୍ ଭର୍ସାଟାଇଲ ଓ ଖୁସ୍ ମିଜାଜ। ଏମାନେ ଖୁବ୍ ଗପିବା ସ୍ୱଭାବର। ଏମାନେ କୌଣସି ଏକ ଲାଇନ ବିଶିଷ୍ଟ କୋଟର ଟାଟୁ କରିପାରିବେ। ତା'ସହିତ ଆପଣ ପ୍ରତ୍ୟେକ ଜିନିଷକୁ ବିଭିନ୍ନ ଦୃଷ୍ଟିକୋଣରୁ ଦେଖନ୍ତି। ଦୁଇଟି ଅଲଗା ଅଲଗା ଡିଜାଇନର ଟାଟୁକୁ ଏକାସାଙ୍ଗରେ ମିଶାଇ କରିପାରିବେ।

କର୍କଟ:- କର୍କଟ ରାଶିର, ଲୋକେ ନିଜ ପରିବାର ଓ ଜୀବନସାଥୀଙ୍କୁ ଖୁବ୍ ଭଲ ପାଆନ୍ତି। ତେଣୁ ଆପଣ ମା' ବାପା ଅଥବା ନିଜ ଜୀବନସାଥୀର ଟାଟୁ କରି ନିଜ ସ୍ୱଭାବକୁ ପ୍ରଦର୍ଶିତ କରିପାରିବେ। ଏହାବ୍ୟତୀତ ଆପଣ ଏକ ସୁନ୍ଦର କୋମଳ ଗୋଲାପ ଫୁଲ ଟାଟୁ ବି କରିପାରିବେ। ଏହା ଆପଣଙ୍କ ଅନ୍ତରର କୋମଳ ମନୋଭାବକୁ ପରିପ୍ରକାଶ କରିବ।

ସିଂହ- ସିଂହ ରାଶିର ଲୋକେ ରାଜକୀୟ ଜୀବନ ଅତିବାହିତ କରିବାକୁ ପସନ୍ଦ କରନ୍ତି। ତେଣୁ ବାଘ, ହୀରା ଓ ମୁକୁଟ ପରି ଭବ୍ୟତା ଦର୍ଶାଉଥିବା ଡିଜାଇନର ଟାଟୁ କରିପାରିବେ। ତା'ଛଡ଼ା ସୂର୍ଯ୍ୟ ଆପଣଙ୍କ ସ୍ୱାମୀ ହୋଇଥିବାରୁ ଫୁଲ ଟାଟୁ ବି କରିପାରିବେ।

କନ୍ୟା- ଏହି ରାଶିର ଲୋକେ ସବୁ କାମରେ ପରଫେକ୍ସନ ଚାହାନ୍ତି। ଆପଣଙ୍କ ପାଇଁ ଜ୍ୟାମିତିକ, ହିନ୍ଦୁ ଦେବୀ କିମ୍ବା ଫୁଲ ଲତାର ଡିଜାଇନ ପରଫେକ୍ଟ ଅପ୍ସନ।



ତୁଳା - ଏହି ରାଶିର ବ୍ୟକ୍ତି ଶାନ୍ତିର ପ୍ରତୀକ, ଯାହା ମାନବିକତାକୁ ଭଲପାଇବା ଦର୍ଶାଏ। ଏସେହି ଭଳି ଟାଟୁ କରାନ୍ତୁ। ତା'ଛଡ଼ା ଫୁଲ ଓ ବିଭିନ୍ନ ସୁନ୍ଦର ଡିଜାଇନ ଭିତରେ ଏକ ରୋମାଣ୍ଟିକ କୋଟର ଟାଟୁ କରିପାରିବେ।

ବିଛା- ଉକ୍ତ ରାଶିର ଲୋକ କେବେ ହାର ମାନି ନଥାନ୍ତି। ଏଥିପାଇଁ ବିଛାର ଟାଟୁ ଆପଣଙ୍କ ପାଇଁ ପରଫେକ୍ଟ ବିଛା ରାଶିକୁ ପାଣିର ପ୍ରତୀକ ବି ବିଶ୍ୱାସ କରାଯାଏ। ତେଣୁ ସମୁଦ୍ର ଅବା ଏଥିରେ ରହୁଥିବା ଜୀବ ଯେମିତିକି ଡଲଫିନ ଟାଟୁ ବି କରାଇପାରିବେ।

ଧନୁ- ଧନୁରାଶିର ଲୋକ ଖୁବ୍ ଆଡ୍‌ଭେଞ୍ଚର୍ସ। ଆଉ ଏମାନେ ବୁଲାବୁଲିରେ ସଉକ ରଖନ୍ତି। ନିଜର ଏହି ପ୍ରକୃତିକୁ ପ୍ରଦର୍ଶିତ କରାଇବା ପାଇଁ ଗ୍ଲୋବ କିମ୍ବା କୌଣସି ଭୌଗଳିକ ପ୍ରତୀକର ଟାଟୁ କବରିପାରିବେ।



ମକର- ଏହି ରାଶିର ଲୋକେବି ପରିବାରକୁ ଖୁବ ଭଲ ପାଇଥାନ୍ତି। ତେଣୁ ଆପଣ ନିଜର ପ୍ରିୟ ଲୋକ ତଥା ମା' ବାପା କିମ୍ବା ଅନ୍ୟ ସଦସ୍ୟଙ୍କ ନାମ କିମ୍ବା ପ୍ରତୀକର ଟାଟୁ କରିପାରିବେ। ଏମାନେ ଖୁବ ପରିଶ୍ରମୀ ବି ହୋଇଥାଆନ୍ତି। ତେଣୁ ଗଳ୍ପ କିମ୍ବା ପ୍ରେରଣା ପ୍ରଦାୟକ କୌଣସି କୋଟରୀ ଟାଟୁ ଆପଣଙ୍କ ପାଇଁ ଭଲ ଅପ୍ସନ।

କୁମ୍ଭ- ପାଣିକୁ ଦର୍ଶାଉଥିବା ଯେକୌଣସି ସିମ୍ବଲର ଟାଟୁ ଏହି ରାଶିର ଲୋକଙ୍କ ପାଇଁ ବେଷ୍ଟ ଅପ୍ସନ। ଏହା ସେମାନଙ୍କ ମାନବିକତା ଗୁଣକୁ ଦର୍ଶାଇବ। ଆପଣ ଚାହିଁଲେ କୌଣସି କୋଟ ସହିତ କୌଣସି ସିମ୍ବଲ କରାଇପାରିବେ।

ମୀନ- ଏହି ରାଶିର ଲୋକ ଖୁବ୍ ସ୍ୱପ୍ନାଭିଳାଷୀ। ଆଉ ସ୍ୱଭାବରେ ଖୁବ୍ ରୋମାଣ୍ଟିକ। ଏହି ରାଶିର ଲୋକ ସମୁଦ୍ରରେ ରହୁଥିବା ଜୀବ କିମ୍ବା ପଦ୍ମଫୁଲର ଡିଜାଇନକୁ ବାଛିପାରିବେ। ଆପଣ ଚାହିଁଲେ ପ୍ରଜାପତି କିମ୍ବା ଏକ ଶିଙ୍ଗ ଥିବା ଜୀବର ଟାଟୁ କରିପାରିବେ ।

## ଖାଇବା ପରେ ବଜ୍ରାସନ ଭଲ



ବଜ୍ରାସନ ଶବ୍ଦର ସୃଷ୍ଟି ଦୁଇଟି ଶବ୍ଦର ମିଶ୍ରଣରୁ ହୋଇଛି। ବଜ୍ର ଯାହାର ଅର୍ଥ ଡାଇମଣ୍ଡ ଏବଂ ଆସନର ଅର୍ଥ ବସିବା। ଏହି ଆସନକୁ ଡାଇମଣ୍ଡ ପୋଜ ମଧ୍ୟ କୁହାଯାଇଥାଏ। ଏହି ଆସନରେ କେବଳ ଖାଲି ବସାଯାଏ ତାହା ନୁହେଁ। ଏହି ଆସନରେ ବସି କ୍ରିୟା, ଯୋଗ, ପ୍ରାଣାୟାମ ମଧ୍ୟ କରାଯାଇଥାଏ। ଅନ୍ୟ ଯୋଗାସନକୁ କେବଳ ଖାଲି ପେଟରେ କରିବାର ନିୟମ ଥିବାବେଳେ ଏହା ଏପରି ଏକ ଆସନ ଯାହାକୁ ଖାଇବା ପରେ ମଧ୍ୟ କରାଯାଏ। ଏହି ଆସନ କେବଳ ଆପଣଙ୍କ ଶରୀରର ଓଜନ ହ୍ରାସ କରେ ତା'ନୁହେଁ, ଶରୀରର ଅନ୍ୟ ସମସ୍ୟା ମଧ୍ୟ ସହଜରେ ଦୂର କରିଥାଏ। ଆସନ୍ତୁ ପ୍ରତିଦିନ ଏହି ଆସନରେ କିଛି ମିନିଟ ବସିବା ଦ୍ୱାରା କେଉଁ ପ୍ରକାର ସ୍ୱାସ୍ଥ୍ୟଗତ ଉନ୍ନତି ହୁଏ ତାହା ବିଷୟରେ ଜାଣିବା।

ଏହି ଆସନକୁ କରିବା ବେଳେ ପ୍ରଥମେ ଆସନ ଉପରେ ଆଣ୍ଠେଇବା ପରି ବସନ୍ତୁ। ତା'ପରେ ଦୁଇ ପାଦକୁ ପଛୁଆ ସହ ସମତଳ, କରି ରଖନ୍ତୁ, ଯେପରି ଦୁଇ ପାଦରେ ଗୋଇଠି ଉପରେ ନିତମ୍ବ ରହିବ। ଦୁଇ ପାପୁଲିକୁ ଜଙ୍ଘ ଉପରେ ଚିତ୍ରରେ ଦେଖାଯାଇଥିବା ଭଳି ରଖନ୍ତୁ। ଏହି ଆସନ ଆରମ୍ଭରେ ଏକରୁ ଦୁଇ ମିନିଟ ଏପରି ବସନ୍ତୁ। ଧୀରେ ଧୀରେ ସମୟର ସୀମା ବଢ଼ାନ୍ତୁ। ଏହି ଆସନରେ ଜଣେ ଅଧଘ[। ପର୍ଯ୍ୟନ୍ତ ବସିପାରିବେ। ଏହି ଆସନ ପାଇଁ ସେମିତି କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ। ଏହି ଆସନ କରିବା ଫଳରେ ଖାଦ୍ୟ ହଜମ କରାଏ, ନିତମ୍ବର ମାଂସପେଶୀ କମାଏ, କୋଷ୍ଠ କାଠିନ୍ୟ ସମସ୍ୟା ଦୂରହୁଏ, କିଛି ସସମୟ ଏହି ଆସନରେ ବସିଲେ ମାନସିକ ସ୍ତରରେ ଶାନ୍ତି ଆସିବା ସହ ଆଧ୍ୟାତ୍ମିକ ଦିଗକୁ ମନ ବଳାଏ, ରକ୍ତସଂାଳନ ଉ ମ ରୂପେ ହେବା ସହ ପରିଶ୍ରା ସମସ୍ୟା ଦୂରହୁଏ, ଗଣ୍ଠି ଜନିତ (ଅର୍ଥ୍ରାଇଟିସ୍) ସମସ୍ୟା ଥିଲେ ଏହି ଆସନ ପେନକିଲର ଭାବେ କାମ କରେ।

## ଶର୍କରା ନିୟନ୍ତ୍ରଣର ଘରୋଇ ଉପଚାର



ଦେଶରେ ମଧୁମେହ ରୋଗୀର ସଂଖ୍ୟା ଦିନକୁ ଦିନ ଏବେ ବିପଦର ଘଣ୍ଟି ପରି ଅନୁଭୂତ ହେଲାଣି। ଏବେ ସମୟ ଆସିଛି ଏହି ଭୟଙ୍କର ରୋଗରୁ ନିଜକୁ ଦୂରେଇ ରଖିବାର। ଚିକିତ୍ସା ମାଧ୍ୟମରେ ମଧୁମେହ ସଂପୂର୍ଣ୍ଣ ଭଲ ହେବା କଷ୍ଟକର କିନ୍ତୁ ଡାକ୍ତରୀ ଓ କିଛି ଘରୋଇ ଚିକିତ୍ସାର ନିୟମିତ ସଠିକ୍ ଅବଲମ୍ବନ



ଦ୍ୱାରା ରୋଗର ନିୟନ୍ତ୍ରଣ ନିଶ୍ଚିତ କରିପାରିବେ। ତେବେ ମଧୁମେହର ନିତୟନ୍ତ୍ରଣ ପାଇଁ କ'ଣ ରହିଛି ଘରୋଇ ଉପଚାର, ଆସନ୍ତୁ ନଜର ପକାଇବା ସେ ସଂପର୍କିତ କିଛି ତଥ୍ୟ ଉପରେ।

ଅଁଳା: ଅଁଳାରେ ଭିଟାମିନ ସି ରହିଛି ଯାହା ପାନକ୍ରିଆଜରେ ଥିବା ବିଷାକ୍ତ ପଦାର୍ଥକୁ ବାହାର କରି ଏହାକୁଅଧିକ କାର୍ଯ୍ୟକ୍ଷମ କରାଏ। କିଛି ଅଁଳାକୁ ଭଲ ଭାବେ ଗ୍ରାଇଡିଂ କରି ଦୁଇ ଚାମଚ ରସକୁ ଏକ ଗ୍ଲାସ ପାଣି ଗୋଳାଇ ଖାଲି ପେଟରେ ପିଇପାରିବେ।

ତୁଳସୀପତ୍ର: ତୁଳସୀରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ ରହିଛି। ଯାହା ଖାଇବା ଦ୍ୱାରା ରକ୍ତରେ ଶର୍କରାର ମାତ୍ରାକୁ କମ କରେ। ପ୍ରତିଦିନ ଖାଲି ପେଟରେ କିଛି ତୁଳସୀ ପତ୍ର ଚୋବାଇ ଖାଇବା ଦ୍ୱାରା ମଧୁମେହରେ ନିୟନ୍ତ୍ରଣ ରହେ।

ଡାଲଚିନି: ପ୍ରାଚୀନ କାଳରୁ ଡାଲଚିନିର ପ୍ରୟୋଗ ଔଷଧ ଓ ରୋଷେଇର ମସଲା ପ୍ରସ୍ତୁତିରେ ହୋଇ ଆସୁଛି। ତେବେ ଡାଲଚିନିର ମଧୁମେହ ରୋଗୀଙ୍କ ପାଇଁ ମଧ୍ୟ ଖୁବ ଲାଭପ୍ରଦହୁଏ। ଏହା ମଧ୍ୟ ରକ୍ତରେ ଶର୍କରାର ମାତ୍ରା ବଢ଼ିଲେ ତାହାକୁ କମ କରାଏ। ପ୍ରତିଦିନର ଖାଦ୍ୟ ପ୍ରସ୍ତୁତିରେ କିଛି ଡାଲଚିନିର ବ୍ୟବହାର କରନ୍ତୁ।

ସଜନାଶାଗ: ଅଧାଗ୍ଲାସ ସଜନା ଶାଗର ରସକୁ ସକାଳେ ଖାଲି ପେଟରେ ପିଇବା ମଧୁମେହ ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ।

ନିମ୍ବପତ୍ର: ନିମ ପତ୍ରର ରସକୁ ଖାଲି ପେଟରେ ପିଇବା ଦ୍ୱାରା ଏହା ରକ୍ତରେ ଶର୍କରା ମାତ୍ରା ନିୟନ୍ତ୍ରଣ ରଖେ।

## ଶୀତଦିନିଆ ପାନୀୟ

ଶୀତଦିନରେ ପ୍ରତ୍ୟେକ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ଜରୁରୀ। କାରଣ ଥଣ୍ଡା, କାଶରେ ଅଧିକାଂଶ ବ୍ୟକ୍ତି ଏହି ଦିନରେ ପୀଡ଼ିତ ହୋଇଥାନ୍ତି। ସେଥିପାଇଁ କେତେପ୍ରକାର ପାନୀୟ ନିୟମିତ ଏହି ଋତୁରେ ପିଇବା ଉପକାରୀ।

- ନଖ ଉଷୁମ ୧ ଗିଲାସ କ୍ଷୀରରେ ଚିମୁଟାଏ ଜାଇଫଳ ଗୁଣ୍ଡ ପ୍ରତ୍ୟହ ପିଇଲେ ଥଣ୍ଡାରୁ ରକ୍ଷା ମିଳିବା ସହ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼େ।
- ସପ୍ତାହକୁ ଅନ୍ତତଃ ୨ଥର କ୍ଷୀରରେ ଅଧ ଚାମଚ ଗୋଲମରିଚ ଗୁଣ୍ଡ ମିଶାଇ ପିଇଲେ ଥଣ୍ଡା ରୋଗରୁ ମୁକ୍ତି ମିଳେ।
- ଖଜୁରି କୋଳି-କ୍ଷୀରକୁ ମିଶାଇ ଏକ ପାନୀୟ ପ୍ରସ୍ତୁତି କରି ପିଇଲେ ଶରୀରକୁ ଶକ୍ତି ମିଳିଥାଏ।
- ପ୍ରତିଦିନ ସାକଳେ ଶୀତ ଋତୁରେ ତୁଳସୀ ଅଦା ମିଶ୍ରିତ ଚା' ପିଇବା ଶରୀର ପାଇଁ ଉପକାରୀ।
- ଏହିଦିନେ ଅନ୍ୟ ଏକ ଉତ୍ତମ ପାନୀୟ ହେଉଛି ହଳଦୀ କ୍ଷୀର, ପ୍ରତିଦିନ ରାତିରେ ନଖ ଉଷୁମ ୧ ଗିଲାସ କ୍ଷୀରରେ ଚିମୁଟାଏ ହଳଦୀଗୁଣ୍ଡ ମିଶାଇ ପିଇଲେ ମଧ୍ୟ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼େ।

## ବତକଙ୍କ ଫେସନ୍ ପରେଡ୍!



ବିଶ୍ୱର ଅନେକ ଅଞ୍ଚଳରେ ଇଷ୍ଟର ପରେଡ଼ ଅନୁଷ୍ଠିତ ହୁଏ। ତେବେ ସିଡନିରେ ଏହାକୁ ଏକ ନିଆରା ଢଙ୍ଗରେ ପାଳନ କରାଯାଏ। ଏହି ଅବସରରେ ପୋଷା ବତକମାନଙ୍କୁ ରଙ୍ଗୀନ ପୋଷାକ, ଟୋପି ଆଦି ପିନ୍ଧାଇ ରାସ୍ତାରେ ଚଲାଯାଏ। 'ପାଇଡ୍ ପାଇପର ଡକ୍ ସୋ' ଭାବେ ନାମିତ ଏହି ଉତ୍ସବକୁ ଲକ୍ଷାଧିକ ଦର୍ଶକ-ପର୍ଯ୍ୟଟକ ଉପଭୋଗ କରନ୍ତି। ଏହି ଅବସରରେ ସିଡନିରେ ପ୍ରବଳ ଜନଗହଳି ହୁଏ। ନିଉ ସାଉଥ ୱେଲସର ମୂଳ ବାସିନ୍ଦା ବ୍ରୟାନ୍ ହାରିଙ୍ଗଟନ୍ ତିରିଶ ବର୍ଷ ତଳେ ଅଳ୍ପ କେତୋଟି ବତକଙ୍କୁ ନେଇ ପ୍ରଥମଥର ପାଇଁ ଏହା ଆୟୋଜିତ କରିଥିଲେ। ସମୟକ୍ରମେ ଅଂଶଗ୍ରହଣକାରୀ ବତକ ଓ ଦର୍ଶକ ସଂଖ୍ୟା ବଢ଼ିଛି। ଷାଠିଏ ବର୍ଷ ବୟସ୍କ ବୟାନ୍ ଜଣେ ଚାଷୀ। ସେ ବହୁ ସଂଖ୍ୟାରେ ବତକ, କୁକୁଡ଼ା, ଗାଈ, ଘୁଷୁରି ଆଦି ପାଳିଛନ୍ତି। ଫେସନ୍ ପରେଡ଼ ପାଇଁ ସେ ବତକଙ୍କୁ ନିୟମିତ ତାଲିମ ଦେଉଥିବା ପ୍ରକାଶ। ଉଲ୍ଲେଖଯୋଗ୍ୟ ଯେ, ସିଡନିରେ ଇଷ୍ଟର୍ ଚଉଦ ଦିନ ପାଳିତ ହୁଏ। ସେ ସମୟରେ ବତକ ସୋ ଏକ ପ୍ରମୁଖ ଆକର୍ଷଣ। ବତକଙ୍କ ମଧ୍ୟରେ ଦୌଡ଼ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୁଏ।



## କେଶ ରଙ୍ଗ କରିବା ପୂର୍ବରୁ

ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ କେଶ। ତେବେ ଆଜିକାଲି କେଶ ରଙ୍ଗ କରିବା ଏକ ଫ୍ୟାସନ ହୋଇଯାଇଛି। ଭିନ୍ନ ଭିନ୍ନ ରଙ୍ଗରେ ନିଜ କେଶକୁ ସଜାଇବା ପାଇଁ ବର୍ତ୍ତମାନ ଯୁବପିଢ଼ି ଇଚ୍ଛୁକ ପ୍ରାୟ। ତେବେ ଏହି କେଶ ରଙ୍ଗ କରିବା ପୂର୍ବରୁ କେତେକ କଥା ଜାଣିବାର ଆବଶ୍ୟକତା ରହିଛି।

- ଏହା ସତ ଯେ କଲର ବା ରଙ୍ଗ କରିବାରେ ବେଶ କିଛିଦିନ କେଶ ସୁନ୍ଦର ରହିବ। କିନ୍ତୁ ଧୀରେ ଧୀରେ ଏହି ରଙ୍ଗ ଛାଡିଥାଏ। ତେଣୁ ସେଥିପ୍ରତି ସଚେତନତା ରହିବା ଉଚିତ।
- ଥଣ୍ଡା ପାଣିରେ କେଶ ସଫା କରନ୍ତୁ। ଯଦ୍ୱାରା କେଶର ରଙ୍ଗ ଶୀଘ୍ର ଛାଡ଼ିବ ନାହିଁ।
- କେଶ ରଙ୍ଗ କରିବା ପରେ କେଶ ମୂଳ ଫାଟିବା, କେଶ ଶୁଖିଲା ଦିଶିବା ସହ ରୂପି ପରି ସମସ୍ୟା ଦେଖାଯାଇଥାଏ। ଏଥିପ୍ରତି ଅଧିକ ଯତ୍ନବାନ ହୁଅନ୍ତୁ।
- କେଶ ରଙ୍ଗ କରିବା ବେଳେ ହାତରେ ଗ୍ଲୋଭସ ବ୍ୟବହାର କରିବା ଉଚିତ।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୮ ଡିସେମ୍ବର ୨୦୨୩, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଖାଦ୍ୟ ନିରାପତ୍ତା ଯୋଜନା ....

ରାଜ୍ୟରେ କୌଣସି ଅଭାବୀ ଲୋକେ ଯେପରି ଓପାସ ନ ରହନ୍ତି, ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଅଗ୍ରାଧିକାର ଦେଇ କାମ କରି ଆସୁଛନ୍ତି। ଏହା ତାଙ୍କ 'କ୍ଷୁଧାମୁକ୍ତ ଓଡ଼ିଶା' ଲକ୍ଷ୍ୟ ଓ ସବୁ ଅଭାବୀଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଣର ଏକ ସ୍ୱତନ୍ତ୍ର ପ୍ରୟାସ। ଦେଶରେ ଖାଦ୍ୟ ନିରାପତ୍ତା ଯୋଜନା ଲାଗୁ ହେବା ପରେ ସଂଘୀୟ ନ୍ୟାୟ ଓ ହିତାଧିକାର ବ୍ୟବସ୍ଥାରେ ଓଡ଼ିଶାର ଅନେକ ଲୋକ ମାଗଣାରେ ମାସିକ ୫ କିଲୋ ଚାଉଳ ପାଉଛନ୍ତି। ସେ ଯୋଜନାଟି କେନ୍ଦ୍ରୀୟ ପ୍ରାୟୋଜିତ ହୋଇଥିଲେ ମଧ୍ୟ ସେଥିରେ ରାଜ୍ୟର ଅଂଶ ରହିଛି। ତେବେ ପରିସଂଖ୍ୟାନଗତ ଅମେଳ ହେଉ ଅଥବା ରାଜନୀତିକ କାରଣରୁ ଓଡ଼ିଶାର ୩, ୧୪, ୯୨୩ ପରିବାରର ୯, ୯୭, ୦୫୫ ଲୋକ କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଆଇନରୁ ବାଦ ପଡ଼ିଛନ୍ତି। ଏମାନେ ପୂର୍ବରୁ ସରକାରୀ ଯୋଜନାର ଲାଭ ପାଉଥିବାବେଳେ ଜାତୀୟ ଖାଦ୍ୟ ସୁରକ୍ଷା ତାଲିକାରୁ ବାଦ ପଡ଼ିବା ଫଳରେ ଏକ ଗୁରୁତର ସମସ୍ୟା ସୃଷ୍ଟି ହୋଇଥିଲା। ତେବେ ମୁଖ୍ୟମନ୍ତ୍ରୀ ଶ୍ରୀପଟ୍ଟନାୟକ ଏଥିରେ ତୁରନ୍ତ ହସ୍ତକ୍ଷେପ କରି କେନ୍ଦ୍ରୀୟ ଯୋଜନାରୁ ବାଦ ପଡ଼ିଥିବା ଏହି ହିତାଧିକାରୀଙ୍କ ପାଇଁ ରାଜ୍ୟ ଖାଦ୍ୟ ସୁରକ୍ଷା / ନିରାପତ୍ତା ବ୍ୟବସ୍ଥା ଲାଗୁ କରିଥିଲେ। ଅର୍ଥନୈତିକ ଓ ସାମାଜିକ ସ୍ଥିତି ଦୃଷ୍ଟିରୁ ଏହିସବୁ ଲୋକ ସରକାରୀ ଯୋଜନାର ଲାଭ ନ ପାଇଥିଲେ ବିଶେଷ କ୍ଷତିଗ୍ରସ୍ତ ହୋଇଥାନ୍ତେ। କେନ୍ଦ୍ର ସରକାର ସେମାନଙ୍କ କଥା ବିଚାରକୁ ନ ନେବାରୁ ଓଡ଼ିଶା ସରକାର ନିଜସ୍ୱ ଖାଦ୍ୟ ନିରାପତ୍ତା ଆଇନରେ ଏହି ଗରିବ ଓ ଅଭାବଗ୍ରସ୍ତ ଲୋକମାନଙ୍କୁ ମାସକୁ ମୁଣ୍ଡପିଛା ପାଞ୍ଚକିଲୋ ଲେଖାଏଁ ଚାଉଳ ମାଗଣାରେ ଯୋଗାଇ ଦେଉଥିଲେ। ଏହି ଯୋଜନାର ମିଆଦ ଚଳିତ ମାସ ୩୧ ତାରିଖରେ ପୂରଣ ହେଉଥିବାରୁ ତାହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ଏବେ ଏହି ଯୋଜନାକୁ ଆଉ ପାଞ୍ଚବର୍ଷ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଏହାର ଅର୍ଥ ହେଲା ରାଜ୍ୟ ସରକାରଙ୍କ ଖାଦ୍ୟ ନିରାପତ୍ତା ଯୋଜନାରେ ମାସକୁ ପାଞ୍ଚ କିଲୋ ଲେଖାଏଁ ଚାଉଳ ବିନା ମୂଲ୍ୟରେ ପାଉଥିବା ଲୋକମାନେ ଏହି ସୁବିଧା ୨୦୨୮ ଡିସେମ୍ବର ୩୧ ତାରିଖ ବା ଆଉ ପାଞ୍ଚବର୍ଷ ପାଇଁ ପାଇବେ ଏବଂ ୨୦୨୪ ଜାନୁଆରୀ ପହିଲାରୁ ଏହା ଲାଗୁହେବ। ଯୋଜନାର ସମ୍ପ୍ରସାରଣ ସହିତ ଏହାର ବ୍ୟୟ ଓ ଆନୁଷଙ୍ଗିକ ଖର୍ଚ୍ଚ ଜଡ଼ିତ। ତାହାକୁ ପୂରଣ କରିବାକୁ ରାଜ୍ୟ ସରକାରଙ୍କୁ ବାର୍ଷିକ ୨୫୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ଏବଂ ପାଞ୍ଚବର୍ଷ ପାଇଁ ଏବାବଦରେ ୧୨୫୦ କୋଟି ବ୍ୟୟ ହେବ। ମିଆଦ ପରିବର୍ଦ୍ଧିତ ଯୋଜନାର ସଫଳ ରୂପାୟନ ସହିତ କେହି ଯେପରି ଓପାସ ନ ରହନ୍ତି, ତାହା ନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ ଏବଂ ସମୟୋଚିତ। କେନ୍ଦ୍ର ସରକାର ନିକଟରେ ମାଗଣା ଚାଉଳ / ଗହମ ଯୋଗାଣ ଯୋଜନାକୁ ପାଞ୍ଚବର୍ଷ ବୃଦ୍ଧି କରିଥିବା ପରିପ୍ରେକ୍ଷୀରେ ଓଡ଼ିଶା ସରକାର ଅନୁରୂପ ପଦକ୍ଷେପ ନେଇ ରାଜ୍ୟ ଯୋଜନାର ହିତାଧିକାରୀଙ୍କ ସ୍ୱାର୍ଥକୁ ସୁରକ୍ଷିତ କରିଛନ୍ତି। ଯେଉଁମାନଙ୍କର ଘରେ ସମ୍ବଳ ନାହିଁ ସେମାନଙ୍କର ମଧ୍ୟ ବଞ୍ଚିବାର ଅଧିକାର ରହିଛି। ତେଣୁ ସେମାନଙ୍କୁ ମାଗଣା ଖାଦ୍ୟ ଶସ୍ୟ ଯୋଗାଇଦେବା ଏକ ଜନମଙ୍ଗଳ ରାଷ୍ଟ୍ରର ସରକାରୀ ଦାୟିତ୍ୱ। ବଡ଼କଥା ହେଲା ଅନ୍ୟ ରାଜ୍ୟ ଭଳି ଓଡ଼ିଶା ସରକାରଙ୍କ ସମ୍ବଳ ଉପରେ ଜନମଙ୍ଗଳ ଯୋଜନାଗୁଡ଼ିକର ନକାରାତ୍ମକ ପ୍ରଭାବ ପ୍ରାୟ ପଡୁନାହିଁ। ରାଜ୍ୟର ଆର୍ଥିକ ସ୍ଥିତି ଓ ବିତ୍ତୀୟ ପରିଚାଳନା ବ୍ୟବସ୍ଥା ଖୁବ୍ ଭଲ ରହିଛି ଏବଂ ଖୋଲା ବଜାରରୁ ଋଣ ନ କରି ଓଡ଼ିଶା ତା'ର ଆର୍ଥିକ ବ୍ୟାପାରକୁ ସୁଚାରୁ ରୂପେ ପରିଚାଳନା କରିପାରୁଛି। ରାଜସ୍ୱ ଆଦାୟ, ନିଜସ୍ୱ ଟିକସ ସଂଗ୍ରହ, ଋଣ ଭାର ହ୍ରାସ ଆଦି କ୍ଷେତ୍ରରେ ଓଡ଼ିଶା ଏବେ ଭାରତର ଅନ୍ୟ ବିକଶିତ ରାଜ୍ୟମାନଙ୍କ ତୁଳନାରେ ଶ୍ରେଷ୍ଠତ୍ୱ ହାସଲ କରି ଜାତୀୟ ସ୍ତରରେ ସମ୍ମାନିତ ହୋଇଛି। ଆର୍ଥିକ ଅବସ୍ଥାକୁ ନିୟନ୍ତ୍ରଣରେ ରଖି ଜନକଲ୍ୟାଣକାରୀ ଯୋଜନାକୁ କାର୍ଯ୍ୟକାରୀ କଲେ ସରକାରଙ୍କୁ ବିପଦ ନଥାଏ। ଏହାଦ୍ୱାରା ଅଯଥା ଋଣ କରିବାକୁ ପଡ଼େ ନାହିଁ। ଓଡ଼ିଶା ଓ ଦେଶର ଅନ୍ୟ ରାଜ୍ୟମାନଙ୍କ ମଧ୍ୟରେ ଏବେ ଯେଉଁ ମୌଳିକ ପାର୍ଥକ୍ୟ ଏ କ୍ଷେତ୍ରରେ ରହିଛି, ତାହା ଉଲ୍ଲେଖଯୋଗ୍ୟ। ଅଧିକାଂଶ ରାଜ୍ୟ ଋଣ କରି ଜନତୋଷକାରୀ ଯୋଜନା ସବୁକୁ କାର୍ଯ୍ୟକାରୀ କରୁଛନ୍ତି। ଓଡ଼ିଶା କିନ୍ତୁ ଋଣ ନ'କରି ନିଜସ୍ୱ ପାଣ୍ଠିରୁ ଜନକଲ୍ୟାଣକାରୀ ଯୋଜନାକୁ ଅର୍ଥ ଯୋଗାଉଛି। ଏହା ଫଳରେ ଓଡ଼ିଶାର ଲୋକେ ସାମାଜିକ-ଅର୍ଥନୈତିକ ଦୃଷ୍ଟିରୁ ସଶକ୍ତ ହେବା ସହିତ ରାଜ୍ୟର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ବହୁ ଅଭାବୀ ଲୋକେ ଉପକୃତ ହେବେ ଏବଂ ଏହା ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି ଏବଂ ଓଡ଼ିଶାବାସୀଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଙ୍ଗୀକାରବଦ୍ଧତାର ଆଉ ଏକ ଦୃଢ଼ ପ୍ରମାଣ।




### ସମ୍ପର୍କ.....
**ରାମଚନ୍ଦ୍ର ବେହେରା**

ପ୍ରେମର ପରଶେ ବଢଇ ସମ୍ପର୍କ
ସମ୍ପର୍କ ପରଶେ ପ୍ରେମ
କାହା ପାଇଁ ସିଏ ଅତୁଟ ବନ୍ଧନ
କାହା ପାଇଁ ନିଶି ସ୍ୱପ୍ନ।
ପ୍ରେମ ବୋଲିଦିଏ ପୁଣ୍ୟ ସପ୍ତରଂଗ
ରହିଯାଏ ଛିଟା ହୋଇ
କେବେ ସେ ସାଜଇ ଭାବପୂର୍ଣ୍ଣ ଦାଗ
ବିଷାଦର ରୂପ ନେଇ।
ମଣିଷ ସ୍ୱଭାବ କ୍ଷଣିଏ ଭଂଗୁର
ସ୍ୱାର୍ଥ ସାଜେ କଳାକାର
ପ୍ରେମ ବନ୍ଧନରେ ପ୍ରତାରଣା ଭାବ
ତୋଡେ ଖିଅ ସମ୍ପର୍କର।
କାହା ପାଇଁ ପ୍ରେମ ଅଦୃଶ୍ୟ ଅସ୍ପଷ୍ଟ
ମିଥ୍ୟାଭରା ମରିଚିକା
କାହା ପାଇଁ ପ୍ରେମ ସତ୍ୟ ଓ ଶାଶ୍ୱତ
ସମ୍ପର୍କର ଦୀପଶିଖା।
ପ୍ରେମ ଓ ସମ୍ପର୍କ ଆଖପାଖେ ଥିଲେ
ଗଢଇ ସୁନା ସଂସାର
ସ୍ୱାର୍ଥ ପ୍ରତାରଣା ହୃଦୟେ ଜନ୍ମିଲେ
ନରୁହେ କେହି ନିଜର।
ବିଚାରର ଭାବ ହେଲେ ମଧୁମୟ
ଜୀବନ ହୁଏ ସାର୍ଥକ
ସର୍ତ୍ତ ପ୍ରତିଶୃତି ଦୂରାଇଲେ ମନୁ
ଗଢଇ ମଧୁ ସମ୍ପର୍କ।
ଜଳ ବିନା ନଦୀ ଅଟେ ମୂଲ୍ୟହୀନ
ସୁସମ୍ପର୍କ ବିନା ପ୍ରେମ
ପ୍ରେମକୁ ସମୂହେ କରିଲେ ଭଜନା
ସମ୍ପର୍କ ହୁଅଇ ଲୀନ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଦେଶରେ ଅପମିଶ୍ରିତ ଦୁଗ୍ଧର କାରବାର ବଢୁଛି



**ଗୋପାଳ ମହାପାତ୍ର**

ଦୁଗ୍ଧ ବା କ୍ଷୀରକୁ ଅମୃତ ବୋଲି କୁହାଯାଏ । କିନ୍ତୁ ଏହା ଅମୃତ ନା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସେ କଥା ନେଇ ଏବେ ଆଶଙ୍କା ଉପୁଜିଲାଣି । ଆଶଙ୍କାର କାରଣ ମଧ ରହିଛି । ଆମ ଦେଶ ଦୁଗ୍ଧ ଉତ୍ପାଦନ ଏବଂ ଲୋକଙ୍କ ଆବଶ୍ୟକତା ମାମଲାରେ ପ୍ରଥମ ସ୍ଥାନରେ ରହିଛି । ଦେଶରେ ପ୍ରତିଦିନ ୧୪.୬୮କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଥିବାବେଳେ ଆମ ଦେଶରେ ଲୋକେ ବ୍ୟବହାର କରୁଛନ୍ତି ୬୪କୋଟି ଲିଟର । ଉତ୍ପାଦନ ଏବଂ ଲୋକଙ୍କ ଆବଶ୍ୟକତା ମଧ୍ୟରେ ରହିଛି ପାଖାପାଖି ୫୦ କୋଟି ଲିଟର ର ଫରକ । ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଦେଶରେ ଲୋକଙ୍କର ଦୈନନ୍ଦିନର ଆବଶ୍ୟକତାକୁ ପୂରଣ କରିବା ପାଇଁ ୫୦ କୋଟି ଲିଟର ଦୁଗ୍ଧ ଆସୁଛି କେଉଁଠୁ ? ଦୁଗ୍ଧ ପାଉଡରର ମଧ ଏଥିରେ ଯୋଗଦାନ ରହିଛି କିନ୍ତୁ ୫୦ କୋଟି ଲିଟର ଦୁଗ୍ଧ ତ ପାଉଡର ରୁ ମିଳିପାରୁନଥିବ । ଏଣୁ ଏକଥା ସ୍ପଷ୍ଟ ଯେ ଅଧିକ ମାତ୍ରାରେ ଅପମିଶ୍ରିତ ଦୁଗ୍ଧ ବଜାରକୁ ଆସୁଛି ଓ ଲୋକେ ତାକୁ ଅମୃତ ଭାବି ବ୍ୟବହାର କରୁଛନ୍ତି । ଏକ ରିପୋର୍ଟ ଅନୁସାରେ ୟୁରିଆ ସାର , ଡିଟରଜେଣ୍ଟ ପାଉଡର, ଆମୋନିୟମ ସଲଫେଟ, କଷ୍ଟିକ ସୋଡା,ଫର୍ମାଲିନ ଭଳି ବିପଦଜନକ ରାସାୟନିକର ମିଶ୍ରଣରେ ଦୁଗ୍ଧ ପ୍ରସ୍ତୁତ କରାଯାଉଛି ଓ ଏହାକୁ ବଜାରକୁ ଛଡ଼ାଯାଉଛି। ଏହାର ଉପଯୋଗରୁ ଅନେକ ବେମାରି ଉତ୍ପନ୍ନ ହେଉଛି । ଏକଥା ଯେ ସରକାର ଜାଣିନାହାନ୍ତି ସେକଥା କୁହାଯାଇପାରିବ ନାହିଁ କାରଣ ସରକାରଙ୍କ ପାଖରେ ଉତ୍ପାଦନ ଓ ଆବଶ୍ୟକତା ସମ୍ପର୍କିତ ସମସ୍ତ ତଥ୍ୟ ରହିଛି ନିଶ୍ଚୟ । ଏ ବାବଦରେ ସରକାରୀ ପଦକ୍ଷେପ ନିଆ ଯାଉନଥିବା କାରଣରୁ ଅପମିଶ୍ରିତ ଦୁଗ୍ଧରଧନ୍ଦା ବଢିବାରେ ଲାଗିଛି । ଏଥିପାଇଁ ପଶୁପାଳନ କରୁଥିବା ଲୋକଙ୍କର କ୍ଷତି ହେବା ସାଙ୍ଗକୁ ଅପମିଶ୍ରିତ ଦୁଗ୍ଧକୁ ବ୍ୟବହାର କରୁଥିବା ଲୋକେ କ୍ଷତିଗ୍ରସ୍ତ ହେଉଛନ୍ତି ।

ସରକାରୀ ତଥ୍ୟ ଅନୁସାରେ ଆମ ଦେଶରେ ୧୪.୬୮କୋଟି ଲିଟର ଦୁଗ୍ଧ ପ୍ରତିଦିନ ଉତ୍ପାଦିତ ହୋଇଥାଏ ଏହି ଉତ୍ପାଦିତ ଦୁଗ୍ଧ ମଧ୍ୟରୁ ୫୧ ପ୍ରତିଶତ ମଇଁଷି ଦୁଗ୍ଧ, ୨୫ ପ୍ରତିଶତ ହାଇବ୍ରିଡ ବା ବିଦେଶୀ ପ୍ରଜାତି ମିଶ୍ରିତ ଗାଈଙ୍କ ଦୁଗ୍ଧ, ୨୦ ପ୍ରତିଶତ ଦେଶୀ ଗାଈଙ୍କ ଦୁଗ୍ଧ ଏବଂ ବାକି ୪ ପ୍ରତିଶତ ଦୁଗ୍ଧ ଓଟ ଓ ଛେଳି ଦୁଗ୍ଧ ଅଟେ । ବିଂଶ ଶତାବ୍ଦୀର ଶେଷ ୩ ଦଶକକୁ ଶ୍ୱେତ କ୍ରାନ୍ତିର ସଫଳତାର ସମୟ ବୋଲି କୁହାଯାଏ । ଏହି ଶ୍ୱେତକ୍ରାନ୍ତି ପାଇଁ ବିଶ୍ୱବ୍ୟାଙ୍କ ସହାୟତା ଯୋଗାଇ ଦେଇଥିଲା । ଫଳତଃ ଅନେକ ସମବାୟ ସଂସ୍ଥା,ଦୁଗ୍ଧ ଉତ୍ପାଦକ ଘରୋଇ ସଂସ୍ଥା ଏପରିକି ପଶୁପାଳନ କରୁଥିବା ଲୋକେ ଉତ୍ସାହିତ ହୋଇଥିଲେ ଓ ପଶୁପାଳନ ଯୋଗୁଁ ଦୁଗ୍ଧ ଉତ୍ପାଦନ କରି ଲାଭବାନ ହୋଇଥିଲେ । ଶ୍ୱେତକ୍ରାନ୍ତି କାରଣରୁ ଦେଶରେ ଏତେ ପରିମାଣର ଦୁଗ୍ଧ ଉତ୍ପାଦନ ହୋଇପାରିଛି । ବିଭିନ୍ନ ପଶୁଙ୍କ ଦୁଗ୍ଧକୁ ମିଶାଇ ଏକ ସମାନ କରିବା ଏହା ନଷ୍ଟ(ଛିଣ୍ଡି) ନହେବା ପାଇଁ ଅନେକ ବ୍ୟବସ୍ଥା ଦେଶରେ କରାଯାଇଛି ଏପରିକି ଶୀତଳିକରଣ ବ୍ୟବସ୍ଥା ମଧ କରାଯାଇଛି ।ଅପମିଶ୍ରିତ ଦୁଗ୍ଧର ରହସ୍ୟ ମଧ ଏସବୁ ମଧ୍ୟରେ ଛପି ରହିଛି ।

ଆମ ଦେଶ ଭାରତ ଦୁଗ୍ଧ ଉତ୍ପାଦନରେ ବିଶ୍ୱରେ ଏକ ନମ୍ବରରେ ଥିବା ବେଳେ ଅପମିଶ୍ରିତ ଦୁଗ୍ଧ ମାମଲାରେ ମଧ ଏକ ନମ୍ବର । ଏକବିଂଶ ଶତାବ୍ଦୀରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଘରୋଇ କ୍ଷେତ୍ରର ଭାଗୀଦାରୀ ବଢିଥିଲା ଓ ଅନେକ ଡାଏରୀ ଫାର୍ମ ଗଢି ଉଠିଥିଲା । ଦେଶୀ ପ୍ରଜାତିର ଗାଈ (ପଶୁ) ମାନେ ଦେଉଥିବା ଦୁଗ୍ଧରଗୁଣବତ୍ତାସ୍ୱାସ୍ଥ୍ୟ ପାଇଁ ଉତ୍ତମ ବୋଲି ବୈଜ୍ଞାନିକ ଅନୁସନ୍ଧାନରୁ ଜଣା ପଡିଛି । ଏହି ଦୁଗ୍ଧକୁ ଏ-ଟୁ ଦୁଗ୍ଧ ବୋଲି କୁହାଯାଏ । ନ୍ୟୁଜିଲ୍ୟାଣ୍ଡ ହେଉଛି କୃଷି ଆଧାରିତ ୪୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଦେଶ । କିନ୍ତୁ ଏଠାରେ ଲୋକେ ଅନ୍ୟ ଦେଶମାନଙ୍କ ଅପେକ୍ଷା ଅଧିକ ଦୁଗ୍ଧ ବ୍ୟବହାର କରିଥାନ୍ତି ।ନ୍ୟୁଜିଲ୍ୟାଣ୍ଡର ବୈଜ୍ଞାନିକ କିଥବୁଡଫୋର୍ଡ'ଡେଭିଲଇନ ଦ ମିଲକ' ନାମକ ଏକ ପୁସ୍ତକ ୨୦୦୭ରେ ଲେଖିଥିଲେ । ସେଥିରେ ସେ ଲେଖିଛନ୍ତି ଯେ ଦୁଗ୍ଧରେ ଥିବା ପାଚକ ପ୍ରୋଟିନ ବିଟା-କେସୋ-ମାରାଫିନ-୭ ହେଉଛି 'ଦୁଗ୍ଧର ଦାନବ'ଏଥିଯୋଗୁଁ ଡାଇବେଟିସ୍,ହୃଦରୋଗ ଭଳି ରୋଗ ହୋଇଥାଏ । ଗବେଷଣାରୁ ଜଣାପଡିଛି ଯେ ଏଭଳି ଦୁଗ୍ଧ ପାନ କରୁଥିବା ପିଲାମାନେ ଡାଇବେଟିସ୍ ବା ମଧୁମେହ ରୋଗର ଶିକାର ହୋଇଥାନ୍ତି । କିନ୍ତୁ କେନ୍ୟାଭଳି ଦେଶରେ ଏଭଳି ସମସ୍ୟା ଦେଖାଯାଏ ନାହିଁ। ଏଭଳି ସମସ୍ୟାଜେନେଟିକ ପରିବର୍ତ୍ତନ କାରଣରୁ ହୋଇଥାଏ । ଦେଶୀ ପଶୁମାନଙ୍କ ଠାରୁ ମିଳୁଥିବା ଦୁଗ୍ଧରେ ଏଭଳି ଦୋଷ ନଥାଏ । ଦେଶୀ ପଶୁମାନଙ୍କ ଠାରୁ ମିଳୁଥିବା ଦୁଗ୍ଧକୁ ପରୀକ୍ଷା କରି ବୈଜ୍ଞାନିକମାନେ ସ୍ପଷ୍ଟ କରିଦେଇଛନ୍ତି ଯେ ଦେଶୀ ପଶୁମାନଙ୍କ ଦୁଗ୍ଧ ଦୋଷମୁକ୍ତ ଓ ଏହାର ଗୁଣବତ୍ତା ଅଧିକ । କେନ୍ଦ୍ର ସରକାର ଗୋକୁଳ ମିଶନ ଆରମ୍ଭ କରିଛନ୍ତି । ଏଥିଯୋଗୁଁ ଦେଶରେ ଦୁଗ୍ଧ ଉତ୍ପାଦନ ଆହୁରି ବଢିବ।

ଦେଶରେ ଦୁଗ୍ଧ ଉତ୍ପାଦନ ଏବଂ ଲୋକଙ୍କ ବ୍ୟବହାର କରାଯାଉଥିବା ଦୁଗ୍ଧରୁ ଅନେକ କଥା ଜଣାପଡୁଛି । ଡାଏରୀ ଉଦ୍ୟୋଗର ବିକାଶ ସମ୍ଭାବନା ଉପରେ ଅଧ୍ୟୟନ କରି ଏସୋଚେମ ଏକ ରିପୋର୍ଟ ପ୍ରକାଶ କରିଛି । ଏସୋଚେମ ପକ୍ଷରୁ କୁହାଯାଇଛି ଯେ ଭାରତରେ ପ୍ରତିଦିନ ୧୪.୬୮ କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଥିଲେ ମଧ ଦେଶରେ ବ୍ୟକ୍ତି ପ୍ରତି ଦୁଗ୍ଧର ଉପଲବ୍ଧତା ଦୈନନ୍ଦିନ ୨୫୨ ଗ୍ରାମ । ନ୍ୟୁଜିଲ୍ୟାଣ୍ଡ,ଆୟାର୍ଲାଣ୍ଡ ଓ ଡେନମାର୍କ ଭଳି ଦେଶରେ ବ୍ୟକ୍ତିପ୍ରତିଦୁଗ୍ଧର ଉପଲବ୍ଧତା ବହୁ ଅଧିକ । ଦେଶରେ ପଶୁପାଳନକୁ ଗୁରୁତ୍ୱ ଦିଆଯାଉଥିବା କାରଣରୁ ଲୋକଙ୍କ ଆର୍ଥିକ ଅବସ୍ଥା ବଦଳିବ । କିନ୍ତୁ ପଶୁପାଳନ କରି ଦୁଗ୍ଧ ଉତ୍ପାଦନ କରୁଥିବା ବ୍ୟକ୍ତି କମ୍‌ଦୁଗ୍ଧ ଉପଯୋଗ କରିଥାନ୍ତି । ସରକାର ଅପମିଶ୍ରିତ ଦୁଗ୍ଧ ବ୍ୟବସାୟକୁ ରୋକିବାର ଉଦ୍ୟମ କରୁଛନ୍ତି । ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଦୁଗ୍ଧର ପରୀକ୍ଷା ପାଇଁ ଇଲେକ୍ଟ୍ରୋନିକ କୀଟ୍ର ବ୍ୟବହାର କରୁଛି । କିନ୍ତୁ ଏହା ସତ୍ୱେ ଅପମିଶ୍ରିତ ଦୁଗ୍ଧ କାରବାର ମଧ ବଢିବାରେ ଲାଗିଛି । ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ କିନ୍ତୁ ଚମକାଇ ଦେବା ଭଳି । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତରେ ଲୋକେ ବ୍ୟବହାର କରୁଥିବା ଅପମିଶ୍ରିତ ଦୁଗ୍ଧ କାରଣରୁ ଆସନ୍ତା ୫ବର୍ଷ ମଧ୍ୟରେ ଦେଶର ୮୭ ପ୍ରତିଶତ ପାଖାପାଖି ଲୋକ କ୍ୟାନସର ଭଳି ରୋଗର ଶିକାର ହେବେ । ଭାରତ ସରକାରଙ୍କୁ ପରାମର୍ଶ ଦେଇ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏହାକୁ ରୋକିବା ପାଇଁ କୁହାଯାଇଛି । ସରକାର ଯେତେ ପ୍ରୋତ୍ସାହନ ଦେଲେ ମଧ ପଶୁପାଳକ ଅଧିକ ଲାଭବାନ ହୋଇପାରୁନାହାନ୍ତି । ଏଣୁ ଦୁଗ୍ଧର ଦାମ ବୃଦ୍ଧି ପାଇଁ ଦାବି ହେଉଛି । ମହାରାଷ୍ଟ୍ର , ଓଡିଶା ସମେତ ଦେଶରେ ପଶୁପାଳନକୁ ଗୁରୁତ୍ୱ ଦିଆଯାଉଥିବା ରାଜ୍ୟମାନଙ୍କରେ ପଶୁପାଳନକୁ ବ୍ୟବସାୟରେ ପରିଣତ କରୁଥିବା ଲୋକଙ୍କ ଅବସ୍ଥା ଏତେ ଭଲ ମଧ ନୁହେଁ । ଏସବୁକୁ ତର୍ଜମା କରି କେନ୍ଦ୍ର ଓ ରାଜ୍ୟ ସରକାରମାନେ ପଦକ୍ଷେପ ନେବା ଉଚିତ । ସର୍ବୋପରି ଅପମିଶ୍ରିତ ଦୁଗ୍ଧ କାରବାରକୁ ରୋକିବା ଦିଗରେ କଠୋର ପଦକ୍ଷେପ ମଧ ନିଆଯିବା ଉଚିତ୍ ।

+ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

> ଦୁଗ୍ଧ ବା କ୍ଷୀରକୁ ଅମୃତ ବୋଲି କୁହାଯାଏ । କିନ୍ତୁ ଏହା ଅମୃତ ନା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ସେ କଥା ନେଇ ଏବେ ଆଶଙ୍କା ଉପୁଜିଲାଣି । ଆଶଙ୍କାର କାରଣ ମଧ ରହିଛି । ଆମ ଦେଶ ଦୁଗ୍ଧ ଉତ୍ପାଦନ ଏବଂ ଲୋକଙ୍କ ଆବଶ୍ୟକତା ମାମଲାରେ ପ୍ରଥମ ସ୍ଥାନରେ ରହିଛି । ଦେଶରେ ପ୍ରତିଦିନ ୧୪.୬୮କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଥିବାବେଳେ ଆମ ଦେଶରେ ଲୋକେ ବ୍ୟବହାର କରୁଛନ୍ତି ୬୪କୋଟି ଲିଟର । ଉତ୍ପାଦନ ଏବଂ ଲୋକଙ୍କ ଆବଶ୍ୟକତା ମଧ୍ୟରେ ରହିଛି ପାଖାପାଖି ୫୦ କୋଟି ଲିଟର ର ଫରକ । ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଦେଶରେ ଲୋକଙ୍କର ଦୈନନ୍ଦିନର ଆବଶ୍ୟକତାକୁ ପୂରଣ କରିବା ପାଇଁ ୫୦ କୋଟି ଲିଟର ଦୁଗ୍ଧ ଆସୁଛି କେଉଁଠୁ ? ଦୁଗ୍ଧ ପାଉଡରର ମଧ ଏଥିରେ ଯୋଗଦାନ ରହିଛି କିନ୍ତୁ ୫୦ କୋଟି ଲିଟର ଦୁଗ୍ଧ ତ ପାଉଡର ରୁ ମିଳିପାରୁନଥିବ । ଏଣୁ ଏକଥା ସ୍ପଷ୍ଟ ଯେ ଅଧିକ ମାତ୍ରାରେ ଅପମିଶ୍ରିତ ଦୁଗ୍ଧ ବଜାରକୁ ଆସୁଛି ଓ ଲୋକେ ତାକୁ ଅମୃତ ଭାବି ବ୍ୟବହାର କରୁଛନ୍ତି । ଏକ ରିପୋର୍ଟ ଅନୁସାରେ ୟୁରିଆ ସାର , ଡିଟରଜେଣ୍ଟ ପାଉଡର, ଆମୋନିୟମ ସଲଫେଟ, କଷ୍ଟିକ ସୋଡା,ଫର୍ମାଲିନ ଭଳି ବିପଦଜନକ ରାସାୟନିକର ମିଶ୍ରଣରେ ଦୁଗ୍ଧ ପ୍ରସ୍ତୁତ କରାଯାଉଛି ଓ ଏହାକୁ ବଜାରକୁ ଛଡ଼ାଯାଉଛି।

# ଆମ ରାଜ୍ୟ ଟିକସ ଆଦାୟରେ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ନମ୍ବର ଏହା ସହିତ ଦାଦନ ଯୋଗାଇବାରେ ମଧ୍ୟ ଏକନମ୍ବର



**ସୁବ୍ରତ କର**

ନିଶ୍ଚିତ ଭାବରେ ଆମ ରାଜ୍ୟ ଅନେକ କ୍ଷେତ୍ରରେ ଦେଶର ଯେକୌଣସି ବଡ଼ ରାଜ୍ୟକୁ ଟପି ଗଲାଣି। ନିଶ୍ଚିତ ଭାବରେ ରାଜ୍ୟର ମୁଖିଆଙ୍କ କାର୍ଯ୍ୟକଳାପକୁ ମାନିବାକୁ ପଡ଼ିବ। ରିଜର୍ଭ ବ୍ୟାଙ୍କ ରିପୋର୍ଟ ଅନୁସାରେ ବିତ୍ତୀୟ ପରିଚାଳନା ଋଣ ଭାର ଏବଂ ରାଜସ୍ୱ ଆଦାୟରେ ଦେଶରେ ଆମ ରାଜ୍ୟ ଏକ ନମ୍ବରରେ ଅଛି। ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟ କମ ଋଣ କରିଛି ଏବଂ ଅଣ ଟିକସ ଆଦାୟରେ ସବୁଠୁ ଆଗରେ ଅଛି।

ଏହାଛଡ଼ା ସ୍ୱାସ୍ଥ୍ୟ ଖର୍ଚ୍ଚରେ ମଧ୍ୟ ଆମ ରାଜ୍ୟ ଶୀର୍ଷରେ। ମୋଟ ବଜେଟରେ ୧୪ରୁ ସ୍ୱାସ୍ଥ୍ୟସେବା ପାନୀୟ ଜଳ ଯୋଗାଣ ଓ ପରିମଳ ପାଇଁ ଖର୍ଚ୍ଚ କରିବାର ବ୍ୟବସ୍ଥା କରିଛି। ଉନ୍ନତ ଦେଶମାନଙ୍କରେ ସବୁଠୁ ସ୍ୱାସ୍ଥ୍ୟ ଏବଂ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଥାଏ। ବାର୍ଷିକ ବଜେଟରେ ସିଂହଭାଗ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ କରାହୋଇଥାଏ। ଏହାକୁ ଆଖି ଆଗରେ ରଖିଲେ ଆମ ରାଜ୍ୟ ଦେଶର ଏକ ଉନ୍ନତ ରାଜ୍ୟ ହିସାବରେ ଗଣା ହେବ। ଆର.ବି.ଆଇ ଅନୁଶୀଳନ ଅନୁସାରେ ସ୍ୱାସ୍ଥ୍ୟସେବା ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ୨୮ ହଜାର ୯୫୮ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସ୍ୱାସ୍ଥ୍ୟସେବା ପାଇଁ ୧୫ ହଜାର ୨୩୯ କୋଟି ଟଙ୍କା ବ୍ୟୟ ବରାଦର ବ୍ୟବସ୍ଥା ସରକାର କରିଛନ୍ତି। ଓଡ଼ିଶା ତୁଳନାରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଓ ରାଜସ୍ଥାନ ଅଧିକ ଖର୍ଚ୍ଚ କରିଛନ୍ତି ଠିକ୍ କିନ୍ତୁ ମୋଟ ବଜେଟର ତୁଳନାରେ ଆନୁପାତିକ ଖର୍ଚ୍ଚ ଆମ ରାଜ୍ୟଠାରୁ କମ୍। ଧନ୍ୟବାଦ ସରକାର ମହୋଦୟ।

ଏବେ ଆସିବା ଉପରୋକ୍ତ ବିଷୟମାନଙ୍କରେ ଆମ ରାଜ୍ୟ ଏକ ନମ୍ବର। କିନ୍ତୁ ଆମ ରାଜ୍ୟ ମଧ୍ୟ ଦାଦନ ତିଆରି କରିବାରେ ଏକ ନମ୍ବର। ଆପଣ ଯେଉଁ ରାଜ୍ୟକୁ ଯାଆନ୍ତୁ ସବୁଠି ଓଡ଼ିଆମାନେ ଘରଛାଡ଼ି ରାଜ୍ୟ ଛାଡ଼ି ଅନ୍ୟ ରାଜ୍ୟରେ ଦାଦନ ଖଟୁଛନ୍ତି। ଯେ କୌଣସି ରାଜ୍ୟକୁ ଯାଆନ୍ତୁ ନା କାହିଁକି, ସେ ସୁରଟ୍ ହେଉ, କଲିକତା ହେଉ ବା ଉତ୍ତରାଖଣ୍ଡ ହେଉ। ଏବେ ଏବେ ବାଙ୍ଗାଲରରେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା କରିଦେଲେ। ସେ ରୋଷେୟା କାମ କରୁଥିଲା। ମାସ ପୁରିବା ପରେ ଟଙ୍କା ମାଗିବାରୁ ମାଲିକ ଟଙ୍କା ନଦେଇ ମାଡ଼ମାରି ନିର୍ଯାତନା ଦେଲେ। ଶେଷରେ ଜୀବନ ବଂଚାଇବାକୁ ଷ୍ଟେସନକୁ ଆସି ଗାଡ଼ି ଧରିବାପାଇଁ ଯାଉଥିବାବେଳେ ମାଲିକଙ୍କ ଲୋକ ଷ୍ଟେସନରୁ ଟେକିନେଇ ମୁହଁ ଏବଂ ଦେହରେ ଏସିଡ୍ ପକାଇ ମାରି ଦେଇଥିବା ଖବର ପହଂଚିଛି। ଦୀପକ (ଏହି ପିଲାଟି) ଏହି ସବୁ କଥା ତାର ବଡ଼ ଭାଇଙ୍କ ଜଣାଇ ଥିଲା କିନ୍ତୁ ବିଶେଷ କିଛି ହେଲାନାହିଁ। ମୋର ଅନୁରୋଧ ସରକାରଙ୍କୁ ଦାଦନ ପ୍ରଥା ବିଶେଷ ଭାବରେ ନଜର ଦେଇ ବନ୍ଦ କରିବାକୁ ଚେଷ୍ଟା କରନ୍ତୁ। ଯେତେଦିନ ଆମର ଦାଦନ ପ୍ରଥା ବନ୍ଦ ନହେବ ସେତେ ପର୍ଯ୍ୟନ୍ତ ଅନ୍ୟାନ୍ୟ କ୍ଷେତ୍ରରେ ଏକ ନମ୍ବର ହେବାର କୌଣସି ମାନେ ରଖେନାହିଁ।

### କାଲି ଆଉ ଆଜି ଭିତରେ...
**ସ୍ୱାଗତ ମିଶ୍ର**

କାଲି ଆଉ ଆଜି ଭିତରେ
ବହୁତ କିଛି ବଦଳିଯାଏ,
ବଦଳିଯାଏ ସମୟ, ଦିନ, ତାରିଖ,
ବଦଳିଯାଏ ତିଥି, ବାର, ନକ୍ଷତ୍ର,
ବଦଳିଯାଏ ବର୍ଷ, ଋତୁ, ମାସ,
ବଦଳିଯାଏ ମନ, ପ୍ରେମ, ମଣିଷ,
ବଦଳିଯାଏ ପାଞ୍ଜି ଆଉ କ୍ୟାଲେଣ୍ଡର,
ବଦଳିଯାଏ ରଙ୍ଗ ଏ ପୃଥିବୀର ।
କାଲି ଆଉ ଆଜି ଭିତରେ
ରହିଛି ଦୀର୍ଘ ବ୍ୟବଧାନ,
ବ୍ୟବଧାନ ମାଟି ଆଉ ଆକାଶର,
ବ୍ୟବଧାନ ଜନ୍ମ ଆଉ ମୃତ୍ୟୁର,
ବ୍ୟବଧାନ ସତ୍ୟ ଆଉ ମିଥ୍ୟାର,
ବ୍ୟବଧାନ ପ୍ରାପ୍ତି ଆଉ ପ୍ରତୀକ୍ଷାର,
ବ୍ୟବଧାନ ତୋର ଆଉ ମୋର,
ବ୍ୟବଧାନ ପରିବର୍ତ୍ତିତ ଚବିଶ ଘଣ୍ଟାର।
କାଲି ଆଉ ଆଜି ଭିତରେ
ଘଟିଯାଏ ଅନେକ ଘଟଣା ଓ ଦୁର୍ଘଟଣା,
ଛିଡ଼ିଯାଏ ଅବେଳରେ ସମ୍ପର୍କର ଡୋରି,
ଝଡ଼ିଯାଏ ପ୍ରଣୟ ଫୁଲରୁ
ଭଲପାଇବାର ପାଖୁଡ଼ା,
ଠକିଯାଏ ପ୍ରତାରଣାର
ସହରେ ବିଶ୍ୱାସୀ ମଣିଷ,
ଥମିଯାଏ ସମୟାନୁସାରେ
ନିଃଶ୍ୱାସର ଗତି,
ଧୋଇଯାଏ ଭରସାର
ତୁଠରେ ଆଶାର ବାଲିଘର,
ପୋଡ଼ିଯାଏ ସାଇତା ଥିବା
ହାତଲେଖା ଚିଠି,
ବହିଯାଏ ଜୀବନରେ
ଦିନେ ଅଦିନିଆ ଝଡ଼,
ଭାଙ୍ଗିଯାଏ ଅଧାଗଢ଼ା ସପନର
ତାଜମହଲ,
ମରିଯାଏ ମନ ତଳେ ଅତୀତର ସ୍ମୃତି,
ରହିଯାଏ କଥା ସବୁ ହୋଇ ପ୍ରତିଶ୍ରୁତି,
ଶୁଖିଯାଏ ଆଖିରୁ ଲୁହର ଝରଣା,
ସରିଯାଏ ପ୍ରୀତିର ଆୟୁଷ ରେଖା,
ଲିଭିଯାଏ ପ୍ରେମର ବାସର ଦୀପାଳୀ ।
ସତରେ କ'ଣ କାଲି ଆଉ ଆଜି
ଭିତରେ
ଏମିତି ସବୁ ହୁଏ ?

+ପଦ୍ମାଦେଈପୁର,
ନୟାଗଡ଼

### ବୋରୱେଲର ଶିଶୁ
**କୁନା ସେଠୀ**

କାହାର ଆଶୀର୍ବାଦ ଅବା ଅଭିଶାପ
ଅବା ପାପ ମନର ଧନ
ଅବା ସେ ନିଃସହାୟ ର ସନ୍ତକ
କିବା ଶବଳ ର ଅତ୍ୟାଚାରର ଫଳ
ବୁଝିବାକୁ ସମୟ ନାହିଁ
ଆତ୍ମାଟିଏ
ହାଡ଼ ରକ୍ତ ମାଂସର ଶରୀର ଭିତରେ
ପ୍ରବେଶ କରିସାରିଛି
କେଜାଣି କେତେଦିନ ପାଇଁ
ଆୟୁଷକୁ ଆଣିଛି
ତଥାପି ବୋରୱେଲ ଭିତରେ
ବଞ୍ଚିବାକୁ ସଂଘର୍ଷ କରୁଛି ।

କଳବଳ ଲଗାଇ ପ୍ରଶାସନ
ଉଦ୍ଧାରିବା ପାଇଁ ବ୍ୟସ୍ତ
କେମିତିବା ଛାଡ଼ିଦ୍ୱେ
ମାନବିକତାର ଦ୍ୱାହି ଦେଇ
ଆଜି ସମସ୍ତେ ଲାଗି ପଡିଛନ୍ତି
ତାର ଉଦ୍ଧାର ପାଇଁ ।

ହାତୀର ଗର୍ଜନ ଦେଇ
ଶୁଣ୍ଢ ଟେକି ମାତିଅଛି
ଯନ୍ତ୍ର ମାନବ
ଖବର ପାଇଁ ବ୍ୟଗ୍ର ସାମ୍ବାଦିକ
ତୁହାକୁ ତୁହା ମୁଖ୍ୟଖବରର ଡାକ
ଆଉ କିଛି ସମୟ, ଏଇ ବାହାରିଗଲା
ଆଉ ଟିକିଏ ସମୟ ଲାଗିବ
କହି କହି ଟିଭିରେ ହାଲିଆ ହେଲେଣି
ସମ୍ବାଦ ପଢ଼ାଳି ।

ହେଲେ ଭାଗ୍ୟକୁ ଆଦରି
ଶୁଷ୍କ ତୃଣ ପରି ଲଟକିଛି
ଜୀବନର ଦୋଛକିରେ
ସତରେ ଭଗବାନଙ୍କର
କଣ ଏଇଠି କିଛି ଦାୟିତ୍ୱ ନାହିଁ ??
ନା ସବୁ କିଛି ମଣିଷ ହାତରେ
ଭଗବାନ ପରା ସୃଷ୍ଟିକର୍ତ୍ତା
କାହା ପାଇଁ ସୃଷ୍ଟି ଟା ଅସମ୍ଭବ ତ
କାହା ନିକଟରେ ସୃଷ୍ଟିର ସମ୍ଭାର
ସେଥିପାଇଁ ସୃଷ୍ଟିକୁ ଲତାବୁଦା ତଳେ
ରାସ୍ତା କଡରେ, ଅଳିଆ ଗଦାରେ
ଆଉ କେବେ କେବେ ବୋରୱେଲ
ଭିତରେ ସମର୍ପି ଦେଇ
ନିଜକୁ ଲୁଚାଇ ଦିଏ ।

ଆଉ ସୃଷ୍ଟି ପାଇଁ ଚେଷ୍ଟାରତ ମାନବ
ଭଗବାନଙ୍କୁ ପୂଜି ପୂଜି
ପରାମର୍ଶ ଲୋଡି ଲୋଡି
ଧର୍ମକୁ ଦ୍ୱାହି ଦେଇ ଦେଇ
ଆଜି ଅସହାୟ ନିଃସହାୟ
ହାଏରେ ବିଧାତା
କଣ ତୁମେ ନିଜେ ବୋରୱେଲ
ଭିତରେ ଶୋଇ ଯାଇଛ କି ?

+ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ



# ମୁକ୍ତି

## ଆନନ୍ଦ କୁମାର ମାଇତି



ବୋଉ ଲୋ ! ଏ ବୋଉ ! ତୁ ଏ କଣ କଲୁ ?

ସେତେବେଳେ ପୂରୁବ ଦିଗରେ ସୂର୍ଯ୍ୟ ପୂରା ଲାଲ ଟଗ ଟଗ ହୋଇ ଉପରକୁ ଉଠୁଥିଲା । ବିଜନ ଆଗ ଭେଁ କିନା ଚିଲ୍ଲେଇ ଉଠିଲା ତାପରେ ଘରର ସମସ୍ତେ କାନ୍ଦିଲେ । ଯେଉଁ କାନ୍ଦରେ ମିଶି ଥିଲା ମରଣ ବିଚ୍ଛେଦର କରୁଣ ଆର୍ତ୍ତନାଦ ।

କାନ୍ଦ ଶୁଣି ଆଖ ପାଖ ସମସ୍ତେ ଧାଇଁ ଆସିଲେ । ସମସ୍ତଙ୍କ ଆଶଙ୍କା ସତ୍ୟ ହେଲା । ବିଜନର ମା ମୃତ୍ୟୁ ବରଣ କରିଛି । ତେବେ ସେ ମୃତ୍ୟୁ ସ୍ୱାଭାବିକ ମୃତ୍ୟୁ ନୁହେଁ । ବେକରେ ରଶି ଲଗେଇ ଆତ୍ମହତ୍ୟା କରିଛି ବିଜନର ବୁଢ଼ୀ ବୟସର ମାଆ ପୀତଇ । ଅଦ୍ଭୁତ ଏକ ଶିହରଣ ସମସ୍ତଙ୍କ ଭିତରେ ଖେଳିଯାଉଥିଲା ସେତେବେଳେ ।

ସାହି ଭିତରେ ସବା ଆଗ ଶେଯରୁ ଉଠେ ବିଜନର ମାଆ ପୀତେଇ । ଆଜି ସୁରୁଜ ମହାପୁରୁ କୋଷେ ବାଟ ଗଲାଣି ଅଥଚ ମାଆ କବାଟ ଖୋଲିନି । ଶାନ୍ତି ଆଗ ଯାଇ କବାଟ ବାଡେଇଲା । ଭିତରୁ କୌଣସି ଶବ୍ଦ ନପାଇ ସ୍ୱାମୀ କୁ ଡାକିଲା । ବିଜନ ଆସି ଝରକା ଦେଇ ଦେଖେତ ତା ମାଆ ଝୁଲିଛି । ତାପରେ କବାଟ ଭାଙ୍ଗି ଭିତରକୁ ପଶିଥିଲା ।

କିନ୍ତୁ ଗୋଟିଏ ମୃତ୍ୟୁରେ ଯେତିକି ବିଷାଦର ବାତାବରଣ ସୃଷ୍ଟି ହେବା କଥା ପୀତେଇ ବୁଢ଼ୀ ମୃତ୍ୟୁରେ ତାହା ନଥିଲା । ବରଂ ସଭିଙ୍କ ମନରେ ଯେମିତି ଏକ ସ୍ୱସ୍ତିତା ଭାବ ପ୍ରକଟିତ ହୋଇ ଉଠୁଥିଲା । ସମସ୍ତଙ୍କ କହିବା କଥା ଏହା କେବଳ ଏକ ମୃତ୍ୟୁ ନୁହେଁ ଏକ ବିରାଟ ମୁକ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ବାସ୍ତବରେ ପୀତେଇ ବୁଢ଼ୀ ମୁକ୍ତି ପାଇଛି , ଆଉ ନିଜ ପରିବାରକୁ ମଧ୍ୟ ମୁକ୍ତି ଦେଇଛି ।

ହେଲେ ବିଜନ ଆଖିରେ ଆଶ୍ୱସ୍ତି ଭାବ ପରିବର୍ତ୍ତେ ଯନ୍ତ୍ରଣା ଓ ବିଚ୍ଛେଦ ବେଦନାର ଭାବ ଯେମିତି ଫୁଟି ଉଠୁଥିଲା । ଗାଁ ଲୋକେ ତାକୁ ବୁଝେଇଛି , ଦେଖ୍ ବିଜନ । ମାଆ ର ମୃତ୍ୟୁରେ ବେଶି ଦୁଃଖ କରନା । ବିଚାରୀ ମରିଯାଇ ବରଂ ଶାନ୍ତି ପାଇଲା । ତାର ଅବ୍ୟାହତି ନେବାଟା ଭବିତବ୍ୟ ଥିଲା । ଅବଶ୍ୟ ଅବ୍ୟାହତି ନେବାରେ ବିକଳ୍ପ ଟି ସଠିକ୍ ନୁହେଁ କିନ୍ତୁ ସେ ଯେ ତୋ ପରିବାରକୁ ବେଶି ଭଲ ପାଉଥିଲା ଗଲା ବେଳେ ସମ୍ପୂର୍ଣ୍ଣ ପ୍ରମାଣ ଦେଇଗଲା ।

ସେପର୍ଯ୍ୟନ୍ତ ବି ବିଜନ ଆଖିରୁ ଅନବରତ ଲୁହ ବୋହି ଚାଲୁଥିଲା । କ୍ରମେ ଅନେକ ଲୋକ ରୁଣ୍ଡ ହୋଇଗଲେଣି । ତାରି ଭିତରେ ବି ଥାଏ ପୀତେଇ ବୁଢ଼ୀର ସଙ୍ଗାତ ଚପଳା । ସେ ହିଁ ଠିକ୍ ଜାଣିଥିଲା ପୀତେଇ ବୁଢ଼ୀ ର ଆତ୍ମହତ୍ୟାର କାରଣ ।

ଚପଳା ସେଇ ସାହିର । ସାହିରେ ସଭିଙ୍କ ଘରକୁ ସେ ବୁଲି ଯାଏ । ସାହିସାରା ସବୁ ଘର ଗୁମର ତା ପାଖରୁ ମିଳିବାଟା ଥୟ ଜାଣ । ତାର ଗୋଟିଏ ବଡ ଦୂର୍ଗୁଣ ତା ପେଟଟା ଭାରି ପତଳା । ଗୋଟିଏ ବି କଥା ତା ପେଟରେ ଲୁଚି ରହିବା ଅସମ୍ଭବ । ସେ ଆସି ପହଞ୍ଚିଲା ମାତ୍ରେ ଆରମ୍ଭ କରିଦେଇଥିଲା ପୀତେଇ ବୁଢ଼ୀର ସମସ୍ତ ମହତ୍ତ୍ୱ କଥା ।

ଦୀର୍ଘ ଦିନ ହେଲା ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ଭାରି ଯନ୍ତ୍ରଣା ଭୋଗୁଥିଲା ବିଜନ ମାଆ । ଡାକ୍ତର ଦେଖା ବି ଚାଲିଥିଲା । ବିଜନ ଭାରି ଅଭାବୀ ଲୋକ । ମୂଲିଆ କାମ କରେ । ଯାହା ଉପାର୍ଜନ ହୁଏ ସେତିକିରେ ହୁଏତ ସଂସାର ଟା ଚଳିଯିବ । କିନ୍ତୁ ସେତକ ବି ଠିକରେ ହେଉନଥିଲା । ମାର ରୋଗରେ ମୁଠା ମୁଠା ଟଙ୍କା ପ୍ରତି ମାସରେ ଖର୍ଚ୍ଚ ହୋଇଯାଉଥିଲା । ଅଳ୍ପ ବୟସରେ ବିଜନ ତା ବାପାକୁ ହରେଇଛି । ତା ମାଆ ହିଁ ତାକୁ ଏଡୁଟାଏ କରିଛି । ମାର ଏତେ ବଳିଦାନ ପାଇଁ ଏତିକି ଅବଦାନ ଯଥେଷ୍ଟ ନୁହେଁ ବୋଲି ବିଜନ ସମସ୍ତଙ୍କୁ କହେ । ନିଜର ମହାନତା ଦେଖେଇଲେ କଣ ହେବ ଧୀରେ ଧୀରେ ସେ ଧାର କରଜରେ ବୁଡ଼ି ହୋଇ ଗଲା । ପରେ ପରେ ତାକୁ ଆଉ ଧାର ଉଧାର ବି ମିଳିଲାନି । ନିରୁପାୟ ହୋଇ ବାପା ଅମଳର ମାଣେ ଗହିର ବିଲ ଥିଲା ଯେ ତାକୁ ବିକି ଦେଲା ମାଆ ର ଡାକ୍ତର ଦେଖା ଖର୍ଚ୍ଚ ପାଇଁ । ନିର୍ମମ ଚେଷ୍ଟା କରିଛି ମାଆ କୁ କେମିତି ଭଲ କରିବା ପାଇଁ । ପୀତେଇ ଲଢୁଥିଲା ତା ରୋଗ ସହ ଆଉ ବିଜନ ଅସହାୟତ୍ୱ ସହିତ । ଦୁହିଁଙ୍କ ଯୁଦ୍ଧ ଟାବି ଥିଲା ଏକପ୍ରକାର ଅସମ । ରୋଗରେ ମ୍ରିୟମାଣ ହୋଇ ମୃତ୍ୟୁ ଦ୍ୱାର କୁ ପୀତେଇ ପାଖେଇ ଯାଉଥିବା ବେଳେ ବିଜନ ର ରଣ ତା ଦେବାଳିଆ ଭବିଷ୍ୟତକୁ ଅନୁସରଣ କରିଚାଲିଲା । ତଥାପି ସେ ତାର ମାନସିକତାର ଲଢେଇ ଜାରିରଖିଥିଲ । ଅବଶ୍ୟ ବିଲ ବିକ୍ରି ବେଳେ ତା ମାଆ କେମିତି ସୁରାକ ପାଇଯାଇଥିଲା । ସେତେବେଳେ ବିଜନକୁ ପାଖକୁ ଡାକି କହିଥିଲା , ଜାଣିଛୁ ତୋ ବାପା କେତେ କଷ୍ଟରେ ସେଇ ମଣକ କରିଥିଲା । ତୁ ତାକୁ ବିକିଦେବୁ ।

ବିଜନ କହିଥିଲା , ନ ବିକିଲେ ତୋ ଡାକ୍ତର ଦେଖା କେମିତି ହେବ ?

ଦରକାର ନାହିଁ ମୋର ଡାକ୍ତର ଦେଖା ।

ଜାଗା ବିକିବାର ପ୍ରଥମ ବାଧା ତା ସ୍ତ୍ରୀ ଆଗ ବିରୋଧ କରିଥିଲା ।

- ତମେ ସେ ଜାଗା ବିକିବ ମାଆ ର ଡାକ୍ତରୀ ଖର୍ଚ୍ଚ ପାଇଁ ?

ବିଜନ ଚୁପ୍ ଥିଲା ।

ତା ସ୍ତ୍ରୀ ବୁଝେଇ କହିଲା ଭଳି କହିଥିଲା, ଭବିଷ୍ୟତ କୁ କିଛି ସଞ୍ଚୟ କହିଲେ ସେଇ ଜାଗାଟା କେବଳ ମାତ୍ର ବଳକା ରହିଛି । ସେଇତକ ଯଦି ବିକ୍ରି ହୋଇଗଲା ଆମେ ସବୁ ଦାଣ୍ଡର ଭିକାରୀ ହୋଇଯିବି ଜାଣି ଥାଅ । ସବୁ ତ ବିକି ଭାଙ୍ଗି ରୋଗ ପଛରେ ଗଲା । ତାପରେ ପିଲା ଛୁଆ କଥା ଟିକେ ଚିନ୍ତା କର ।

ସେତେବେଳକୁ ବିଜନ କହିଥିଲା , ସବୁ ଠିକ୍ ହୋଇଯିବ ।

ସେଦିନ ଏତିକିରେ ବି କଥା ସରି ନଥିଲା । ସ୍ୱାମୀ ସ୍ତ୍ରୀ ଦିହେଁ ସେଇ ଜାଗା ବିକ୍ରି ନେଇ ଘମାଘୋଟ ଝଗଡ଼ା ଲଗେଇ ଦେଇଥିଲେ ଆଉ ଝଗଡ଼ା ଟି ପୀତେଇ କାନକୁ ବାଜିବା ପରେ ବିଜନ କୁ ତାଗିଦ୍ କରିଥିଲା , ହେଲେ ବିଜନ କାହାରି କଥା ଶୁଣି ନଥିଲେ ମଧ୍ୟ ବିଧ୍ୱସ୍ତ ବିଜନ ଗୃହଯୁଦ୍ଧର କୌଣସି ରାସ୍ତା ଖୋଜି ପାଇନଥିଲା ସେଦିନ । ନିରାଦୁଣ ଅସହାୟତ୍ୱ ତିନି ପ୍ରଜନ୍ମର ବଞ୍ଚିବାର ଅଧିକାର ତା ପାଖରେ ଏକ ପ୍ରଶ୍ନ ବାଚି ସୃଷ୍ଟି କରିଥିଲା । ପିତା ପୁତ୍ର ସ୍ୱାମୀ , ତ୍ରୀମୁଖଙ୍କ ଦାବି ମଝିରେ ନିଜ କର୍ତ୍ତବ୍ୟ କୁ ସେ କେଉଁଠି ଠିଆ କରିବ ଭାବିପାରୁନଥିଲା । ଜୀବନର ଅନ୍ଧାର ଓ ଆଲୁଅ ମଝିରେ ଈଶ୍ୱର ଆଉ ଶୈତନର ନୀରବ ଯୁଦ୍ଧ ରେ ପ୍ରତିନୀୟତ ହାରି ଯାଉଥିଲା ସେ । ନିଜ ଛାତିରେ ବି ନିଜ କାନ କୁ ପତେଇ ସେ ଶୁଣି ବାକୁ ପାଇନଥିଲା ଈଶ୍ୱରର ପବିତ୍ର ଉଚ୍ଚାରଣ ।

ଚପଳା କୁ ଦେଖି ସେଦିନ ଭାରି ଖୁସି ପିତେଇ । ନିଜ ଜୀବନର ସମସ୍ତ ସୁଖ ଦୁଃଖ ତା ପାଖରେ ବିସ୍ତାରିତ କରି ବସିଥିଲା ସେଦିନ । ତା ସ୍ୱାମୀ ତିଳ ତିଳ ହୋଇ ନିର୍ମମ ଉପାର୍ଜନ ରେ ଅମଳ କରିଥିବା ଜାଗା ଖଣ୍ଡିକ ବିକ୍ରି କରି ସାରିଛି ବିଜନ । ତେଣୁ ତା ମନଟା ପୂରା ବିଧ୍ୱସ୍ତ । ଚପଳା କୁ ଦେଖି ସେ ମୁକ୍ତ କରିଦିଏ ହୃଦୟର ଗହନ ଗୁମର ଭାଷା କୁ , ମୋତେ ଆଉ ବଞ୍ଚିବାକୁ ଇଚ୍ଛା ନାହିଁ ଲୋ ମିତ । ଦେହ ଯନ୍ତ୍ରଣା ଠୁ ଢେର୍ ବଳି ଯାଇଛି ହୃଦୟ ଯନ୍ତ୍ରଣା । ଭାରି ଭୟାନକ ପାଲଟି ଯାଇଛି । ଦିନ ରାତି ଠାକୁରକୁ ଡାକୁଛି , ସେ ଯେତେଶିଘ୍ର ମୋତେ ଏଠୁ ନେଇ ଯାଉ । କିନ୍ତୁ ମୁଁ ଯେମିତି ଜମଙ୍କର ବି ଅଣଦେଖା ପାଲଟି ଯାଇଛି ।

ଚପଳା ସାନ୍ତ୍ୱନା ଦେଇ କହିଥିଲା, ଏମିତି କହୁଛୁ କାହିଁକି ମିତ ? ବିଜନ ଜାଣିଲେ ଭାରି କଷ୍ଟ ପାଇବ ।

ସେଇଟା ତ ବଡ଼ କଷ୍ଟ । ପିଲାଟା ମୋର ଚିକିତ୍ସା ପାଇଁ ସର୍ବସାନ୍ତ ହୋଇଗଲାଣି । ଦୁନିଆ ଧାର ଉଧାର କରିସାରିଛି । ଖଟିଲେ ପିଲାଙ୍କ ମୁହଁ କୁ ଦାନ ଦିଏ । ସେଇ ଖଟି କି କେମିତି ଏତେ ଗୁଡିଏ ରଣ ସୁଝିବ ? ମୁଁ ପୋଡ଼ା ମୁହିଁ ମାଆ ହୋଇ ପିଲାଟାକୁ ଧ୍ୱଂସ ମୁହଁକୁ ଠେଲି ଦେଉଛି ।ଏସବୁ ଆଉ ସାହି ପାରୁନି । ନିଜକୁ ଭାରି ଅପରାଧୀ ଭଳି ଲାଗୁଛି । ମୋ ପାଇଁ ତା ସଂସାର ଟା ଛାରଖାର ହୋଇଯିବ ଏକଥା ଦେଖିବା ଆଗରୁ ମୋର ମରଣ ହେବଟା ନିହାତି ଉଚିତ୍ ।

ଚୁପ୍ କର କହି ଚପଳା ତାଗିଦ୍ କରିବାରୁ ପୀତେଇ ପୁଣି କହିଥିଲା , ମୁଁ ସେଇ ଚିର ଦିନ ପାଇଁ ଚୁପ୍ ହେବାକୁ ଚାହୁଁ ଛି । .... ତାପରେ ନୀରବ ରେ ଲୁହ ଝରେଇ ଚାଲିଥିଲା ସେ । ଚପଳା ତା ଆଖିରୁ ଲୁହ ପୋଛି ଦେଇ କହିଥିଲା , ତୁ ମରିଗଲେ କଣ ସବୁ ସମାଧାନ ହୋଇଯିବ ଭାବୁଛୁ ? ନା , ବରଂ ବିଜନଟା ପୂରା ଭାଙ୍ଗି ପଡ଼ିବ । ନିଜ ସ୍ତ୍ରୀ ପିଲା କଥା ସାମାନ୍ୟ ଚିନ୍ତା ନକରି ତୋ ପାଇଁ ନିଜକୁ ଉଜାଡି ଦେବା ପିଲାଟି ଯେ ତୋତେ କେତେ ଚାହେଁ । ତୋର ବଞ୍ଚି ରହିବା ତା ପାଇଁ କେତେ ଆଶୀର୍ବାଦ ତୁ କଣ ବୁଝିପାରୁ ନୁ ତାର ଏଇ ବଳିଦାନରୁ ?

ଚପଳା ଯେଉଁ ଦିନ ପୀତେଇ ସହ ମୃତ୍ୟୁ ବିଷୟରେ କଥା ହେଉଥିଲା ସେଇଦିନ ରାତିରେ ପୀତେଇ ଆତ୍ମହତ୍ୟା କରିଥିଲା । ଦିନ ବେଳେ ଚପଳା ସହ ବିଜନ ମାଆ କଥା ହେଲା ଆଉ ସେଇ ରାତିରେ ଆତ୍ମହତ୍ୟା କଲା ! ଏଇ ମୃତ୍ୟୁ ପାଇଁ ଚପଳା କୁ ବିଜନ ଦୋଷୀ ବୋଲି ଭାବୁନି ତ ? ଚପଳା ପୀତେଇ ପାଖକୁ ଯିବା କଥାଟା ବିଜନ ଜାଣିଛି । ସେଇ କାରଣରୁ ହୁଏତ ବିଜନ ଭାବି ଥାଇ ପାରେ ଚପଳା ହୁଏତ ଏମିତି କିଛି ସାଙ୍ଘାତିକ କଥା କହିଛି ଯାହାଫଳରେ ତା ମାଆ ଆତ୍ମହତ୍ୟା କରିବାକୁ ବାଧ ହୋଇଛି । ଏଇ ସନ୍ଦେହ ଚପଳା କୁ ଯେମିତି ସବୁବେଳେ କୋରି କୋରି ଖାଉଥିଲା ।ତେଣୁ ତାର ଉଚିତ୍ ହେବ ସେଦିନ କଣ ସବୁ କଥା ହୋଇଥିଲେ ତାର ଦୁଇ ମିତ ସେସବୁ ବିଜନ କୁ ଜଣାଇବା ନିହାତି ଜରୁରୀ । ନହେଲେ ସବୁ ଦୋଷ ଚପଳା କୁ ମୁଣ୍ଡେଇ ବାକୁ ପଡିପାରେ ।

କିନ୍ତୁ ବିଜନ ଯଦି କିଛି ବିରୋଧ ଆଚରଣ କରନ୍ତି, ଯାହାବି ହେଉ ଚପଳା ଭରସି ଭରସି ବିଜନ ପାଖକୁ ଗଲା । ବିଜନ ଆଉ ପୂର୍ବ ବିଜନ ପରି ଦେଖାଯାଉଥିଲା । ବିପର୍ଯ୍ୟସ୍ତ ଚେହେରା । ଦୁଇଟି ରାତି ଭିତରେ ସେ ଯେମିତି ଦାରୁଣ ବିୟୋଗ ଯନ୍ତ୍ରଣାରେ ତୀବ୍ର କାତର । ଆଖି ତଳ କଳା ପଡିଗଲାଣି । ମୁଣ୍ଡ ନୁଖୁରା ସାଙ୍ଗକୁ ମୁଁହ ଯେମିତି ଫୁଲି ଉଠିଛି । ନିଶ୍ଚୟ ଏ ଦୁଇ ରାତି ବିଲକୁଲ ଶୋଇ ପାରିନି ସେ । ସତେକି ଭୟଙ୍କର ଝଡ଼ ବୋହି ଯାଇଛି ତାରି ଉପରେ ।

ଯାହାହେଉ ଯେଉଁ କଥା ପାଇଁ ଚପଳା ଡରୁଥିଲା ସେ ସବୁ କିଛି ହେଲାନି । ବିଜନ ପୂରା ଶାନ୍ତ । ସେ ଥରେ ଚପଳାକୁ ଦେଖିଲା । ଚପଳା ଲକ୍ଷ୍ୟ କଲା ବିଜନ ଆଖିରେ ବିଧ୍ୱସ୍ତ ର ଚାହାଣି । ତା ମୁଣ୍ଡରେ ହାତ ରଖି କହିଲା, ଏମିତି ଭାଙ୍ଗି ପଡ଼ନା ବିଜନ । ବିଚାରୀ ପୀତେଇ ଟା ଭାରି ଭଲ ପାଉଥିଲା ତୋ ସଂସାରକୁ । ତୁ ଭାଙ୍ଗି ପଡ଼ିଲେ ତା ଆତ୍ମା ଶାନ୍ତି ପାଇବନି । ଭାରି କଷ୍ଟ ପାଉଥିଲା ହତଭାଗିନି ଟା ।ଦେହ ଆଉ ମନରେ ଅସମ୍ଭବ ଯନ୍ତ୍ରଣା ଥିଲା ତାର । ଏ ସବୁରୁ ସେ ଆଜି ମୁକ୍ତି ପାଇ ସାରିଛି ।

ମୁକ୍ତି ଶବ୍ଦ ଟି ଶୁଣିବା ମାତ୍ରେ ହଠାତ୍ ଭେଁ କିନା ରଡ଼ି ଛାଡ଼ି ବିଜନ କାନ୍ଦି ଉଠିଲା ଯେମିତି , ଚପଳା ତାର କଥା ବି ହରେଇ ବସିଲା ।

ଚପଳା ଚାଲିଯିବା ପରେ ବିଜନ ନିଜ ଆଖି ଲୁହରେ ଓଦା ହୋଇଥିବା ହାତ ପାପୁଲି ଦୁଇଟିକୁ ଆଖି ଆଗରେ ପତେଇ ରଖି ନିଜକୁ ପଚାରିଲା , ଏ ଲୁହ ମୃତ୍ୟୁ ବେଦନାର ଲୁହ ନା ମୋକ୍ଷ ମୁକ୍ତିର ଲୁହ ?

+ମୋ: ୯୪୩୯୦୭୭୩୯୫



# ସୁନ୍ଦରପଣ

## ନଗେନ୍ଦ୍ର ନାଥ ପଟ୍ଟନାୟକ

ଅଙ୍କିତା ଦେଖବାକୁ ସିନା ଶ୍ୟାମଳୀ କିନ୍ତୁ ଘର କାମଦାମରେ ଏକଦମ୍ ଧୁରନ୍ଧର । ଘରେ ସବୁ କୁଟୁମ୍ବଙ୍କୁ ଆପଣାଇ ପାରୁଥିବା ଅଙ୍ଗିତାର ସେଦିନ କ'ଣ ହେଲା କେଜାଣି ମନମାରି ବସିଥିଲା ଘରର ଗୋଟେ କୋଣରେ । ମଉନାବତୀ ସାଜିଥଲା ଯେମିତି । ସେଦିନ ସିନ୍ଦୁରା ଫାଟିବାବେଳକୁ ବିଷର୍ଣ୍ଣ ଅଙ୍କିତା କାହାରି ସହିତ ପଦେ ଅଧେ କଥା ବି ହେଉନଥଲା । ବରଂ ମୁହଁରେ ଚାବି ଦେଇ ନିଜ କାମ ପାଇଟିରେ ଲାଗି ପଡିଥଲା ସେ । ପତିଦେବ ମନୀଷ ଅନେକଥର ପଚାରି ସାରିଥିଲା- ଅଙ୍କତା କଥା କଣ , କଣ ହୋଇଛି ତୁମର ? ଆଜି ତୁମେ କାଇଁକି ଏତେ ଚିନ୍ତିତ ଜଣାପଡୁଚ ? ଏମିତି କଣ କଥା ଅଛି ଯେ ମାନ ଅଭିମାନ ଓ ରାଗରୁଷା କରିଛ । ସତରେ ତୁମ କଣ ମନ ଊଣା କରିଛ, କଣ କିଛି ଅସୁବିଧା ? ଅକଳରେ ପଡିଛ ନା କଣ ?

ଖୋଲିକରି କହିଦେଲେ ମନଟା ଉଛ୍ୱାସ ଲାଗିବପରା । ପେଟ ଭିତରେ କଥା ଲୁଚାଅ ନାହିଁ ଅଙ୍କିତା ।

ହେଲେ କାହିଁକି କେଜାଣି ଅଙ୍କିତା ପାଟିରୁ ସେଦିନ ଭାଷା ସ୍ଫୁରିଲା ନାହିଁ । ପେଟ ଭିତରୁ କଥାଟା ଆସି ତଂଟିରେ ଲାଖି ଯାଉଥଲା ଯେମିତି । ନିଜକୁ ଅସହଜ ମଣୁଥଲା ଅଙ୍କିତା । ବାସ୍‌ଖାଲି ଯାହା ସ୍ୱଗତୋକ୍ତି କରୁଥିଲା ସେ ଗଲାକାଲି କଥାକୁ ନେଇ ଅହରହଃ ଚିନ୍ତାରେ ଘାରି ହେଉଥଲା ବିଚାରୀ ।

ଗତକାଲି ଜନ୍ମଦିନ ଥିଲା ଅଙ୍କିତା ପୁଅର । ବେଶ୍ ଜାକଜମକରେ ପାଳିତ ହୋଇଥିଲା ଜନ୍ମଦିନ । ପୁଅର ଜନ୍ମଦିନ ପାର୍ଟିରେ ସହରର କୋଣ ଅନୁକୋଣରୁ ଆତ୍ମୀୟସ୍ୱଜନ, ବନ୍ଧୁ-ପରିଜନ, ଅତିଥି ଅଭ୍ୟାଗତ ଓ ଚିହ୍ନାଜଣା ଲୋକମାନଙ୍କୁ ଆମନ୍ତ୍ରଣ କରାଯାଇଥିଲା ଗେହ୍ଲା ପୁଅର ଜନ୍ମଦିନରେ ଯୋଗଦେବା ପାଇଁ । କେକ୍ କାଟିବା ସମୟ ଉପଗତ । ସେତିକିବେଳେ ଘନଘନ ଡକରା ଆସିଲା ମାଆ ଅଙ୍କିତାକୁ । କେକ୍‌ଖଣ୍ଡେ ଆଣିବାଲାଗି କୋଠରି ଭିତରକୁ ଢୁକିବାକୁ ଯାଉଛି କାହାର ପାଟିଶବ୍ଦ ଅଙ୍କିତା କାନରେ ବାଜିଲା । ସେଇଠିତା ପାଦ ଥମ୍‌କିନା ଅଟକିଗଲା । ପଛରୁ ସୀମାଖୁଡୀ କହୁଥିଲେ -କୁଆଡେ ଗଲା ମନୀଷା ,ଆଉ କୁଆଡେ ଚାଲିଗଲା ସେ ଅଙ୍କିତା ? ସେ ଦୁହିଁଙ୍କର ତ ଏଯାଏ ଦେଖାଦର୍ଶନ ନାହିଁ । ଏବେଏବେ ଦୁହିଁଙ୍କର ଉପସ୍ଥିତି ତ ନିହାତି ଜରୁରୀ । ମନୀଷା ମାଆ ବନ୍ଧୁବାନ୍ଧବ ଓ କୁଣିଆ ମଇତ୍ରମାନଙ୍କୁ ଆତିଥ୍ୟ ସତ୍କାର କଲାବେଳେ ଟିକେବି ଏମାନଙ୍କ ବାବଦରେ ଭାବିଲେ ନାହିଁ । ସ୍ୱାମୀସ୍ତ୍ରୀ ଦୁହେଁଯୋଡିହୋଇଥଲେ କଥାଟା ସିନା ସୁନ୍ଦର ଲାଗିଥାନ୍ତା । ଠିକ୍ ସେତିକିବେଳେ କବିତା ଖୁଡୀକହିଲେ -ତୁମ ଠିକକଥା କହିଲା ଦିଦି, ହେଲେ ଟିକେତା ଦେହ ରଙ୍ଗଉପରେ ନଜର ପକାନ୍ତୁତ । ଏ କଥା ପଦକ ଯେମିତି ଅଙ୍କିତା ଭିତରେ ତୀରଭଳି ବିଦ୍ଧ କଲା ଯେମିତି । କଥାଟା ଖୁବ୍‌ବାଧି ଗଲା ତାକୁ । ମନେ ମନେ ଭାବୁଥିଲା -ପ୍ରକୃତରେ ସିଏ କ'ଣ ଏତେ ଖରାପ ଦିଶୁଚି । ସେବେଠୁ ଏସବୁ କଥା ଅଙ୍କିତା ହୃଦୟରେ ବସା ବାନ୍ଧିଥିଲା ।



ଅନ୍ତର କଥା ମନୀଷା ଆଗରେ ପ୍ରକାଶ କଲେ ସିଏ କଣ କହିବ ? ନିଜକୁ ନିଜେ କିଏ କ'ଣ ଖରାପ କହେ ଯେ ସିଏ କହିବ ତା ପତିଦେବଙ୍କ ସାମନାରେ । ଏଇୟା ଭାବି ମୁହଁ ଖୋଲୁନଥିଲା ଅଙ୍କିତା । ଏଣେ ଅଙ୍କିତାର ଆଚରଣରେ ବେଶ୍ ବିମର୍ଶ ଦିଶୁଥଲା ମନୀଷା । ମାଆ ପାଖକୁ ଝଟକିନା ଯାଇ ଉଦାସ ମନରେ ପଚାରିଲା, କଣ ପଦେ ଅଧେ କଥା ହୋଇଥଲ ମାଆ । ଅଙ୍କିତାର ମସ୍ତିଷ୍କ ବିଗିଡିଯାଇଛି ବୋଧହୁଏ । ମାଆ ନସରପସର ହୋଇ ଅଙ୍କିତା ପାଖକୁ ମାଡି ଚାଲିଲେ । ସ୍ନେହସୋହାଗ ଭିଜା ସ୍ୱରରେ ପଚାରିଲେ -କଣ ହେଲାଝିଅ, ତୁଏମିତି ଗୁମ୍‌ସୁମ୍ ହୋଇ ବସିରହିଛୁ କାଇଁକି ? ପହିଲେ ଅଙ୍କିତା ମୁହଁ ଖୋଲି କିଛି କହିବାକୁ ଅମଙ୍ଗ ହେଲା ।ହେଲେ ମାଆ ବାରମ୍ବାର ପଚାରିଲାରୁ ସେ ଖାଲି ଗୁମୁରି ଗୁମିରି କାନ୍ଦିବାକୁ ଲାଗିଲା । ଭଙ୍ଗା ମନରେ ଥଙ୍ଗଥଙ୍ଗ ହୋଇ କହିଲା -ମ୍‌ଆ, ମୁଁ ଯଦି ସୁନ୍ଦରୀ ନ ଥିଲି ଆପଣ ଯାଙ୍କ ସହିତ ମୋର ହାତକୁ ଦି ହାତ କରୁଥିଲେ କେମିତି ? ଆଜି ସମସ୍ତେ ମୋର ଦେହର ରଙ୍ଗକୁ ନେଇ ଟାହିଟାପରା କରୁଛନ୍ତି । ଥଟ୍ଟା ପରିହାସ କରୁଛନ୍ତି । ବାଟଘାଟରେ ମୁଁ ମଥା ଟେକି ସଗର୍ବେ ଚାଲିପାରୁ ନାହିଁ । ସତରେ ମୁଁ କଣ ଏତେ ନିଉଛଣା ? ସ୍ୱାମୀ ମନୀଷ ଯିଏକି ଏକଥା ସବୁ କୋଠରି ବାହାରେ ରହିକା ନେଇଥିଲା, ଆଖି ପିଛୁଡାକେ ଝଡ ବେଗରେ ଘର ଭିତରେ ପଶି ଆସିଲା । ତଟସ୍ଥ ହୋଇ ପଚାରିଲା -ତୁମକୁ ଏ କଥା କିଏ କହିଲା ?ମାଆ ସଦାବେଳେ କହନ୍ତି -ଆମ ପୁଅ କେବେବି ଏମିତି କିଛି ଭାବିନଥିଲା ,ତୁମ ମନରେ ଏଭଳି ଅବାନ୍ତର କଥା ଧସେଇ ପଶୁଛି କାହିଁକି ? କିଏ ଯଦି ତୋର ସୁନ୍ଦରତାକୁ ନେଇକିଛି ଆକ୍ଷେପ କରିଛି ତା'ହେଲେ ମୋ ଆଗରେ ଖୋଲା ହୃଦୟରେ କହ । ଅଙ୍କିତା କାନ୍ଦକାନ୍ଦ ହୋଇକହିଲା -ଗଲାକାଲି ପୁଅର ଜନ୍ମଦିନ ପାର୍ଟିରେ ମୁଁକାଳେ ଅସୁନ୍ଦର ବୋଲି ସମସ୍ତଙ୍କ ଫୁସରଫାସର କଥା ମୋ କାନରେ ବାଜିଥଲା । ସେତିକିବେଳେ ମାଆ କହିଲେ -ଝଅ ! ତୁମେହେଉଛି ଏ ଘରର ଲକ୍ଷ୍ମୀ, ସାକ୍ଷାତ ଦେବୀ ଅନ୍ନପୂର୍ଣ୍ଣା । ମୁଁ ତମ ଅନ୍ତର୍ନିହିତ ସୁଗୁଣକୁ ଚିହ୍ନି ପରଖି ତୁମକୁମୋ ପୁତ୍ର ପାଇଁ ଉପଯୁକ୍ତ ପାତ୍ରୀ ବୋଲି ପସନ୍ଦ କଲି । ବୋହୂକରି ନିଜଘରକୁ ଆଣିଥିଲି । ଦେହରେ ଯୌବନ ଲହଡି ଭାଙ୍ଗିଲେରୂପ ରଙ୍ଗସିନା ଦାଉଦାଉ ଦିଶିବ, ହେଲେ ଏହାର ଔଜଲ୍ୟ ବେଶିଦିନ ରହିବ ନାହିଁ । ଦେହର ରୂପରଙ୍ଗ ତ କେଇଦିନର ଅତିଥ ସାଜି ଆସନ୍ତି । ବୟୟ ଢଳିବାମାତ୍ରେ ରଙ୍ଗରୂପ ଫିକା ପଡିଯିବ । ମୁଖମଣ୍ଡଳ ନିଷ୍ପ୍ରଭ ଓ ବିବର୍ଣ୍ଣ ଦିଶିବ । ଦେହ ଶିଥଳ ହୋଇଯିବ ଏବଂ ତ୍ୱଚା ଲୋଚାକୋଚା ପାଲଟିଯିବ । ମନୀଷା ଅଙ୍କିତା ପାଟିରେ ହାତ ଦେଇ ତୁନି କରାଇ ଦେଲା । କହିଲା, ଅଙ୍କିତା ସତ କହିଲ ମୁଁ ଆଉ ମାଆ କଣ କେବେ ତୁମକୁ ଏ ବାବଦରେ କିଛି କହିଛେ । ଏ ରଙ୍ଗରୂପରେ କିଛି ନଥାଏ ,ମନୁଷ୍ୟର ଉତମ ଆଚାର ବ୍ୟବାହାର ଓ ଶିଷ୍ଟାଚାର ଇଜୀବନରେ ସବୁକିଛି । ଲୋକଙ୍କ ଆଙ୍ଗୁରୁ ବାଙ୍ଗୁରୁ କଥା ଓ ତାସଲ୍ୟ ଆକ୍ଷେପକୁ ମନ ଭିତରେ ଭର୍ତିକରି ମନଟାକୁ ତୁଛାଟାରେ ଭାରକ୍ରାନ୍ତ କରନାହିଁ । ଲୋକଙ୍କର କାମ ନ ଥିଲେ ଏଣୁତେଣୁ ଗୁଡେ ବାଜେକଥା କହିବେ । ମୋ ମତରେ ଏ ସଂସାରରେ ସବୁଠୁ ସୁନ୍ଦରୀ ଆଉ କେହି ନୁହେଁ, କେବଳ ତୁମେ । ତୁମବିନା ମୁଁ ନିମିଷକ ପାଇଁ ବଂଚି ପାରିବିନି । ମନୀଷା ତୁଣ୍ଡରୁ କଥା ପଦକ ଶୁଣି ଅଙ୍କିତା ମଥା ଉପରକୁ ଟେକିଲା । ଆଖତାର ଉଜ୍ଜ୍ୱଳି ଉଠିଲା । ମନୀଷ ମାଆର ବାତ୍ସଲ୍ୟମମତା ଭିଜା କୋଳରେ ଲୋଟିପଡି ଆବେଗଭରା ସ୍ୱରରେ କହିଲା -ମୋ ମାଆ ଆଉ ମୋସ୍ତ୍ରୀ ଏ ଦୁନିଆରେ ସବୁଠୁ ସୁନ୍ଦରୀ । ଅପରୂପା ରୂପମତୀ । ସ୍ୱାମୀ ମନୀଷ କଥା ପଦକ ଶୁଣି ଖୁସିରେ ଗଦ୍‌ଗଦ୍ ହୋଇଉଠିଲା ଅଙ୍କିତା । ଏବେତା ମନରେ ଜମାଟ ବାନ୍ଧିଥବା ଶଙ୍କା ଆଶଙ୍କ ।ଓ ବିଷାଦ ଅପସରି ଯାଇଥିଲା ।

+ ପ୍ରାକ୍ତନ ଅତିରିକ୍ତ
ଶାସନ ସଚିବ ଓଡିଶା ସରକାର
ଓସ୍କାରସିଟି, ଲକ୍ଷ୍ମୀସାଗର
କେନାଲରୋଡ, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖାର ଜରୁରୀକାଳୀନ ବୈଠକ

ଜୟପୁର, ୧୭/୧୨ (ନି.ପ୍ର): ସ୍ଥାନୀୟ ଯାଦବ ଭବନ ଠାରେ ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଜୟପୁର ଆଂଚଳିକର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶଶୀଭୂଷଣ ଦାଶ ସଭାପତି ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖାଙ୍କ ଆହ୍ୱାନ କ୍ରମେ ଜୟପୁର ଅଂଚଳର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲାମାନେ ଏଥିରେ ଯୋଗଦାନ କରିଥିଲେ। ସରକାର ଅମଲା ମାନଙ୍କ ଏକ ମାତ୍ର ଦାବି କନିଷ୍ଠ ସହାୟକ ମାନଙ୍କ ପ୍ରବେଶିକା ଦରମା ହାର ୪୨୦୦/- ଗ୍ରେଡ ପେ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଯୋଗୁଁ ତା ୦୩.୧୨.୨୦୨୩ ରିଖ ଭୁବନେଶ୍ୱର ଗୀତ ଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ରାଜ୍ୟ ସଂଘର ନିଷ୍ପତି ଓ ନିର୍ଧାରଣ ଅନୁଯାୟୀ ରାଜ୍ୟ ସଂଘ ଦ୍ୱାରା ରାଜ୍ୟ ସରକାରଙ୍କୁ ଚରମ ପତ୍ର ପ୍ରଦାନ କରାଯାଇଥିଲା। ସେଥିରେ ଉଲ୍ଲେଖ ଥିଲା ଯେ, ସରକାର ଯଦି ଅମଲା ମାନଙ୍କ ଏକ ମାତ୍ର ନ୍ୟାର୍ଯ୍ୟ ଦାବି ତା ୧୯.୧୨.୨୦୨୩ ରିଖ ସୁଦ୍ଧା ପୂରଣ ନ କରନ୍ତି ତାହେଲେ ସ୍ଥଗିତ ରଖାଯାଇଥିବା ଆନ୍ଦୋଳନକୁ ପୁଣିଥରେ ଜିଲ୍ଲା ସ୍ତରୀୟ ଅମଲା ଆରମ୍ଭ କରିବେ। ତେଣୁ ରାଜ୍ୟ ସଂଘର ନିଷ୍ପତି ଅନୁଯାୟୀ, ତା ୧୯.୧୨.୨୦୨୩ ରିଖ ସୁଦ୍ଧା ସମସ୍ତ ବ୍ଲକ୍, ଉପଖଣ୍ଡ ଓ ଅଂଚଳରେ ବୈଠକ କରିବା ସହିତ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ ନେଇ ଆଜି ଜୟପୁର ଠାରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଶଶୀଭୂଷଣ ଦାଶ ସଭାପତିତ୍ୱ କରିଥିବା ବେଳେ ନିତ୍ୟାନନ୍ଦ ଭତ୍ରା, ସମ୍ପାଦକ ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖା ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ। ସମସ୍ତ ଉପସ୍ଥିତ ଅମଲା ଆସନ୍ତା ୨୦ ତାରିଖରୁ ସମୂହ ଛୁଟିରେ ରହିବା ସହ ଆନ୍ଦୋଳନକୁ ଓହ୍ଲାଇବା ନେଇ ମତାମତ ଉପସ୍ଥାପନ କରିଥିଲେ। ଏଥିରେ ମୁଖ୍ୟତଃ ସଞ୍ଜୟ କୁମାର ପଣ୍ଡା, ଗୌରି ପ୍ରସାଦ ଦାସ, ସତ୍ୟ ରଞ୍ଜନ ତ୍ରିପାଠୀ, ପଦ୍ମେଶ୍ୱର ବିଷୋୟୀ, ସାନ୍ତନୁ କୁମାର ଜେନା, ବାଳ ଗୋପାଳ ମିଶ୍ର, ପ୍ରତୀକ ମିଶ୍ର, ନାଗେଶ୍ୱର ରାଓ ଓ ମୁନ୍ନା ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ପରି ଶେଷରେ ଶ୍ରୀ ଦାଶ ସଭାପତି ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ।

# କଦମପଡ଼ା ଶିଶୁମନ୍ଦିରରେ ପ୍ରତିଭା ସମ୍ମାନ ଉତ୍ସବ

ବଲାଙ୍ଗୀର, ୧୭/୧୨ (ନି.ପ୍ର): ଆଜି କଦମପଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ "ପ୍ରତିଭା ସମ୍ମାନ" ଉତ୍ସବ ପାଳନ କରାଯାଇଛି। ପରିଚାଳନା ସମିତିର ବରିଷ୍ଠ ସଦସ୍ୟ ସନାତନ ଠାକୁର ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଅତିଥି ପରିଚୟ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ କରିଥିବାବେଳେ ଗୁରୁଜୀ ସରୋଜ ମିଶ୍ର ଓ ଗୁରୁମା ମୀନା ଦାଶ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୩୩୯ଟି ପୁରସ୍କାର ପ୍ରଦାନ କରା ଯାଇ ଥିଲା । ତନ୍ମଧ୍ୟରୁ ଶିଶୁ ବର୍ଗରେ କୃତି ଖେଳାଳୀ ଭାବେ ହର୍ସିତା ସିଂ, ବାଳବର୍ଗରେ ବିଜୟ କୁମାର ସେଠ ଓ କିଶୋର ବର୍ଗରେ ସୁବୁଦ୍ଧି ସାଗର, ଭୋଳା ରଞ୍ଜନ ମାଝୀ ଓ ଆଦ୍ୟାଶା ଗଡତିଆ ପୁରସ୍କୃତ ହୋଇଥିଲେ। ବାର୍ଷିକ ଉତ୍ସବ ଅବସରରେ ୧୪ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ସେଥିପାଇଁ ୪୨ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରା ଯାଇ ଥିଲା। ମଂଚାସୀନ ଅତିଥିଙ୍କ ମଧ୍ୟରେ ଉପ ସଭାପତି ବିରେନ୍ଦ୍ର ଧରୁଆ, ସଂପାଦକ ସୁରେନ୍ଦ୍ର ତ୍ରିପାଠୀ, କୋଷାଧ୍ୟକ୍ଷ ସତ୍ୟାନନ୍ଦ ଷଡଙ୍ଗୀ ଉପସ୍ଥିତ ଥିଲେ। ଧନ୍ୟବାଦ ଅର୍ପଣ ଗୁରୁଜୀ ସୁଶାନ୍ତ ରଣା କରିଥିଲେ। ଗୁରୁମା ଭାରତୀ ସାହୁ ଓ ଗୁରୁଜୀ ସୁଶାନ୍ତ ରଣାଙ୍କ ସଂଚାଳନାରେ କାର୍ଯ୍ୟକ୍ରମଟି ସଫଳତା ସହ ସଂପର୍ଣ୍ଣ ହୋଇଥିଲା।

# ନୂଆ-ଓ ଫେଷ୍ଟ ଉପଲକ୍ଷେ ଜିଲ୍ଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ

ସୁବର୍ଣ୍ଣପୁର, ୧୭/୧୨ (ନି.ପ୍ର): ସୁବର୍ଣ୍ଣପୁର ପ୍ରଶାସନ ତରଫରୁ ନୂଆଁ -ଓ ଫେଷ୍ଟ ଉପଲକ୍ଷେ ସୋନପୁର ସ୍ଥାନୀୟ ନୂତନ ଟାଉନହଲ ଠାରେ ଆଜି ଜିଲ୍ଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଜି ଏକକ ଅଭିନୟ ଓ ଷ୍ଟାଣ୍ଡ ଅପ କମେଡି ପ୍ରତିଯୋଗିତା ଅନୁଷ୍ଠିତ ଆରମ୍ଭ ହୋଇଥିବା ବେଳେ ଜିଲ୍ଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତାରେ ତା ୧୭/୧୨/୨୩ ଦିନ ସଙ୍ଗୀତ (ଏକକ ଓ ଦଳଗତ) ଓ ତା ୧୮/୧୨/୨୩ ଦିନ ନୃତ୍ୟ(ଏକକ ଓ ଦଳଗତ ) ଅନୁଷ୍ଠିତ ହେବ। ଆଜି ଅନୁଷ୍ଠିତ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ପ୍ରଭୃତି ଅଂଶଗ୍ରହଣ କରିଥିଲେ। ଅନୁଷ୍ଠିତ ଏକକ ଅଭିନୟ ପ୍ରତିଯୋଗିତାରେ ଦୀପକ ବାଗ, ଶ୍ରୀରାମ କଲେଜ, ରାମପୁର ପ୍ରଥମ, ଶିବାନୀ ପଣ୍ଡା, ବି ପି ମହିଳା ମହାବିଦ୍ୟାଳୟ, ସୋନପୁର ଦ୍ୱିତୀୟ,ଓ ଲଭଲି ସାହୁ, ଧର୍ମଶାଳା କଲେଜ ତୃତୀୟ ସ୍ଥାନ ହାସଲ କରିଥିବାବେଳେ,ଷ୍ଟାଣ୍ଡ ଅପ କମେଡି ପ୍ରତିଯୋଗିତାରେ ଯସ୍ମିନ ବେଦବାକ, ସୋନପୁର କଲେଜ, ସୋନପୁର ପ୍ରଥମ,ଆଲିୟା ବର୍ଗର୍ଦୀ, ବି ପି ମହିଳା ମହାବିଦ୍ୟାଳୟ ସୋନପୁର ଦ୍ୱିତୀୟ ଓ ଦୀପକ ବାଗ, ଶ୍ରୀରାମ କଲେଜ, ରାମପୁର ତୃତୀୟ ସ୍ଥାନ ହାସଲ କରି ଯୋଗ୍ୟ ବିବେଚିତ ହୋଇଛନ୍ତି କ୍ଷ ଆଜି ବିଚାରକ ଭାବେ ନାଟ୍ୟ ଶ୍ରୀ ଗଦାଧର ବାରିକ, କଳାକାର ପ୍ରଦ୍ୟୁମ୍ନ କୁମାର ସାହୁ ଓ ପ୍ରଭୁଦତ ରଥ ଓ ଅଭିନାଶ ହୋତା ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୋଡାଲ କଲେଜ ସୋନପୁରର ଅଧ୍ୟାପକ ଅଧ୍ୟାପିକା ସହ ଛାତ୍ର ଛାତ୍ରୀ ପ୍ରମୁଖ ସହଯୋଗ କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା କ୍ଷ ଆସନ୍ତା କାଲି ନୃତ୍ୟ ପ୍ରତିଯୋଗିତାରେ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରୁ ଛାତ୍ର ଛାତ୍ରୀଙ୍କୁ ଅଂଶଗ୍ରହଣ ନିମନ୍ତେ ପ୍ରେରଣ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ମହାବିଦ୍ୟାଳୟର ଅଧକ୍ଷ ଅଧକ୍ଷାଙ୍କୁ ଅନୁରୋଧ କରାଯାଇଛି।

# ବଲାଣି ଖଣିରେ ସୁରକ୍ଷା ସପ୍ତାହ ପାଳିତ

ବଲାଣି, ୧୭/୧୨ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅନ୍ତର୍ଗତ ଓଡିଶା ଖଣି ସମୂହ ଅଧିନସ୍ଥ ବଲାଣି ଲୌହ ଖଣିରେ ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ,ଭୁବନେଶ୍ୱର ଆନୁକୂଲ୍ୟରେ ୪୧ତମ ଖଣି ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏ ନେଇ ସୋମବାର ଖଣି ସୁରକ୍ଷା ଓ କାର୍ଯ୍ୟ ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ର ଠାରେ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୁରକ୍ଷା ପତାକା ଉତୋଳନ କରି ସୁରକ୍ଷା ସପ୍ତାହର ଶୁଭାରମ୍ଭ କରିବା ସହିତ ଖଣିର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଖଣି ପରିସରରେ ସୁରକ୍ଷା ନିୟମକୁ ପାଳନ କରିବାକୁ ଶପଥ ପାଠ କରାଇଥିଲେ । ଖଣି ସୁରକ୍ଷା ସପ୍ତାହର ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ ରେ ବିଭିନ୍ନ ଖଣିର ଅଧିକାରୀଙ୍କୁ ନେଇ ଗଠିତ ନିରିକ୍ଷଣ ଦଳ ଖଣିରେ ଥିବା ବିଭିନ୍ନ ଯାନ୍ତିକ ଉପକରଣ, ଖଣି ଉତୋଳନ ସମୟରେ ନିଆଯାଉଥିବା ସୁରକ୍ଷିତ ପଦକ୍ଷେପ କୁ ନିରିକ୍ଷଣ କରିବା ସହିତ ଏହାର ମୂଲ୍ୟାୟନ କରିଥିଲେ । ପରେ ବଲାଣି ଖଣି ଦ୍ୱାରା ଆୟୋଜିତ ଖଣିର ବିଭିନ୍ନ ବିଭାଗ, ବିଦ୍ୟାଳୟ ର ଛାତ୍ରଛାତ୍ରୀ , ଖଣିର ପଞ୍ଜିକୃତ ବିକ୍ରେତା, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଖଣି ସୁରକ୍ଷା ଆଧାରିତ ବିଭିନ୍ନ ନମୁନା ପ୍ରଦର୍ଶନ କରିଥଲେ । ଖଣି ସୁରକ୍ଷାର ପ୍ରଚାର ଓ ପ୍ରସାର ନିମନ୍ତେ ବଲାଣି ଖଣି ପକ୍ଷରୁ ବିଭିନ୍ନ ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିବା ବେଳେ ଏହି ଭବ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କୃତି ବିଜେତାଙ୍କୁ ପୁରସ୍କାର ବିତରଣ କରଯାଇଥିଲା । ଏହା ବ୍ୟତୀତ ଖଣି ସୁରକ୍ଷା ଆଧାରିତ ନାଟକ ସହିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଖଣି ସୁରକ୍ଷା ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ, ଭୁବନେଶ୍ୱର ୧ କ୍ଷେତ୍ରର ନିର୍ଦ୍ଦେଶକ( ଖଣି ) କେ.ମଣ୍ଡଳ, ନିରିକ୍ଷଣ ଦଳର ଆବାହକ ତଥା ନାରାୟଣୀପୋଷି ଲୌହ ଓ ମାଂଗନିଜ ଖଣିର ଏଭିପି ରାମଶଙ୍କର ଶର୍ମା, ଠାକୁରାଣୀ ଲୌହ ଖଣିର ଉପମହାପ୍ରବନ୍ଧକ ସତ୍ୟକାମ ଦାସ, କାଶିଆ ଲୌହ ଓ ଡ୍ଲୋମାଇଟ ଖଣିର ଉପମହାପ୍ରବନ୍ଧକ(ମେକାନିକାଲ) ସୁବାଷ ଦାସ, କୁରମିତା ଲୌହ ଖଣିର ପ୍ରବନ୍ଧକ(ବିଦ୍ୟୁତ) ବିଜୟ କୁମାର ସେଠୀ, ଓଡିଶା ଖଣି ସମୂହର କାର୍ଯ୍ୟକାରୀ ନିଦେଶକ ଆଲୋକ କୁମାର ବର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

ଏହି କାର୍ଯ୍ୟକ୍ରମରେ ବଲାଣି ଖଣିର ସମସ୍ତ ଅଧିକାରୀ, ଖଣି କର୍ମଚାରୀ, ଠିକା କର୍ମଚାରୀ ସହିତ ସ୍ଥାନୀୟ ଅଂଚଳର ଅଧିବାସୀ ମାନେ ଉପସ୍ଥିତ ରହି ବିଭିନ୍ନ ନମୁନା ଦେଖିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ ।

# ଲାଂଚ ନେବା ଅଭିଯୋଗରେ ଅବସରପ୍ରାପ୍ତ କନିଷ୍ଠ କିରାଣୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୩ ହଜାର ଟଙ୍କା ଜରିମାନା

କନ୍ଧମାଳ, ୧୭/୧୨ (ନି.ପ୍ର): ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ବିଚାରପତି ସମର ବିଳାସ ବେହେରା ଆଜି ଏକ ଲାଂଚ ମାଗିବା ଏବଂ ନେବା ମାମଲାର ବିଚାର କରି, ସାକ୍ଷୀ ଓ ପ୍ରମାଣ ଆଧାରରେ ମାମଲାର ଅଭିଯୁକ୍ତ ଫୁଲବାଣୀ ଗ୍ରାମ୍ୟ ଉନ୍ନୟନ ବିଭାଗର ପୂର୍ବତନ କନିଷ୍ଠ କିରାଣି, ଅମୂଲ୍ୟ କୁମାର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତକୁ ଆଉ ଅଧିକ ୩ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ଦର୍ଶାଇଛନ୍ତି ବିଚାରପତି। ସୂଚନା ପ୍ରକାରେ, ଗତ ୨୦୨୨ ମସିହାରେ ଅମୂଲ୍ୟ ସାହୁ, ସେହି କାର୍ଯ୍ୟାଳୟର ଆଉ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ କିଛି ବକେୟା ଦରମା ଓ ଗ୍ରାଚୁଟି ପ୍ରାପ୍ୟର ବିଲ୍ ପ୍ରସ୍ତୁତ କରିବା ପାଇଁ ଲାଂଚ ଦାବି କରିଥିଲେ। ସେ ଏହି ଲାଂଚ ନେଉଥିଲା ବେଳେ ଭିଜିଲାନ୍ସ ବିଭାଗ ଟଙ୍କା ସମେତ ତାଙ୍କୁ ଧରିଥିଲା। ଏ ସଂକ୍ରାନ୍ତରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏକ ମାମଲା ୪/୧୨.୨.୨୦୨୦ ରୁଜୁ କରି ତାଙ୍କୁ ବିଚାରପତିଙ୍କ ନିକଟରେ ହାଜର କରାଇଥିଲା ଭିଜିଲାନ୍ସ। ଆଜି ସେହି ମାମଲାର ବିଚାରଣ କରି ଉପରୋକ୍ତ ରାୟ ଶୁଣାଇଛନ୍ତି ବିଚାରପତି । ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି. ଭି ଭି ରାମଦାସ ପରିଚାଳନା କରୁଥିଲେ। ତେବେ ଅମୂଲ୍ୟ ସାହୁ ଅବସରପ୍ରାପ୍ତ ଏବଂ ପେନସନ୍ ଭୋଗି ହୋଇଥିବାରୁ, ତାଙ୍କର ପେନସନ୍ ବନ୍ଦ କରିବା ପାଇଁ ତାଙ୍କ ଉପରିସ୍ଥ ବିଭାଗକୁ ଭିଜିଲାନ୍ସ ବିଭାଗ ନିର୍ଦ୍ଦେଶ ଦେବ ବୋଲି ଜଣାପଡିଛି।

# ରିଏଲ ଇଷ୍ଟେଟ ମାଲିକଙ୍କ ସରକାରୀ ଜମି ଜବରଦଖଲକୁ ବିରୋଧ

ଜୟପୁର, ୧୭/୧୨ (ନି.ପ୍ର): ରିଏଲ ଇଷ୍ଟେଟ ମାଲିଙ୍କ ଦ୍ୱାରା ସରକାରି ଜମି ଜବର ଦଖଲ ହୋଇଥିବା ନେଇ ଯୁବ ସଂଗଠନ ତରଫରୁ ଆଜି ଅଭିଯୋଗ କରାଯାଇଛି । ସଂଗଠନ ଆବାହକ ରବିନ୍ଦ୍ର ମହାପାତ୍ର ଅଭିଯୋଗ କରିଛନ୍ତି ଯେ, ଜୟପୁର ସହର ଜୟନଗର ଆରଆଇ ଅଧିନରେ ଥିବା ଜମିରେ ଜାଗା ବିକ୍ରି ପାଇଁ ପ୍ଲଟ କରିଛନ୍ତି । ଉକ୍ତ ପ୍ଲଟ ବିକ୍ରି କରିବା ପାଇ ୩୦ ଫୁଟ ଚଉଡାର ରାସ୍ତା ନିର୍ମାଣ କରାଯାଇଛି । ଏହି ରାସ୍ତା ଜାଗା ସରକାରୀ ଜାଗା ହୋଇଥିବା ବେଳେ ଏହାକୁ ଜବରଦଖଲ କରାଯାଇଛି । କୋଟି କୋଟି ଟଙ୍କାର ଜାଗା ବିକ୍ରି କରିବାକୁ ଆସୁଥିବା ଏହି ରିଏଲ ଇଷ୍ଟେଟ ମାଲିକ ସରକାରୀ ଜମି ଜବରଦଖଲ ବିରୋଧରେ ଯଦି ପ୍ରଶାସନ କୌଣସି କାଯ୍ୟନୁଷ୍ଠାନ ଗ୍ରହଣ କରୁନାହିଁ । ତାହା ହେଲେ ଗରିବ ଭୂମିହିନଙ୍କ ଜବର ଦଖଲ ବିରୋଧରେ କାହିଁକି କାଯ୍ୟାନୁଷ୍ଠନ ଗ୍ରହଣ କରାଯାଉଛି ବୋଲି ପ୍ରଶ୍ନ କରିଛି ସଂଗଠନ । ଯଦି ରିଏଲ ଇଷ୍ଟେଟ କୁ ଅନୁମତି ଦିଆଯାଏ ତେବେ ଭୂମିହୀନ ଗରିବ ଲୋକଙ୍କୁ ମୁଣ୍ଡ ଗୁଞ୍ଜିବାକୁ କୁଡିଆ ନିର୍ମାଣ କରିବାକୁ ଏହି ଜାଗାରେ ଅନୁମତି ଦେବାକୁ ଦାବି କରାଯାଇଛି ।

ଏନେଇ ଗରିବ ଲୋକ ମାନେ ଆଜି ଏକତ୍ରିତ ହୋଇ ଜବର ଦଖଲକୁ ବିରୋଧ କରିଛନ୍ତି । ଏହି ସୂଚନା ପାଇ ସୁପରଭାଇଜର ହରିହର ସତପଥି, ଆରଆଇ ତିରେନ ଚାଲାଣ ଘଟଣାସ୍ଥଳକୁ ଯାଇଥିଲେ । ସଂଗଠନ ତରଫରୁ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି ।

# ଆଜି ନବୀନ ଓଡ଼ିଶା ଅଧକ୍ଷଙ୍କ କେନ୍ଦ୍ରାପଡ଼ା ଗସ୍ତ: ନେତା ଓ କର୍ମୀ ମହଲରେ ଉତ୍ସାହ

କେନ୍ଦ୍ରାପଡ଼ା, ୧୭/୧୨ (ନି.ପ୍ର): ନବୀନ ଓଡିଶା ଓ ୫ଟି ର ଅଧକ୍ଷ ଭି. କାର୍ତିକେୟନ ପାଣ୍ଡିୟାନ ଆସନ୍ତା ୧୮ ତାରିଖରେ କେନ୍ଦ୍ରାପଡ଼ା ଗସ୍ତରେ ଆସୁଥିବାରୁ ଜିଲ୍ଲାର ବିଜେଡି ନେତା ଓ କର୍ମୀ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି । ଶ୍ରୀ ପାଣ୍ଡିୟାନ ନୂଆ ଦାୟିତ୍ୱ ବହନ କରିବା ପରେ ପ୍ରଥମ କରି କେନ୍ଦ୍ରାପଡ଼ା ଆସୁଥିବାରୁ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏକ ପ୍ରସ୍ତୁତି ବୈଠକ ଇଚ୍ଛାପୁର ସ୍ଥିତ ଶ୍ୟାମାକାଳୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ପାଣ୍ଡିୟାନ ତାଙ୍କ ଜିଲ୍ଲା ଗସ୍ତ ରାଜନଗରରୁ ଆରମ୍ଭ କରୁଥିବାବେଳେ ଫେରିବା ବାଟରେ କେନ୍ଦ୍ରାପଡ଼ାର ଗଗୁଆ ଛକରେ ଶତାଧିକ କର୍ମୀ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିବା ସହ କେନ୍ଦ୍ରାପଡ଼ାକୁ ପାଛୋଟି ଆଣିବେ । ତିନିମୁହାଣୀ ଛକ ଠାରୁ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ମଟର ସାଇକେଲ ର୍ୟାଲିରେ ଏକ ବିରାଟ ସ୍ୱାଗତ ଶୋଭାଯାତ୍ରା ସହର ପରିକ୍ରମା କରି ଇଚ୍ଛାପୁର ସ୍ଥିତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ଆଣିବେ। ସେଠାରେ ଶ୍ରୀ ପାଣ୍ଡିଆନ ଶ୍ରୀ ଜୀଉଙ୍କ ସାନ୍ଧ୍ୟ ଦର୍ଶନ କରିବା ସହ ଭୁବନେଶ୍ୱର ପ୍ରତ୍ୟାବର୍ତନ କରିବାର କାର୍ଯ୍ୟକ୍ରମ ରହିଛି। ଆଜିର ଏହି ପ୍ରସ୍ତୁତି ବୈଠକରେ ଖାଦ୍ୟ ଯୋଗାଣ ଖାଉଟୀ କଲ୍ୟାଣ ସମବାୟ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବରିଷ୍ଠ ବିଧାୟକ ଶଶି ଭୂଷଣ ବେହେରା, ଜିଲ୍ଲା ପରିଷଦ ଅଧକ୍ଷା ଗୀତାଞ୍ଜଳୀ ସେଠୀ, ପୌର ଅଧକ୍ଷା ସରିତା ସାହୁ, ପୂର୍ବତନ ପୌରାଧକ୍ଷ ଧିରେନ କୁମାର ସାହୁ, ବିଜେଡି ସଂପାଦକ ରଂଜିତ କୁମାର ସାହୁ, ଜିଲ୍ଲା ଉପ ସଭାପତି ଦେବଦାସ ମହାନ୍ତି, ଭାରତୀ ଦଳାଇଙ୍କ ସମେତ ମହାକାଳପଡ଼ାର ଆଗଧାଡିର କର୍ମୀମାନେ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ପରିସରରେ ଅସାମାଜିକ ବ୍ୟକ୍ତିଙ୍କ ପ୍ରବେଶକୁ ନେଇ ଶିକ୍ଷାବିତଙ୍କ ଅସନ୍ତୋଷ: ଦୃଢ କାର୍ଯ୍ୟାନୁଷ୍ଠାନ ଦାବି

କେନ୍ଦ୍ରାପଡ଼ା, ୧୭/୧୨ (ନି.ପ୍ର): କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଅସାମାଜିକ ବ୍ୟକ୍ତିଙ୍କ ପ୍ରବେଶ ଘଟଣାକୁ ନେଇ ବହୁ ଶିକ୍ଷାବିତ ଗଭୀର ଅସନ୍ତୋଷ ବ୍ୟକ୍ତ କରିବା ସହିତ ତୁରନ୍ତ ଏହି ଘଟଣାରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମହାବିଦ୍ୟାଳୟର ଗଣିତ ବିଭାଗ ମୁଖ୍ୟ ପ୍ରଫେସର ଅଶୋକ କୁମାର ମିଶ୍ରଙ୍କୁ କଲେଜ ପରିସରରେ ଥିବା ବିଭାଗୀୟ କାର୍ଯ୍ୟାଳୟରେ କେତେକ ଅସାମାଜିକ ବ୍ୟକ୍ତି ପଶି କଲେଜ ଅଧକ୍ଷ ନିଯୁକ୍ତି ସଂକ୍ରାନ୍ତୀୟ ହାଇକୋର୍ଟରେ ବିଚାରାଧୀନ ଥବା ମାମଲାକୁ ତୁରନ୍ତ ପ୍ରତ୍ୟାହାର କରିନେବାକୁ ଧମକ ଦେବା ସହିତ ଗାଳିଗୁଲଜ କରିଥିବା ସମ୍ପର୍କରେ ସେ ଭାରପ୍ରାପ୍ତ କଲେଜ ଅଧକ୍ଷ ଅଶୋକ କୁମାର ଦାସଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ ଅଦ୍ୟାବଧି କଲେଏଜ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ପ୍ରଫେସର ମିଶ୍ର କହିଛନ୍ତି। ଘଟଣା ଅନୁଯାୟୀ ଗତ ୯ତାରିଖ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ପ୍ରଫେସର ମିଶ୍ର ମହାବିଦ୍ୟାଳୟ ପରିସରରେ ଥିବା ଗଣିତ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ସମୟରେ ହଠାତ୍ ୫/୭ଜଣ ଅସାମାଜିକ ବ୍ୟକ୍ତି ବିଭାଗ କାର୍ଯ୍ୟାଳୟ ଭିତରେ ପଶି ପ୍ରଫେସର ମିଶ୍ରଙ୍କୁ ବାହାରକୁ ଆସିବାକୁ ଡାକିଥିଲେ। ପ୍ରଫେସର ମିଶ୍ର ସେହି ସମୟରେ କ୍ଲାସ ନେବାକୁ ଶ୍ରେଣୀକକ୍ଷକୁ ଯିବାର ଥିବାରୁ ସେ କାର୍ଯ୍ୟାଳୟ ବାହାରକୁ ଯିବାକୁ ମନାକରିଦେଇଥିଲେ। ଏହାପରେ ସେହି ଅସାମାଜିକ ବ୍ୟକ୍ତିମାନେ ପ୍ରଫେସର ମିଶ୍ରଙ୍କୁ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧକ୍ଷ ନିଯୁକ୍ତିକୁ ନେଇ ଓଡିଶା ଉଚ୍ଚ ନ୍ୟାୟାଳୟରେ ଦାଏର କରିଥିବା ମାମଲାକୁ ତୁରନ୍ତ ପ୍ରତ୍ୟାହାର କରିନେବାକୁ ବିଭିନ୍ନ ପ୍ରକାର ଧମକଚମକ ଦେବା ସହିତ ଗାଳିଗୁଲଜ କରିଥିବା ପ୍ରଫେସର ମିଶ୍ର କଲେଜର ଭାରପ୍ରାପ୍ତ ଅଧକ୍ଷ ଶ୍ରୀ ଦାସଙ୍କୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ଘଟଣାର ୮ଦିନ ପରେବି ପ୍ରଫେସର ମିଶ୍ରଙ୍କ ସେହି ଅଭିଯୋଗ ଉପରେ କଲେଜ ଅଧକ୍ଷ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଗଣିତ ବିଭାଗ ମୁଖ୍ୟ ପ୍ରଫେସର ମିଶ୍ର କହିଛନ୍ତି। ଏସମ୍ପର୍କରେ କଲେଜର ଭାରପ୍ରାପ୍ତ ଅଧକ୍ଷ ଶ୍ରୀ ଦାସଙ୍କ ମତାମତ ପଚରାଯିବାରେ ସେ କହିଥିଲେ ଯେ ମୁଁ ସେହି ଅଭିଯୋଗ ଉପରେ ଅନ୍ୟ ଅଧ୍ୟାପକମାନଙ୍କ ସହ ଆଲୋଚନା ଜାରିରଖିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ କଲେଜର ପୂର୍ବତନ ଅଧକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା, ପ୍ରଫେସର ବିନ୍ଦୁମିତ୍ର ବଳ, ପ୍ରାଧ୍ୟାପକ ଡଃ. ଗିରୀଶ ଚନ୍ଦ୍ର ପାତ୍ର, ପ୍ରାଧ୍ୟାପକ ତପନ କୁମାର ପତି ପ୍ରମୁଖ ବହୁ ଶିକ୍ଷାବିତ ଗଭୀର ଅସନ୍ତୋଷ ବ୍ୟକ୍ତ କରିବା ସହ ଏହି ଘଟଣାରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଧନୁ ସଂକ୍ରାନ୍ତିରେ ମା' ଭଗବତୀଙ୍କୁ ଲାଗିହେଲା ଧନୁମୁଆଁ

ଖୋର୍ଦ୍ଧା, ୧୭/୧୨ (ନି.ପ୍ର): ପବିତ୍ର ଧନୁ ସଂକ୍ରାନ୍ତିରୁ ଧନୁ ରାଶିରେ ସୂର୍ଯ୍ୟଙ୍କ ଚଳନ ଆରମ୍ଭ । ଦକ୍ଷିଣାୟନ ଗତି । ଧନୁ ସଂକ୍ରାନ୍ତିରୁ ମକର ପର୍ଯ୍ୟନ୍ତ ମା'ଙ୍କ ପାଖରେ ଲାଗି ହୁଏ ଧନୁ ମୁଆଁ । ଏହା ଓଡ଼ିଶାର କୃଷିଭିତିକ ପର୍ବ। ଚାଷି ଭାଇଙ୍କର ଧାନ ଅମଳର ସମୟ । ନିଜ ଜମିରୁ ଆଦାୟ ଶସ୍ୟ ଧାନ ଫସଲରେ ମୁଆଁ ତିଆରି କରି ଦେବାଦେବୀଙ୍କୁ ଅର୍ପଣ କରିବାର ପର୍ବ। ପ୍ରତି ଓଡ଼ିଆଙ୍କ ଘରେ ମନ୍ଦିରରେ ମୁଆଁ ଭୋଗ । ମା' ଭାଗବତୀଙ୍କ ପୀଠରେ ମଧ ଲାଗି ହୋଇଛି ନୂଆ ଧାନରୁ ପ୍ରସ୍ତୁତ ଲିଆ, ଗୁଡ଼, ନଡ଼ିଆ ଗୁଆଘିଅ, କାଜୁ ମସଲାରେ ଶୁଦ୍ଧପୂତ ଭାବରେ ପ୍ରସ୍ତୁତ ମୁଆଁ । ମା'ଙ୍କ ଜମିରୁ ଅମଳ ନୂଆଁଧାନର ଲିଆରୁ ମଧୁବୈଶ୍ୟ ସେବାୟତମାନଙ୍କ ଦ୍ୱାରା ଏହି ମୁଆଁ ପ୍ରସ୍ତୁତ ହୋଇ ଲାଗି ହେବାର ପରମ୍ପରା ଥିବାବେଳେ ତାହା କାଳକ୍ରମେ ବନ୍ଦ ହୋଇଯାଇଥିବାରୁ ଏଣ୍ଡାଓମେଂଟ ତରଫରୁ ଏହାକୁ ପ୍ରସ୍ତୁତ କରାଯାଇ ମା'ଙ୍କ ପାଖରେ ଲାଗି କରାଯାଉଛି । ପରେ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଂଟନ କରାଯାଇଛି।

ଆଜିର ଏହି ପବିତ୍ର ତିଥିରେ ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ ମାଜଣା, ମହାପ୍ରସାଦ ଅର୍ପଣ, ବଲ୍ଲଭ ସାଥିରେ ଚାରୋଟି ଧନୁମୁଆଁ ନେଇ ପାଳିଆ ମାଳି ସେବକମାନେ ପରିଚ୍ଛା ସାମନ୍ତଙ୍କୁ ବଢେଇଲା ପରେ ଘଂଟ ଘଂଟା କାହାଳୀ ବାଜି ମା'ଙ୍କୁ ଧୂପ କରାଯାଇ ଆଳତି ବଢିଥିଲା । ତାପରେ ସର୍ବସାଧାରଣ ଦର୍ଶନ ଓ ଭୋଗ ଲାଗି ହୋଇ ଖେଚୁଡ଼ି ଡାଲି ଏବଂ ଧୂପ ପରେ ଅନ୍ନ, ଡାଲି, ମହୁର, ଖିରୀ, ଏଣ୍ଡୁରୀ ଭୋଗ ହୋଇ ଦିବା ପହୁଡ଼ ଅନୁଷ୍ଠିତ ହୋଇଥିଲା । ଧନୁସଂକ୍ରାନ୍ତିରେ ମା'ଙ୍କ ଦର୍ଶନ ପାଇଁ ପୀଠରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

# ମା' ବାଗେଶ୍ୱରୀ ଯଜ୍ଞ ପୂର୍ଣ୍ଣାହୂତି

କୋରେଇ, ୧୭/୧୨ (ନି.ପ୍ର): ସଠିପୁର କରଦା ମଧ୍ୟସ୍ଥଳରେ ବିରାଜିତ ମା ବାଗେଶ୍ୱରୀଙ୍କ ୧୩ ତମ ବାର୍ଷିକ ପୂଜା ଉତ୍ସବ ଏବଂ ବିଶ୍ୱଶାନ୍ତି ମହାଯଜ୍ଞ ତିନି ଦିନ ଧରି ମହା ସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ବିଶାଳ ଶୋଭାଯାତ୍ରାରେ ପୂର୍ଣ୍ଣତୋୟା ବୈତରଣୀ ନଦୀର ଲିଙ୍ଗେଶ୍ୱର ଘାଟରୁ କଳସ ଆସି ପୀଠରେ ସ୍ଥାପନା କରାଯାଇଥିଲା । ଗ୍ରାମଦେବତୀ ଓ ଗ୍ରାମ ଦେବତାଙ୍କୁ ଆବହନ ପରେ ପ୍ରତ୍ୟେହ ସୂର୍ଯ୍ୟପୂଜା, ଗୋ ପୂଜା, ନାମ ଯଜ୍ଞ, ଅନ୍ନ ଯଜ୍ଞ କରାଯାଇଥିଲା । ବେଦଜ୍ଞ ବ୍ରାହ୍ମଣମାନଙ୍କ ମନ୍ତ୍ର ଧ୍ୱନୀ, ଘଂଟ, ଶଙ୍ଖ ହରିବୋଲ, ହୁଳହୁଳୀରେ ମାଙ୍କ ପୀଠରେ ଆଧାତ୍ମିକ ପରିବେଷ ସୃଷ୍ଟି ହୋଇଥିଲା । ଧର୍ମ, ଭକ୍ତି, ବିଶ୍ୱାସକୁ ପାଥେୟ କରି ହଜାର ହଜାର ଶ୍ରଦ୍ଧାଳୁ ନାରିକେଳ, ଘୃତ, ନୈବେଦ୍ୟ ଆଜି ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ଯଜ୍ଞ କୁଣ୍ଡରେ ଅର୍ପଣ କରିଥିଲେ । କମିଟିର ସମସ୍ତ କର୍ମକର୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ ।

# କେନ୍ଦ୍ରାପଡ଼ା ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଜାତୀୟ ପେନଶନର୍ସ ଦିବସ ପାଳିତ

କେନ୍ଦ୍ରାପଡ଼ା, ୧୭/୧୨ (ନି.ପ୍ର): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କେନ୍ଦ୍ରାପଡା ମୁଖ୍ୟ ଶାଖା ପକ୍ଷରୁ ଜାତୀୟ ପେନଶନର୍ସ ଦିବସ ଆଜି ଅପରାହ୍ନରେ ବ୍ୟାଙ୍କ ପରିସରରେ ପାଳନ କରାଯାଇଛି । ଏଥିରେ କେନ୍ଦ୍ରାପଡା ଶାଖାର ମୁଖ୍ୟ ପ୍ରବନ୍ଧକ ରମାକାନ୍ତ ବେହେରା ଅଧକ୍ଷତା କରିଥିବା ବେଳେ ଷ୍ଟେଟ୍ ବ୍ୟାଙ୍କର କ୍ଷେତ୍ରୀୟ ପ୍ରବନ୍ଧକ ଦେବାଶିଷ ରଥ ମୁଖ୍ୟ ଅତିଥି ଓ ଆଂଚଳିକ କାର୍ଯ୍ୟାଳୟ(ପାରାଦ୍ୱିପ) ର ମୁଖ୍ୟ ପ୍ରବନ୍ଧକ ମାନସ ରଞ୍ଜନ ମିଶ୍ର, ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ପିତାମ୍ବର ଦାସ, ସାଧାରଣ ସଂପାଦକ ହେମନ୍ତ କୁମାର ଜେନା ଓ ଜିଲ୍ଲା ଅବସରପ୍ରାପ୍ତ ପେନଶନର୍ସ ସଂଘର ବୈଷ୍ଣବ ଚରଣ ସ୍ୱାଇଁ, କରୁଣାକର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ରଥ ପେନଶନର୍ସ ଦିବସ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିବାବେଳେ ପେନଶନ ପାଉଥିବା ଅବସରପ୍ରାପ୍ତ କର୍ମଚାରୀ ଓ ବ୍ୟାଙ୍କର କର୍ମକର୍ତା ମାନଙ୍କ ପରସ୍ପର ସମନ୍ୱୟରେ ବିଭିନ୍ନ ସମସ୍ୟାର ସମାଧାନ କରାଯାଇ ପାରିବ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ରଥ ଓ ମୁଖ୍ୟ ପ୍ରବନ୍ଧକ ଶ୍ରୀ ବେହେରା ଓ ଶ୍ରୀ ମିଶଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇ ଥିଲା । ମୁଖ୍ୟ ଶାଖାରେ ଜିଲ୍ଲା ଅବସରପ୍ରାପ୍ତ ପେନଶନର୍ସ ମାନଙ୍କ କାର୍ଯ୍ୟ ସୁଚାରୁ ରୂପେ ପରିଚାଳନା କରୁଥିବାରୁ ବରିଷ୍ଠ ସହାୟିକା ଶ୍ରୀମତୀ ଅର୍ପିତା ନାୟକଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇ ଥିଲା । ଏହି ସଭାରେ ସଂଘ ପକ୍ଷରୁ ସଦସ୍ୟ ମାନେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଉପ ଶାଖା ପ୍ରବନ୍ଧକ ସୁରେଶ ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପ ପ୍ରବନ୍ଧକ ରୀନାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜଗନ୍ନାଥ ପଣ୍ଡା, ଲିଟୁ, ହିମାଂଶୁ, ଗଣେଶ ଓ ରମାକାନ୍ତ ଅଗସ୍ତି ପ୍ରମୁଖ କର୍ମଚାରୀମାନେ ପରିଚାଳନା କରିଥିଲେ ।

# ଜିଲିଙ୍ଗ ଲଙ୍ଗାଲୋଟା ଲୌହ ଖଣିରେ ୪୧ତମ ଖଣି ସୁରକ୍ଷା ସପ୍ତାହ

ବଲାଣି, ୧୭/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ଜୁରୁଡିସ୍ଥିତ ଜିଲିଙ୍ଗ ଲଙ୍ଗାଲୋଟା ଲୌହଖଣି ମେସର୍ସ ଓଡିଶା ଖଣି ନିଗମ ପକ୍ଷରୁ ଡିଜିଏମଏସ ଭୁବନେଶ୍ୱରଙ୍କ ଆନୁକୂଲ୍ୟରେ ୪୧ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବାର୍ଷିକ ଖଣି ସୁରକ୍ଷା ସପ୍ତାହ ପାଳନ ଅବସରରେ ଚିନ୍ମୟ କୁମାର ପରିଡା (ଉପ ସାଧାରଣ ପରିଚାଳକ,ଖଣି) ଓ ସୁରକ୍ଷା ଅଧିକାରୀ ଦୀପକ ଗୁପ୍ତା (ଉପ ପରିଚାଳକ,ଖଣି)ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଭିମନ୍ୟୁ ସାମଲ (ଅତିରିକ୍ତ ସାଧାରଣ ପରିଚାଳକ,ଖଣି) ମେସର୍ସ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପ୍ଲାଣ୍ଟର ଖଣି ପରିଚାଳକ ଅଞ୍ଜନ କୁମାର ସାହୁ,ମେସର୍ସ ସିରାଜୁଦ୍ଦିନ ଖଣିର ଯାନ୍ତିକ ପରିଚାଳକ ଅଜୟ କୁମାର,ସେଲର ବିଦ୍ୟୁତ ପରିଚାଳକ ରାକେଶ କୁମାର ଗୁପ୍ତା ଓ ଟାଟାଷ୍ଟିଲର ଅଧିକାରୀ ମାନେ ଯୋଗ ଦେଇଥିଲେ । ଖଣି ନିଗମ ତରଫରୁ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ସମସ୍ତ ଅଧିକାରୀ ଏବଂ ଅତିଥି ମାନଙ୍କ ଭିତରେ ପରିଚୟ ପ୍ରଦାନ କାର୍ଯ୍ୟକ୍ରମ ପରେ ସୁରକ୍ଷ ସଂକ୍ରାନ୍ତୀୟ ଉପସ୍ଥାପନା ପ୍ରୋଜେକ୍ଟ କରାଯାଇଥିଲା । ଏହାପରେ ଅତିଥି ମାନେ ଆୟୋଜିତ ପ୍ରଦର୍ଶନୀ ଷ୍ଟଲ ଉଦଘାଟନ କରିଥିଲେ । ଉକ୍ତ ପ୍ରଦର୍ଶନୀ ଷ୍ଟଲରେ ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ,କମ୍ପାନୀ ହିତାଧିକାରୀ ଏବଂ କର୍ମଚାରୀ ବିଭିନ୍ନ ସୁରକ୍ଷା କାର୍ଯ୍ୟବଳୀ ଉପରେ ଆଲୋକପାତ କରିଥିଲେ । ଏହାପରେ କର୍ମଚାରୀ,ହିତାଧିକାରୀ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜନ କରାଯାଇଥିବା ପୋଷ୍ଟର ଓ ସ୍ଲୋଗାନ ବିଭାଗର ମୂଲ୍ୟାୟନ କରିଥିଲେ । ଏହାପରେ ଖଣିର ବିଭିନ୍ନ ପ୍ରାନ୍ତକୁ ଯାଇ ଖଣି ତଦାରଖ କରିବା ସହିତ ସୁରକ୍ଷା ଦିଗରେ ନିଆଯାଇଥିବା ପଦକ୍ଷେପକୁ ପରିଦର୍ଶନ କରିଥିଲେ । ସୁରକ୍ଷା ଉପରେ ନିଆଯାଇଥିବା ନୂତନ ପଦକ୍ଷେପ ତଥା ଏଫଏମଏସ ତେଲ ଟ୍ରାଫି ସିଷ୍ଟମ,ଖଣିରାସ୍ତା ପାଣି ସିଂଚନ ପଦ୍ଧତି,ଏକକ ପଥ ଟ୍ରାଫିକ ପ୍ରଶସ୍ତିକରଣ ଇତ୍ୟାଦି ବୁଲି ଭୟଶୀ ପ୍ରଶଂସା କରିଥିଲେ । ଶେଷରେ ବହୁମୁଖୀ ହଲରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଉତୀର୍ଣ୍ଣ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା ।

# ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ଚମ୍ପିୟନ୍‌ସିପ୍ ପାଇଁ ମନୋନୀତ 'ଟିମ୍ ଭଦ୍ରକ'କୁ ସମ୍ବର୍ଦ୍ଧନା



ଭଦ୍ରକ, ୧୭/୧୨ (ନି.ପ୍ର): ଡିସେମ୍ବର ୨୭ ଓ ୨୮ ଭଦ୍ରକ ଚରମ୍ପା ସ୍ଥିତ ମହରାଜ ଅଗ୍ରସେନ ଭବନରେ ଟାଇକୋଣ୍ଡୋ ଆସୋସିଏସନ ଅଫ୍ ଓଡିଶା ଦ୍ୱାରା ଆୟୋଜିତ ୨୦ତମ ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ଚମ୍ପିୟନ୍‌ସିପ୍ ଅନୁଷ୍ଠିତ ହେଉଛି । ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ ନିମନ୍ତେ ଟାଇକୋଣ୍ଡୋ ଆସୋସିଏସନ୍ ଅଫ୍ ଭଦ୍ରକ ୨୫ ଜଣ କ୍ରୀଡ଼ାବିତ୍‌ଙ୍କୁ ମନୋନୀତ କରିଛି । ବିଭିନ୍ନ ବର୍ଗ ଓ ଶୃଙ୍ଖଳାରେ ପ୍ରିତେଶ ମହାନ୍ତି, ସାଇ ପୃଥିରାଜ ଦତ, ଆର୍ଯ୍ୟ ଭାରତ ମହାନ୍ତି, ବିନ୍ଦୁପ୍ରଭା ପଣ୍ଡା, ଜ୍ୟୋର୍ତିମୟୀ ପରିଡା, ଆୟୁଷ କୁମାର ଦାସ, ଭବ୍ୟ ମେହେତା, ସେକ୍ ଜାହିରୁଦ୍ଦିନ୍, ଆଦ୍ୟାଶା ପରିଡା, ଭୂମିସ୍ମା ସାମଲ, ପ୍ରହ୍ଲାଦ ଦାସ, ଉପମନ୍ୟୁ ନାୟକ, ସାଇସୁଜିତ୍ ପରିଡା, ସିଦ୍ରା ମୁସ୍ତାଫା, ସାଇକ୍ରିଷ୍ଣା ମଲ୍ଲିକ, ଜାଗୃତି ପ୍ରିୟଦର୍ଶିନୀ, ଦିବ୍ୟାପ୍ରିୟାଂଶି ପୃଷ୍ଟି, ରିତୁରାଜ ବାରିକ, ସାଇସିଦ୍ଧି ମହାପାତ୍ର, ରିତୁପମା ସାହୁ, ସିଭାଂଶ ଦାସ, ରାଜଦିପ୍ ପତି, ଅର୍ପିତ କୁମାର ସାହୁ ଓ ଅମନ କୁମାର ସାହୁ ଭଦ୍ରକର ପ୍ରତିନିଧୀତ୍ୱ କରିବେ। ଟିମ୍ ଭଦ୍ରକର ମ୍ୟାନେଜର ରୂପେ ଅଲିଭା ପ୍ରିୟଦର୍ଶନୀ ସାହୁ ଓ କୋଚ୍ ରୂପେ ଧନେଶ୍ୱର ଜେନା ଦାୟିତ୍ୱ ବହନ କରିବେ । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗୀତାର ପରିଚାଳନା ନିମନ୍ତେ ଟାଇକୋଣ୍ଡୋ ଆସୋସିଏସନ ଅଫ୍ ଭଦ୍ରକରୁ ତାରିଣୀ ସାହୁଙ୍କୁ ମନୋନୀତ କରିଛି । ଟିମ୍ ଭଦ୍ରକର ଏହି ୨୫ ଜଣ ପ୍ରତିଯୋଗୀଙ୍କ ସମେତ ସମସ୍ତ ସଦସ୍ୟମାନଙ୍କୁ ରବିବାର ଦିନ ହେପିହୋମ ସ୍କୁଲ ପ୍ରାଙ୍ଗଣରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପର୍ବରେ ତାଓ କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ବିଜୟ କୁମାର ଜେନା ଓ ସଂପାଦକ ରବିନାରାୟଣ ପାଣିଗ୍ରାହୀ ଅଧକ୍ଷତା କରି ଖେଳାଳୀମାନଙ୍କୁ ଶୁଭେଚ୍ଛା ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଏ ବର୍ଷ ଭଦ୍ରକ ଆଉ ଏକ ପାଦ ଆଗକୁ ଯିବ ବୋଲି ସାଧାରଣ ସଂପାଦକ ରବିନାରାୟଣ ପାଣିଗ୍ରାହୀ ଆଶାବ୍ୟକ୍ତ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ୧୦ ଡିଗ୍ରୀ ତଳେ ୧୧...

୮.୮, ଅନୁଗୁଳରେ ୯, ରାଣୀତାଲରେ ୯.୪, ଦାରିଙ୍ଗବାଡ଼ି ଓ ସୁନ୍ଦରଗଡ଼ରେ ୯.୫, କେନ୍ଦୁଝର ଓ କୋରାପୁଟରେ ୯.୬ ଏବଂ ଝାରସୁଗୁଡ଼ାରେ ୯.୮ ଡିଗ୍ରୀ ରେକର୍ଡ କରାଯାଇଛି। କଟକ ଓ ଭୁବନେଶ୍ୱରରେ ମଧ୍ୟ ଶୀତ ଅନୁଭୂତ ହେଉଛି। ଗତକାଲି ରାତିରେ କଟକର ସର୍ବନିମ୍ନ ତାପମାତ୍ରା ୧୩.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱରରେ ୧୩.୫ ଡିଗ୍ରୀ ରହିଥିଲା। ବାରିପଦାରେ ଗତକାଲି ରାତିରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ରହିଥିବା ବେଳେ ସମ୍ବଲପୁରରେ ୧୨.୬, ହୀରାକୁଦରେ ୧୩.୧, ତାଳଚେରରେ ୧୨.୪, ଭବାନୀପାଟଣାରେ ୧୧, ବଲାଙ୍ଗିରରେ ୧୨, ସୋନପୁରରେ ୧୦.୯, ବୌଦ୍ଧରେ ୧୨.୫, ଭଦ୍ରକରେ ୧୨.୭, ଢେଙ୍କାନାଳରେ ୧୨.୨, ବରଗଡ଼ରେ ୧୩.୬, ନବରଙ୍ଗପୁରରେ ୧୨.୫, ଜଗତସିଂହପୁରରେ ୧୩.୨ ଓ କେନ୍ଦ୍ରାପଡ଼ାରେ ୧୨.୪ ଡିଗ୍ରୀ ରେକର୍ଡ କରାଯାଇଛି।

## ୧୯ରେ ଦିଲ୍ଲୀ ଯାଇ କେନ୍ଦ୍ର ...

୪କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟି ରାଜ୍ୟ ରାଜନୀତି ଓ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି କହିଛନ୍ତି ବିଜେପି ବରିଷ୍ଠ ବିଧାୟକ ପ୍ରଦୀପ୍ତ ନାୟକ । ବିଜେପି ଟିମ୍ର ଏଭଳି ଯୋଜନାକୁ ନେଇ ଜବାବ ରଖିଛି ବିଜେଡି । ବିଧାୟକ ଅମର ଶତପଥି କହିଛନ୍ତି ଓଡିଶାରେ କେନ୍ଦ୍ରୀୟ ଯୋଜନା ଭଲ ଭାବେ କାର୍ଯ୍ୟକାରୀ ହେଉଛି ବୋଲି ନିଜେ କେନ୍ଦ୍ର ସରକାର କହିଛନ୍ତି। କେନ୍ଦ୍ର ସରକାର ସମୀକ୍ଷା କରି ବହୁବାର ରାଜ୍ୟସରକାରଙ୍କୁ ପ୍ରଂଶସା ମଧ୍ୟ କରିଛନ୍ତି । ବିଜେପି ବିଧାୟକଙ୍କ ଦିଲ୍ଲୀ ଗସ୍ତ ଆଉ ଏ ଅଭିଯୋଗ ନିର୍ବାଚନ ବର୍ଷରେ ସ୍ୱାଭାବିକ କାର୍ଯ୍ୟକ୍ରମ। ଏହାର କୌଣସି ପ୍ରଭାବ ପଡିବନି । ସେପଟେ ଦୁଇ ଦଳର ଆରୋପ ପ୍ରତ୍ୟାରୋପକୁ ଦେଖି କଂଗ୍ରେସ କରିଛି କଟାକ୍ଷ । କହିଛି ରାଜ୍ୟରେ ବିଜେପି-ବିଜେଡି ଏକ୍ । କେମିତି ଉଭୟ ମିଶି ରାଜ୍ୟରେ ପୁଣି ନିର୍ବାଚନ ଲଢିବେ ସେଥିପାଇଁ ଦିଲ୍ଲୀ ଯାଉଛନ୍ତି । କଂଗ୍ରେସ ଉପରେ ମଧ୍ୟ ଏହାର ପ୍ରଭାବ ପଡିବନି । ସାଧାରଣ ନିର୍ବାଚନ ଲାଗି ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଛି । ରାଜ୍ୟରେ କ୍ଷମତା ହାତେଇବା ଲାଗି ରାଜନୈତିକ ଦଳମାନେ ସେମାନଙ୍କ ରଣନିତୀ ପ୍ରସ୍ତୁତିରେ ଲାଗିଛନ୍ତି । ନିକଟରେ ୩ଟି ବଡ଼ ରାଜ୍ୟରେ ବିଜେପିର ବୃହତ ବିଜୟ ପରେ ଓଡ଼ିଶାର ବିଧାୟକ ଓ ସାଂସଦଙ୍କ ଦଳୀୟ ନେତୃବର୍ଗଙ୍କୁ ସାକ୍ଷାତ ଆଲୋଚନା ରାଜନୈତିକ ଦୃଷ୍ଟିକୋଣରୁ ବହୁତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି।

## ପୃଥକ୍ ପୃଥକ୍ ସ୍ଥାନରେ ମର୍ମନ୍ତୁଦ....

ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ହାଇୱା ଡ୍ରାଇଭର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଉତ୍ତ୍ୟକ୍ତ ଲୋକ। ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବା ଜଣାପଡ଼ିଛି। ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ଆଜି ଅପରାହ୍ନରେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା କଳାହାଣ୍ଡି ଜିଲ୍ଲାରେ ଘଟିଛି। ରବିବାର ଅପରାହ୍ଣରେ କୋକସରା ଥାନା ଖପରାମାଲ-ବେହେରା ରାସ୍ତାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଯାହାଫଳରେ ୪ ଜଣ ଯୁବକ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ୨ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ଦୁଇଜଣ ହେଲେ ମୂଷାପାଲି ଗାଁର ଜିତେନ୍ଦ୍ର ଦୁର୍ଗା(୨୪) ଓ ଡ଼ହଗାଁ ର ପବିତ୍ର (୪୦)। ଗୁରୁତରମାନେ ହେଲେ ନୂଆଗାଁର ଗୁପ୍ତେଶ୍ୱର ବାଗ( ୩୮) ଓ ଜିତେନ୍ଦ୍ର ସାଗର(୨୩)। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଧର୍ମଗଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। କୋକସରା ଥାନା ପୁଲିସ ପର୍ଲା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

# ସାଇ ଡିଗ୍ରୀ କଲେଜରେ ଆଲୋଚନା ଚକ୍ର




ବାରିପଦା: ଉତ୍ତର ଓଡିଶାର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇ ଡିଗ୍ରୀ କଲେଜରେ ଆଜି ରସାୟନ ବିଜ୍ଞାନ ବିଭାଗ ତରଫରୁ ୟୁଭି-ଇନଭିଜିବୁଲ ସ୍ପେକ୍ଟ୍ରୋସ୍କୋପି ଏଣ୍ଡ ଏପ୍ଲିକେଶନ ଶିର୍ଷକ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାରିପଦା ଡିଗ୍ରୀ କଲେଜର ଅଧକ୍ଷ ଡ.ପ୍ରବୋଧ କୁମାର ଦେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପିକା ଡ. ଝିଲ୍ଲିରାଣୀ ମହାନ୍ତ ଆଲୋଚନା ଚକ୍ରରେ ସନ୍ଦର୍ଭ ପାଠ କରିଥିଲେ। ସାଇ ଉଚ୍ଚ ମାଧମିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଧାପକ ଜ୍ୟୋତି ଶଙ୍କର ମିଶ୍ର ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦେଶ୍ୟ ବିଷୟରେ ଆଲୋଚନା କରିଥିବା ବେଳେ, ଅନୁଷ୍ଠାନର ନିର୍ଦ୍ଦେଶକ ଅମିୟ ଶଙ୍କର ସାହୁ ଛାତ୍ର ଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ରଣଜିତ କୁମାର ସାହୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବା ବେଳେ, ସୋନାଲି ପ୍ରତିହାରୀ, ଦିବ୍ୟରଞ୍ଜନ ଗିରି, ରାଜକୁମାର ଗିରି, ସୌମ୍ୟରଞ୍ଜନ ମହାପାତ୍ର ପ୍ରମୁଖ ବହୁମୂଲ୍ୟ ମତାମତ ଦେଇଥିଲେ। ଅନୁଷ୍ଠାରଉପାଧ୍ୟକ୍ଷ ଅମିୟ ରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ, ଅନୁଷ୍ଠାନର ଶୁଭଶ୍ରୀ ବେହେରା, ଅମର ନାଥ ଦାସ, ତାରାକାନ୍ତ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଲଙ୍ଗଳେଶ୍ୱର, ୧୭/୧୨ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଲକ୍ଷ୍ୟ ଯୁବଶକ୍ତିକୁ ଗୁରୁତ୍ୱ ଦେଇ, ରାଜ୍ୟରେ ଖେଳ ଓ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ତଥା ରାଜ୍ୟର ଯୁବବର୍ଗଙ୍କୁ ସଂଗଠିତ କରି, ସେମାନଙ୍କ ସଶକ୍ତିକରଣ କରିବା ପରିପ୍ରେକ୍ଷୀରେ ଆଜି ବାଲିଆପାଳ ବ୍ଲକ୍ ୨୧ନଂ ଜୋନ୍ ର ନିଖିରା ପଞ୍ଚାୟତ, ୨୨ନଂ ଜୋନ୍ ର ରତାଇ ପଞ୍ଚାୟତ, ୨୩ନଂ ଜୋନ୍ ର ଦେଉଳା ପଞ୍ଚାୟତ ଏବଂ ୨୪ନଂ ଜୋନ୍ ର ବେତଗଡ଼ିଆ ପଞ୍ଚାୟତ ଠାରେ ରାଜ୍ୟ ସରକାରଙ୍କ 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ପଞ୍ଚାୟତରୁ ଅଂଶ ଗ୍ରହଣ କରିଥିବା ଯୁବ ଖେଳାଳିଙ୍କୁ ଉତ୍ସାହିତ କରି, ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା,ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ,ବେଣୁଧର ଜେନା,କାଞ୍ଚନ ଜେନା,ବାଲିଆପାଳ ବ୍ଲକ ଯୁବ ସଭାପତି ସଂଗ୍ରାମ ପରିଡା,ବ୍ଲକ ଛାତ୍ର ସଭାପତି ସୁଶାନ୍ତ ବେହେରା,ଯୁବନେତା ମନ୍ମଥ ଗିରି ପ୍ରମୁଖ ବ୍ଲକର ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ ।

# ଯୁବକଙ୍କ ମୃତ୍ୟୁକୁ ନେଇ ସନ୍ଦେହ: ପରିବାର ଲୋକ ଆଣିଲେ ହତ୍ୟା ଅଭିଯୋଗ



ନୀଳଗିରି , ୧୭/୧୨ (ନି.ପ୍ର): ନୀଳଗିରି ବ୍ଲକ୍ ସଜନାଗଡ ପଞ୍ଚାୟତ କୁସୁମିଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପାତ୍ରୁଲିଆଙ୍କ ପୁଅ ବସନ୍ତ ଓରଫ ନାଲିଆ(୩୫) ଙ୍କର ମୃତ୍ୟୁକୁ ନେଇ ପରିବାର ଲୋକେ ସନ୍ଦେହ କରିବା ସହିତ ତାଙ୍କ ପୁଅକୁ ଯୋଜନାବଦ୍ଧ ହତ୍ୟା କରାଯାଇଛି ବୋଲି ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଗତ ଶୁକ୍ରବାର ସନ୍ଧ୍ୟାରେ ବସନ୍ତ ସଜନାଗଡ ବଜାରରେ ନିଜ ସାନଭାଇ ଝୁନା ଦେଇଥିବା ପରିବା ଦୋକାନରେ ଥିବା ସମୟରେ ରାତ୍ରୀ ପ୍ରାୟ ୯ଟା ସମୟରେ ସଜନାଗଡ଼ ସରପଞ୍ଚ ପ୍ରଦୀପ ଖାଲପାଳିଆ ଡାକୁଥିବା ନିଜ ସାନଭାଇକୁ କହି ବାହାରି ଯାଇଥିଲେ। ରାତ୍ରିପ୍ରାୟ ୧୦ଟା ପାଖାପାଖି ସରପଞ୍ଚ ପ୍ରଦୀପ ହଠାତ୍ ଫୋନ୍ କରି ଝୁନାକୁ ଜଣାଇଥିଲା କି ତମ ଭାଇର ଭାଲୁକାଶୁଣି ନିକଟସ୍ଥ ୧୧ନଂ ପୋଲ ନିକଟରେ ଆକ୍ସିଡେଣ୍ଟ ହୋଇଛି। ମୁ ତାକୁ ହସ୍ପିଟାଲ ନେଉଛି ଶୀଘ୍ର ଆସ। ତୁରନ୍ତ ବାପା ପୂର୍ଣ୍ଣଚନ୍ଦ୍ର ସହିତ ସାନପୁଅ ହସ୍ପିଟାଲରେ ପହଞ୍ଚି ବସନ୍ତର ମୃତ୍ୟୁ ଡାକ୍ତର ଘୋଷଣା କରିଥିବା ଜାଣିବାକୁ ପାଇଥିଲେ। ମାତ୍ର ପୁଅର ମୁଣ୍ଡ,ଛାତି ଓ ଅଣ୍ଟାରେ ମାଡ଼ ହୋଇଥିବା ସନ୍ଦେହ କରି ତାଙ୍କ ପୁଅକୁ ଯୋଜନାବଦ୍ଧ ହତ୍ୟା କରାଯାଇଛି ବୋଲି ଥାନାରେ ଅଭିଯୋଗ କରିଛନ୍ତି। ପରିବାର ଲୋକ ସରପଞ୍ଚ ପ୍ରଦୀପଙ୍କ ସହିତ ଯୋଗାଯୋଗ କରିଥିଲେ ହେଁ ମୋବାଇଲ ସୁଇଚ ଅଫ୍ ହେବା ଅଧିକ ସନ୍ଦେହ ଘେରକୁ ଆଣିବା ସହ ପ୍ରଦୀପ ଓ ତାଙ୍କର ସହଯୋଗୀ ପୁଅ ମୃତ୍ୟୁରେ ହାତ ରହିଥିବା ନେଇ ନୀଳଗିରି ଥାନାରେ ବାପା ପୂର୍ଣ୍ଣଚନ୍ଦ୍ ଅଭିଯୋଗ କରିଛନ୍ତି। ନୀଳଗିରି ପୋଲିସ ନୀଳଗିରି ମେଡିକାଲ ସମେତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ବେଳେ ସ୍ଥାନୀୟ ସରପଞ୍ଚ ପ୍ରଦୀପ ଖାଲପାଳିଆଙ୍କୁ ଅଟକ ରଖିଛି। ଏନେଇ ନୀଳଗିରି ଥାନାରେ ୩୯୪/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଆଇ ଆଇ ସି ଗୋପାଳ ଚନ୍ଦ୍ର କର୍ଣ୍ଣ ସୂଚନା ଦେଇଛନ୍ତି।ତେବେ ମୃତ୍ୟୁର ପ୍ରକୃତ ରହସ୍ୟ ପଦାକୁ ଆସିବା ଦରକାର ବୋଲି ସ୍ଥାନୀୟ ବିଧାୟକ ସମେତ ଅଞ୍ଚଳବାସୀ ଦାବୀ କରିଛନ୍ତି।

# ଓଡିଶା ବିଜ୍ଞାନ ମଣ୍ଡଳର ବିଜ୍ଞାନ ଶିବିର ଓ ପୁରସ୍କାର ପର୍ବ



ଭୁବନେଶ୍ୱର, ୧୭/୧୨ (ନି.ପ୍ର): ଓଡିଶା ବିଜ୍ଞାନ ମଣ୍ଡଳ ଆନୁକୂଲ୍ୟରେ ଦୀର୍ଘ ଆଠ ମାସ ବ୍ୟାପୀ ଚାଲିଥିବା ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନ ୨୦୨୩ର ସମାରୋପ କାର୍ଯ୍ୟକ୍ରମ ଡିସେମ୍ବର ୧୭ ତାରିଖ ଇୟୁନିଟ୍ ଆଠରେ ଅବସ୍ଥିତ ଡିଏଭି ସ୍କୁଲଠାରେ ଏକ ଦିବସ ବ୍ୟାପୀ ବିଜ୍ଞାନ ଶିବିର ଅନୁଷ୍ଠିତ ହେବା ସହିତ ବିଭିନ୍ନ ପୁରସ୍କାର ବିତରଣ ପରେ ଆନୁଷ୍ଠାନିକ ଭାବେ ସମାପ୍ତ ହୋଇଛି। ଆଜି ସକାଳ ଆଠଟା ସମୟରେ ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସାରା ଓଡିଶାରୁ ପ୍ରାୟ ୧୨୦ ଜଣ ଛାତ୍ରଛାତ୍ରୀ ଇୟୁନିଟ ଆଠ ସ୍ଥିତ ଡିଏଭି ସ୍କୁଲରେ ପହଞ୍ଚି ପଞ୍ଜୀକରଣ ପରେପରେ ସକାଳ ୯ଟା ସମୟରେ ପ୍ରଥମ ପର୍ଯ୍ୟାୟ ଉଦଘାଟନୀ ସଭା ଓଡିଶା ବିଜ୍ଞାନ ମଣ୍ଡଳ ସଭାପତି ପ୍ରଫେସର ଚିତ୍ତରଂଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଡିଏଭି ସ୍କୁଲର ଅଧକ୍ଷା ଡଃ ଇପସିତା ଦାଶ କାର୍ଯ୍ୟକ୍ରମର ଶୁଭାରମ୍ଭ ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବରେ ଇନସାର ଡାଇରେକ୍ଟର ଡଃ ବ୍ରିଜେଶ ପାଣ୍ଡେ ଏବଂ ବିଦ୍ୟାର୍ଥୀ ବିଜ୍ଞାନ ମନ୍ଥନର ସର୍ବ ଭାରତୀୟ ଶିକ୍ଷଣ ପ୍ରମୁଖ ଡଃ ନିରୁ ଭଗତ ସ୍ୱଦେଶୀ ବିଜ୍ଞାନ ଓ ପ୍ରଗତିଶୀଳ ବୈଜ୍ଞାନିକ ବିଷୟରେ ନିଜର କଥା ରଖିଥିଲେ। ଓଡିଶା ବିଜ୍ଞାନ ମଣ୍ଡଳର ସଂଗଠନ ସଂପାଦକ ଅରୁଣ କୁମାର ସାହୁ ସଂଗଠନ ବିଷୟରେ କଥା ରଖିବା ସହିତ ମଣ୍ଡଳର ରାଜ୍ୟ ପରୀକ୍ଷା ପ୍ରମୁଖ ଡଃ ଦିବ୍ୟ କିଶୋର ପଣ୍ଡା ପରୀକ୍ଷାର ବିଧି ବିଧାନ ବିଷୟରେ କଥା ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଲିଖିତ ପରୀକ୍ଷା ସହିତ ବିଜ୍ଞାନର ବିଭିନ୍ନ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସେଥି ମଧ୍ୟରୁ ଅଠର ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସମାରୋପ କାର୍ଯ୍ୟକ୍ରମ ପ୍ରଫେସର ଚିତ୍ତରଂଜନ ତ୍ରିପାଠୀଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ସିବିଏସଇର ଆଞ୍ଚଳିକ ମୁଖ୍ୟ ଡଃ କେ ଶ୍ରୀନିବାସନ୍ ଯୋଗଦେଇ ପିଲାମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରଥମ ଛଅଜଣଙ୍କୁ ପାଞ୍ଚ ହଜାର ଲେଖାଏ ଅର୍ଥ ରାଶି ପ୍ରଦାନ କରିବା ସହିତ ଦ୍ୱିତୀୟ ହୋଇଥିବା ଛଅଜଣଙ୍କୁ ତିନି ହଜାର ଏବଂ ତୃତୀୟ ହୋଇଥିବା ଛ ଅ ଜଣଙ୍କୁ ଦୁଇ ହଜାର ଲେଖାଏ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳର ଉପସଭାପତି ଡଃ ଗୌରାଙ୍ଗ କୁମାର ମହାନ୍ତି ଏବଂ ଇଂ ସତ୍ୟାନନ୍ଦ ସାହୁ ତାଙ୍କର ବକ୍ତବ୍ୟ ରଖିଥିଲେ। ସଭାପତିଙ୍କ ଦ୍ୱାରା ଅନୁଷ୍ଠାନର ସଭାପତି ପ୍ରଫେସର ଚିତ୍ତରଂଜନ ତ୍ରିପାଠୀଙ୍କ ଦ୍ୱାରା ଡଃ ଇପସିତା ଦାଶ , ଡଃ ଶ୍ରୀନିବାସନ, ଡଃ ବ୍ରିଜେଶ ପାଣ୍ଡେ, ଡଃ ନିରୁ ଭଗତ , ଡଃ ରାଜନ କୁମାର ଦାଶ , ଡଃ ଦିବ୍ୟ ଲୋଚନ ପଣ୍ଡା ଓ ଶ୍ରୀ ଲିଙ୍ଗରାଜ ପ୍ରଧାନଙ୍କୁ ସାଲ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଣ୍ଡଳର ସଂପାଦକ ଡଃ ବିକାଶ କୁମାର ଜେନା ଧନ୍ୟବାଦ ଅର୍ପଣ କରିବା ପରେ କାର୍ଯ୍ୟକ୍ରମର ସମାରୋପ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ସଂଜୟ ପଟ୍ଟନାୟକ, ଶ୍ରୀ ମନୋରଞ୍ଜନ ମହାନ୍ତି, ଶ୍ରୀ ସୌଭାଗ୍ୟ ସ୍ୱାଇଁ , ରୂପାଲି ମହାନ୍ତି, ସୁଚନ୍ଦା ସ୍ୱାଇଁ, ସସ୍ମିତା ମିଶ୍ର, ସ୍ମୃତି ପୁରୋହିତ, ବିଶୋଜିତ ନାୟକ, ତପନ ପିଙ୍ଗ୍, ଅମିତ୍ ସ୍ୱାଇଁ , ଗଣେଶ୍ୱର ପାଢୀ ଏବଂ ରାକେଶ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: କଳିଙ୍ଗ ସ୍ପୋର୍ଟ ଚାମ୍ପିଅନ



ବସ୍ତା , ୧୭/୧୨ (ନି.ପ୍ର): ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅରପଟା ପଞ୍ଚାୟତ ସ୍ଥିତ ବିଜୁପଟ୍ଟନାୟକ ଷ୍ଟାଡିୟମ ଠାରେ ସରୋଜ ନାୟକ ମେମୋରିଆଲ ସିଲ୍ଡ ଟୁର୍ଣ୍ଣାମେଣ୍ଟ ଏସୋସିଏସନ ସମ୍ପାଦକ ସଞ୍ଜୀବ ନାୟକ ଦ୍ୱାରା ଆୟୋଜିତ ୬୧ ତମ ଏକ ଦିବସୀୟ ବାର୍ଷିକ ଅନ୍ତରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ସକଳ ୧୦ ଘଟିକରେ ଉଦୁଳା ସବକଲେକ୍ଟର ସୁକାନ୍ତ ବାରିକ ଟୁ ର୍ଣ୍ଣାମେଣ୍ଟ କୁ ଉଦ୍ଘାଟନ କରିଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ।ସମସ୍ତ ଫୁଟବଲ ଦଳ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ କଳିଙ୍ଗ ସ୍ପୋଟ ଇଟାଲିଆ ଭୁବନେଶ୍ୱର ଟିମ ଓ ୟୁନାଇଟେଡ ଜୟଦୁର୍ଗା ପାରାଦୀପ ଟିମ ଫାଇନାଲ କୁ ଉତିର୍ଣ୍ଣ ହୋଇଥିଲେ।ଏହି ଦୁଇ ଦଳ ମଧ୍ୟରେ କଡା ମୁକା ବିଲା ହୋଇଥିଲା। କଳିଙ୍ଗ ସ୍ପୋଟ ଇଟାଲିଆ ଭୁବନେଶ୍ୱର ଦଳ ୯/୮ରେ ସେଟରେ ୟୁନାଇଟେଡ ଜୟଦୁର୍ଗା ପାରାଦୀପ କୁ ପରାସ୍ତ କରି ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଅବସର ପ୍ରାପ୍ତ ଜିଲ୍ଲାପାଳ ରମେଶ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ , ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ବୀରଭଦ୍ର ସିଂ,ପୂର୍ବତନ ସାଂସଦ ସରୋଜିନୀ ହେମରମ, ବିଧାୟକ ସୁକାନ୍ତ ନାୟକ,ବିଧାୟକ ଭାସ୍କର ମଢ଼େଇ, ବିଧାୟକ ସୁଧାଂଶୁ ପରିଡ଼ା,ପୂର୍ବତନ ଡେପୁଟି ମେହେର ଭାରତୀ ହାଁସଦା, ପୂର୍ବତନ ବିଧାୟକ ଶ୍ରୀନାଥ ସରେନ୍, ଉଦୁଳା ବ୍ଲକ ଅଧକ୍ଷା ପ୍ରମିଳା ପଣ୍ଡା ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହ ଖେଳ ମାଧମରେ ଗାଁ ଗାଁ ସହର ଓ ଜିଲ୍ଲା ମଧ୍ୟରେ ସୁସମ୍ପର୍କ ସ୍ଥାପନ ହେବା ସହ ନିରୋଗ ଶରୀର ଗଠନରେ କ୍ରୀଡ଼ାର ଭୂମିକା ସମ୍ପର୍କରେ ଆଲୋକ ପାତ କରିବା ସହ କ୍ଲବର ସଦସ୍ୟଙ୍କୁ ପ୍ରସଂଶା କରିଥିଲେ। ସନ୍ଧ୍ୟାରେ ଉଦଯା ପନି ଉତ୍ସବକୁ ଅବସର ପ୍ରାପ୍ତ ଜିଲ୍ଲାପାଳ ରମେଶ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସାଂସଦ ବିଶେଶ୍ୱର ଟୁଡୁ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ରାମ ଚନ୍ଦ୍ର ହାଁସଦା ଯୋଗଦେଇ ଚାମ୍ପିଅନ ଦଳକୁ ପୁରସ୍କାର ରାଶି ଟ୍ରଫି ଓ ରନର୍ସଅପ ଦଳକୁ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ।ଖେଳ ପରିଚାଳନା ବ୍ରହ୍ମାନନ୍ଦ ଭୋଇ,ସଞ୍ଜୀବ ଦାସ, ସୁଦିପ ଦାସ ଓ ସେକ ମକିମ କରିଥିବା ବେଳେ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।କମିଟି ମୁଖ୍ୟ ଉପଦେଷ୍ଟା ଗୌର ମୋହନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜୀବିକା ଦେଇଛି ଲଙ୍କା ଚାଷ: ଲକ୍ଷପତି ହୋଇଛନ୍ତି, ସ୍ୱାବଲମ୍ବୀ ହୋଇ ଉଦ୍ୟୋଗୀ ହୋଇଛନ୍ତି ବଳିଷ୍ଠ

ବଲାଙ୍ଗୀର, ୧୭/୧୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ କୁଟାସିଂହା ପଂଚାୟତ କଂଟାପାଳି ଗାଁର ବଳିଷ୍ଠ ପଧାନ ଅଂଚଳର ଜଣେ ସଫଳ ପନିପରିବା ଚାଷୀ। ବର୍ଷ ତମାମ ସେ ଲଙ୍କା ଚାଷ ସମେତ ଅନ୍ୟାନ୍ୟ ମିଶ୍ରିତ ପରିବା ଚାଷ କରିଥାନ୍ତି। କିନ୍ତୁ ଲଙ୍କା ଚାଷକୁ ବେଶୀ ପ୍ରାଧାନ୍ୟ ଦେଇ ଆସୁଛନ୍ତି ଏହି ଲଙ୍କା ଥରେ ଲଗେଇଲେ ଛଅ ମାସରୁ ଅଧିକ ଦିନ ପର୍ଯ୍ୟନ୍ତ ଅମଳ ହୋଇଥାଏ। ଏହା ଏକ ଲାଭ ଜନକ ପରିବା ବୋଲି କୁହନ୍ତି ବଳିଷ୍ଠ, ଘରେ ଅନ୍ୟ ପରିବା ପତ୍ର ଥାଉ କି ନଥାଉ ଲଙ୍କା ଲୁଣ ଟିକେ ହେଇଗଲେ କାମ ଚଳିଯାଏ ବୋଲି ଲୋକେ ମଧ୍ୟ କହିଥାନ୍ତି । ପୂର୍ବରୁ ବଳିଷ୍ଠ ତିନି ଏକର ଜମିରେ ଧାନ ଚାଷ କରୁଥିଲେ ଏଥିରୁ କମ ଲାଭ ମିଳିବାରୁ ସେ ପନିପରିବା ଚାଷ କରିବାକୁ ମନସ୍ଥ କରି ପ୍ରଥମେ ୫୦୦ ମନ୍ଦା ଲଙ୍କା ଗଛ ଲଗେଇ ଥିଲେ। ଏଥିରେ ବେଶ ସଫଳତା ମଧ୍ୟ ପାଇଲେ। ସେହି ଦିନଠାରୁ ୩୦ ବର୍ଷ ହେଲା ଏହି ଲଙ୍କା ଚାଷ କରି ଭଲ ଦୁଇ ପଇସା ରୋଜଗାର କରୁଛନ୍ତି। ଚଳିତ ବର୍ଷ ସେ ଏକ ଏକର ଜମିରେ ଲଙ୍କା ଲଗେଇ ଥିବାବେଳେ ଅବଶିଷ୍ଟ ଆଉ ଅଧ ଏକର ଜମିରେ ମିଶ୍ରିତ ପନିପରିବା କରିଛନ୍ତି। ପତ୍ନୀ ଓ ଚାରି ପୁଅ ବଳିଷ୍ଠଙ୍କୁ ବେଶ ସହାୟତା କରୁଛନ୍ତି। ଏବେ ଲଙ୍କା ଚାଷରେ ଟିକିଏ ପରିବର୍ତନ କରିଛନ୍ତି ଆରମର, କ୍ରିଷ୍ଣା, ଲାଲଚୀହଟ ଭଳି ଉନ୍ନତ ମାନର କିସମକୁ ବାଛିଛନ୍ତି। ଯାହାକି ବର୍ଷ ସାରା ଅମଳ ଦେଉଥିବାରୁ ଲକ୍ଷାଧିକ ଟଙ୍କା ରୋଜଗାର ହୋଇଥାଏ। ଆଗରୁ ତେଣ୍ଡା ସାହାଯ୍ୟରେ ପାଣି ମଡାଉ ଥିଲେ। ତାପରେ କୂଅ ଖୋଳି କିରୋସିନି ପମ୍ପ ଯୋଗେ ଦେଉଥିଲେ। ଏବେ ସରକାରଙ୍କ ଉଠା ଜଳସେଚନ ବିଭାଗ ସହାୟତାରେ ଏକ ଗଭୀର ନଳକୂପ ଖନନ କରିଛନ୍ତି। ଚଳିତ ବର୍ଷ ସେ ତିନି ଲକ୍ଷରୁ ଅଧିକ ଟଙ୍କା ବିକ୍ରି କରିବେ ବୋଲି କହିଛନ୍ତି ବଳିଷ୍ଠ । ପ୍ରତିଦିନ ଲଙ୍କା ତୋଳି ବଜାରକୁ ବିକ୍ରି କରିବାକୁ ନେଇଥାନ୍ତି ତାଙ୍କ ବଡପୁଅ ଅନନ୍ତ ପଧାନ ସପ୍ତାହର ସମସ୍ତ ବଜାର ତଥା ଲଛିପୁର, ନାରାୟଣ ପୁର, କୁଟାସିଂହା, ବିନିକା, ଗାଦି ଖଲିଆପାଲି, ଭଳିଆମୁଣ୍ଡା, ପଟୁଆପାଲିରେ ସବୁ ଲଙ୍କା ବିକ୍ରି ହୋଇଯାଏ। ଗାଁର ୩୦ଟି ପରିବାର ଲଙ୍କା ଚାଷ କରି ସ୍ୱାବଲମ୍ବି ହୋଇ ପାରିଛନ୍ତି। ଲଙ୍କା ଚାଷ କରି ବଳିଷ୍ଠଙ୍କ ପରିବାର ଗ୍ରାମ ତଥା ଅଂଚଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି। ବଳିଷ୍ଠ କହିଛନ୍ତି ଯେ, ଆଗରୁ ଧାନ ଚାଷ କରୁଥିଲି ସେଥିରୁ କମ ଲାଭ ମିଳୁଥିଲା ପରିବାର ଚଳେଇବା କଷ୍ଟ ହେଉଥିଲା। ତାପରେ ଲଙ୍କା ଚାଷ ଆରମ୍ଭ କଲି ବର୍ଷ ସାରା ଏହାର ଚାହିଦା ରହିବାରୁ ପ୍ରଚୁର ଲାଭବାନ ହେଲି, ଏବେ ଲଙ୍କା ଚାଷ କରି ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛି। ଦୁଇଟି ପୁଅ ଓ ଗୋଟିଏ ଝିଅକୁ ବାହା କରି ସାରିଛି। ଗୋଟିଏ ଟ୍ରାକ୍ଟର ମଧ୍ୟ କିଣିଛି। ପୂର୍ବ ଭଳି ଆଉ କଷ୍ଟ କରିବାକୁ ପଡୁ ନାହିଁ। ଗ୍ରୀଷ୍ମ ମାସରୁ ପଲିଥିନ ସାହାଯ୍ୟରେ ଚାରା ପକାଉଛି, ପନ୍ଦର ଦିନ ପରେ ବିଲରେ ଲଗାଯାଏ ଗଛର ଚେର ଟିକେ ମାଟି ଭିତରକୁ ଗଲେ କୋଡା କୋଷା କରି ହିଡ଼ କରାଯାଏ ୪୫ ଦିନରେ ଫୁଲ ଫଳ ଆସେ। ଏବେ ନୂତନ ଜ୍ଞାନ କୌଶଳରେ ଚାରା ଉତ୍ପାଦନ ଯନ୍ତ୍ର, ଜଳସେଚନ, କୀଟ ନାଶକ ସିଂଚନ ବ୍ୟବସ୍ଥା ହୋଇଥିବାରୁ ବେଶ ଖୁସି ଲାଗୁଛି। କୃଷି ବିଭାଗ କି ଉଦ୍ୟାନ ବିଭାଗ ପକ୍ଷରୁ ଯଦି କିଛି ପ୍ରୋତ୍ସାହନ ମିଳିପାରନ୍ତା ଆହୁରି ସୁଫଳ ପାଆନ୍ତି।

ସୋମବାର, ଡିସେମ୍ବର ୧୮, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ସମୀକ୍ଷା ବୈଠକ



ବାରିପଦା, ୧୭/୧୨ (ନି.ପ୍ର): ରାଜ୍ୟ ସରକାରଙ୍କର ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାକୁ ସଫଳ ରୂପାୟନ ଦେବାପାଇଁ ଆଜି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ କୋର କମିଟି ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ସତ୍ୟଭାମା ବେହେରା ବୈଠକ ପରିଚାଳନା କରିଥିଲେ। ସୂଚନା ଅନୁସାରେ ଆଗାମୀ ଜାନୁୟାରୀ ୫ତାରିଖ ପ୍ରଥମ ପର୍ଯ୍ୟାୟରେ ସର୍ବମୋଟ ୨୪୫ ବରିଷ୍ଠ ଦମ୍ପତିଙ୍କୁ ଏହି ତୀର୍ଥ ଯାତ୍ରାରେ ମଧ୍ୟପ୍ରଦେଶର ଉଜ୍ଜୟିନୀ ଏବଂ ଓଁକାରେଶ୍ୱର ତୀର୍ଥ ସ୍ଥାନକୁ ନେଇ ଯାତ୍ରା କରାଯିବାର ବ୍ୟବସ୍ଥା ହୋଇଛି। ବରିଷ୍ଠ ନାଗରିକ ମାନଙ୍କ ପାଇଁ ରହଣି, ଖାଦ୍ୟପେୟ, ଶୌଚ ଆଦି ପାଇଁ ବ୍ୟବସ୍ଥା କରା ଯିବା ସହିତ ପ୍ରତ୍ୟେକ ଦିନ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯିବ। ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀଙ୍କୁ ଏହି ଯାତ୍ରାର ପ୍ରଚାର ପ୍ରସାର ଦାୟିତ୍ୱ ଦିଆ ଯାଇଥିବା ବେଳେ ଅନ୍ୟ ବିଭାଗୀୟ ଅଧିକାରୀ ମାନଙ୍କୁ ବିଭିନ୍ନ କାର୍ଯ୍ୟସମ୍ପାଦନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ମୋହନ ସେଠି, ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି ଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ବାଇକକୁ ଧକ୍କା ଦେଇ ଜାଇଲୋ କାର ଚମ୍ପଟ ମାରିଥିବା ବେଳେ ଧରିଲା ପୋଲିସ

ବସ୍ତା , ୧୭/୧୨ (ନି.ପ୍ର): ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥ କୁଡିଆ ଠାରେ ବାଇକ୍ କୁ ପଛପଟୁ ଧକ୍କାଦେଇ ଚମ୍ପଟ ମାରିଥିଲା ଜାଇଲୋ କାର। ଗୋଡ଼ାଇ ଗୋଡ଼ାଇ ଦୁର୍ଘଟଣା ଘଟାଇଥିବା କାର କୁ ଧରିଲା ଜାତୀୟ ରାଜପଥ ପେଟ୍ରୋଲିଂ ଭ୍ୟାନ। ସୂଚନା ଅନୁଯାୟୀ ଆଜି ସକାଳ ସମୟର ଜଳେଶ୍ୱର ରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଓଡ଼ି୩୩ଇ ୨୦୭୨ ବାଇକ୍ କୁ ପଛପଟୁ ଓଡ଼ି୦୧ୱାଇ୭୭୧୨ ଜାଇଲୋ କାର ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ବାଇକ୍ ଆରୋହୀ ଭଦ୍ରକ ବାହାଦଲପୁର ଗ୍ରାମର ପ୍ରଶାନ୍ତ ମହାନ୍ତି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଜାତୀୟ ରାଜପଥ ପେଟ୍ରଲିଂ ଭ୍ୟାନ ଅଧିକାରୀ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବସ୍ତା ଡାକ୍ତରଖାନାକୁ ପଠାଇଥିଲେ। ଏଣେ ଦୁର୍ଘଟଣା ଘଟାଇଥିବା ଜାଇଲୋ କାର ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ଜାତୀୟ ରାଜପଥ ପେଟ୍ରୋଲିଂ ୨ ଭ୍ୟାନ ଅଧିକାରୀ ସହିତ ରୂପସା ଥାନା ଅଧିକାରୀ ଙ୍କୁ ପେଟ୍ରୋଲିଂ ୧ ଅଧିକାରୀ ଖବର ଦେବାରୁ ସଂପୃକ୍ତ ଜାଇଲୋ କାର କୁ ଫୁଲାଡ଼ି ନିକଟରୁ ଉଦ୍ଧାର କରାଯାଇଥିଲା। ଶେଷରେ ଦୁର୍ଘଟଣା ଗ୍ରସ୍ତ ବାଇକ୍ ଓ କାର କୁ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି ବସ୍ତା ପୋଲିସ।

# ମିଶନ ଶକ୍ତି ମହିଳାଙ୍କ ଓରମାସ୍ କର୍ମଶାଳା




ଭଦ୍ରକ, ୧୭/୧୨ (ନି.ପ୍ର): ଭଦ୍ରକ ଜିଲ୍ଲାର ସମଗ୍ର ବ୍ଲକରେ ବିଭିନ୍ନ ଗ୍ରାମରୁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀମାନଙ୍କୁ ନେଇ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପ୍ରଦର୍ଶନୀରେ ଭାଗ ନେବା ନିମିତ୍ତ ଏକଦିବସୀୟ କର୍ମଶାଳାର ଆୟୋଜନ କରାଯାଇଥିଲା। ଜିଲ୍ଲାପରିଷଦର ମୁଖ୍ୟ ଉନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ ଉକ୍ତ କର୍ମଶାଳାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟ ପଦାଧିକାରୀ ମାନଙ୍କ ମଧ୍ୟରେ ହସ୍ତତନ୍ତ, ହସ୍ତଶିଳ୍ପ ଅଧିକାରୀ, ଓଡ଼ିଶା ଜୀବିକା ମିଶନ୍, ମିଶନ ଶକ୍ତିର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଉକ୍ତ କର୍ମଶାଳାରେ ଉପସ୍ଥିତ ସମସ୍ତ ସ୍ୱୟଂ ସହାୟକ ଓ ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନେ କିପରି ସୁବ୍ୟବସ୍ଥିତ ଏବଂ ଉତ୍ତମମାନର ଦ୍ରବ୍ୟ ମେଳାରେ ବିକ୍ରି କରିବେ ସେ ବିଷୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶେଷ ପ୍ରାଧାନ୍ୟ ଦେବାପାଇଁ ସମସ୍ତଙ୍କୁ କହିଥିଲେ। ଉତ୍ତମ ପ୍ୟାକେଜିଂ ବିକ୍ରିର କିପରି ଏକ ମାଧ୍ୟମ ହୋଇପାରିବ ସେଥିପାଇଁ ଯତ୍ନବାନ ହେବାକୁ ମଧ୍ୟ କହିଥିଲେ। ଜିଲ୍ଲା ହସ୍ତଶିଳ୍ପ ଅଧିକାରୀ ସରକାରୀ ସ୍ତରରେ ହସ୍ତଶିଳ୍ପକୁ ଉନ୍ନତମାନର କରିବା ନିମିତ୍ତ ସମସ୍ତ ସରକାରୀ ସାହାଯ୍ୟ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଫୁଡ୍ ଲାଇସେନ୍ସ, ବାରକୋଡ଼ିଙ୍ଗ୍, ପେକେଜିଙ୍ଗ୍, ବାଇଣ୍ଡିଂ କିପରି ଉନ୍ନତମାନର ହେବ ସେଥିପାଇଁ ବିଶେଷ କର୍ମଶାଳା ଆଗାମୀ ଦିନରେ ଆୟୋଜନ କରାହେବ। ଉକ୍ତ କର୍ମଶାଳାରେ ଉତ୍ପାଦକ ଗୋଷ୍ଠୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ଉତ୍ପାଦିତ ସମସ୍ତ ଦ୍ରବ୍ୟ ଗୁଡ଼ିକ ପ୍ରଦର୍ଶନ କରାଯାଇଥିଲା। ଏହାକୁ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ପରିଦର୍ଶନ କରିବା ସହ ଏହାର ଗୁଣବତ୍ତାକୁ ଉନ୍ନତମାନର କରାଯିବ ସେଥିପାଇଁ ଉତ୍ପାଦକ ଗୋଷ୍ଠୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଉପଦେଶ ଦେଇଥିଲେ। ୨୦୨୩-୨୪ରେ ବିଭିନ୍ନ ଜିଲ୍ଲା ଓ ଅନ୍ୟ ରାଜ୍ୟରେ ଅନୁଷ୍ଠିତ ହେବାକୁ ଥିବା ମେଳାରେ ଅଂଶଗ୍ରହଣ କରିବା ନିମିତ୍ତ ଲଟେରି ମାଧ୍ୟମରେ ଗ୍ରୁପ୍ ଚୟନ କରାଗଲା। ଆଗାମୀ ବର୍ଷରେ କିପରି ଅଧିକରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ମେଳାରେ ଅଂଶ ଗ୍ରହଣ କରିବେ ସେଥିପାଇଁ ସମସ୍ତ ପ୍ରଚେଷ୍ଟା କରାଯିବ ବୋଲି ସ୍ଥିରୀକୃତ ହେଲା। ଏକ ପାୱାର ପଏଣ୍ଟ ପ୍ରେଜେନଟେସନ୍ ମାଧ୍ୟମରେ ପ୍ରଦର୍ଶନୀର ସବିଶେଷ ସୂଚନା ସମସ୍ତ ଅଂଶ ଗ୍ରହଣକାରୀ ଗ୍ରୁପମାନଙ୍କୁ ଦିଆଯାଇଥିଲା। ସର୍ବଶେଷରେ ଓରମାସରେ ପ୍ରୋଜେକ୍ଟ ଏକଜ୍ୟୁକୁଟର ଭାଗ୍ୟଲକ୍ଷ୍ମୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଦିନେଶ କୁମାର ନାଏକ, ମଳୟ ପଣ୍ଡା ଓ ବ୍ଲକର ସମସ୍ତ ଜୀବୀକା ସଂଯୋଜିକାମାନେ ପରିଚ୍ଛଳନା କରିବାରେ ସାହାଯ୍ୟ କରିଥିଲେ।

# ଡୁଙ୍ଗୁରା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଶିଶୁ ଓ ବିଜ୍ଞାନ ମେଳା



ଖଇରା, ୧୭/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତର୍ଗତ ଡୁଙ୍ଗୁରାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶନିବାର ଦିନ ସଙ୍କୁଳସ୍ତରୀୟ ଶିଶୁ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ବିଜ୍ଞାନ ମେଳାରେ ଜୁନିୟର ଓ ସିନିୟର ସ୍ତରରେ ୪୫ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା । ଉତ୍କଳ ଶିକ୍ଷା ପରିଷଦ ସମ୍ପାଦକ ବିଷ୍ଣୁ ପ୍ରସାଦ ବାରିକ ପତାକା ଉତ୍ତୋଳନ କରିଥିଲେ । ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ପ୍ରାକ୍ତନ ବିଇଓ ମଧୁସୁଦନ ସେଣ୍ଠ ମୁଖ୍ୟ ଅତିଥି,ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରଧାନଚାର୍ଯ୍ୟା ସବିତାରାଣି ଦାସ ସ୍ୱାଗତ ଭାଷଣ ଓ ଗୁରୁଜୀ ବସନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପିଲାମାନଙ୍କ ମଧ୍ୟରେ ଭାସ୍ୟଜ୍ଞା, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ବୁଦ୍ଧି ପରୀକ୍ଷା, ନୃତ୍ୟ ଓ ରାଇମ୍ସ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ସଭାରେ ରବିନ୍ଦ୍ର ନାୟକ ମୁଖ୍ୟ ଅତିଥି,ଅଜୟ କୁମାର ମହାନ୍ତି ମୁଖ୍ୟବକ୍ତା,ଗୁରୁମା ଅହଲ୍ୟା ମହାପାତ୍ର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବିଜ୍ଞାନ ମେଳା ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଅନୁଷ୍ଠାନର ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଗଞ୍ଜେଇ କେସରେ ଜବତ ସ୍କୁଟି ଧରି ବୁଲୁଛନ୍ତି ମାଥିଲି ଅବକାରୀ ଥାନା ଅଧିକାରୀ

ମାଲକାନଗିରି, ୧୭/୧୨ (ନି.ପ୍ର): ଜବତ ହୋଇଥିବା ସ୍କୁଟିରେ ବଜାର ବୁଲୁଛନ୍ତି ମାଥିଲି ଅବକାରୀ ଥାନାର ବାବୁ । ଗଞ୍ଜେଇ ଚାଲାଣରେ ଜବତ ହୋଇଥିଲା ସ୍କୁଟି । ମାଲକାନଗିରି ଜିଲ୍ଲା ମାଥିଲି ଅବକାରୀ ବିଭାଗର ଥାନା ବାବୁଙ୍କ ଏପରି କାରନାମା ପଦାରେ ପଡିଛି । ସହର ଭିତରକୁ ଜବତ ସ୍କୁଟିକୁ ନେଇ ଘୁରି ବୁଲୁଛନ୍ତି ଅବକାରୀ ଥାନା ଅଧିକାରୀ । ନିଜର ବ୍ୟକ୍ତିଗତ କାମରେ ଜବତ ଗାଡି ବ୍ୟବହାରକୁ ନେଇ ଏବେ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଜୋର ଧରିଛି । ଆଦିବାସୀ ଇଲାକାରେ ଥାନା ବାବୁଙ୍କ ଏପରି କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରତିଦିନ ଭଳି ମାଲଖାନାରେ ଥିବା ଜବତ ସ୍କୁଟିକୁ ନେଇ ବଜାରରେ ବୁଲୁଛନ୍ତି ଅବକାରୀ ଥାନା ଅଧିକାରୀ ରାମଜି ପଟେଲ ।
ଏ ସମ୍ପର୍କରେ ତାଙ୍କୁ ପଚରା ଯିବାରୁ ପୁରୁଣା ଥାନାରୁ ନୂଆ ଥାନାର ମାଲଖାନାରେ ସ୍କୁଟି ରଖିବାକୁ ନେଇଥିବା ସେ ସଫେଇ ଦେଇଛନ୍ତି ।

# ମା' ଲକ୍ଷ୍ମୀ ପିତ୍ରାଳୟକୁ ଗମନ

ଖୋର୍ଦ୍ଧା , ୧୭/୧୨ (ନି.ପ୍ର): ସନ୍ଧ୍ୟା ୬ ଘଟିକା ସମୟେ ଖୋର୍ଦ୍ଧା ୱାର୍ଡ଼ ନମ୍ବର ୫ ଗାନ୍ଧୀନଗର, ସ୍ଥାୟୀ ମା , ଲକ୍ଷ୍ମୀ ମନ୍ଦିର, ନୂଆ ବସ ଷ୍ଟାଣ୍ଡ ନିକଟରୁ ମା, ଲକ୍ଷ୍ମୀ ବିଗ୍ରହ (ପ୍ରତିମା) ବିମାନରେ ବସି ତାଙ୍କ ପିତ୍ରାଳୟ ଖୋର୍ଦ୍ଧା (ପଲା )କୋଣାର୍କ ନଗରସ୍ଥିତ ମାତା ଶ୍ରୀମତୀ ସିଗ୍ମାରାଣୀ ମିଶ୍ର ଓ ପିତା ଶ୍ରୀଯୁକ୍ତ ସୂର୍ଯ୍ୟକାନ୍ତ ମିଶ୍ର ( ମୁନା) ବାଜା , ବାଣ, ରୋଷଣୀ ଶହ ଗମନ କରିଥିଲେ। ଏହି ସମୟରେ ସମସ୍ତ ଭକ୍ତ ମା, ଲକ୍ଷ୍ମୀ ମନ୍ଦିର ପରିଚାଳନା କମିଟି ସଭ୍ୟ ଓ ସଭ୍ୟା ସପରିବାର ବିମାନ (ଖାଲି ପାଦରେ) କାନ୍ଧାଇ ପଟୁଆର ଶହ ପ୍ରାୟ ୩ କି, ମି ନେଇ ଥିଲେ। ପିତ୍ରାଳୟରେ ପ୍ରାୟ କିଛି ଘଣ୍ଟା ରହି ,ପୁଣୀ ରାତ୍ର ୧୨ ଘଟିକା ନିଜ ମନ୍ଦୀର କୁ ଫେରି ଥିଲେ। ପିତ୍ରାଳୟ ଓ ତାଂକ ସାହି ଓ ବସ୍ତି ସମସ୍ତ ବାସିନ୍ଦା ଝିଅକୁ ସମ୍ମାନ ସହ ଘରକୁ ପାଛୋଟି ନେଇ ବସ୍ତ୍ର , ଭୂଷଣ ଓ ଖାଦ୍ୟ ଦେଇ ଆଦର ସହ ଗ୍ରହଣ କରିଥିଲେ। ଏହି ସମୟ (ପଲା ) କୋଣାର୍କ ନଗର ଉତ୍ସବ ମୁଖର ହୋଯାଇଥିଲା। ମା ,ଙ୍କ ସହ ଯାଇ ଥିବା ଭକ୍ତ ପୁରୁଷ,ମହିଳା , ଛୋଟ ଛୁଆ, ବାଜା ବାଲା ଓ ପୁରୋହିତ ଆଦି ଓ ତାଂକ ସାଇ ବାସିନ୍ଦା ସମସ୍ତ ପ୍ରାୟ ୫୦୦ ଲୋକଙ୍କୁ ପ୍ରସାଦ ଦେଇ ପିତା ସୂର୍ଯ୍ୟକାନ୍ତ ମିଶ୍ର (ମୁନା) ଆପ୍ୟାୟିତ କରିଥିଲେ। ତାଙ୍କୁ ଏହି ମା ଲକ୍ଷ୍ମୀଙ୍କ କୃପା ଅଛି ଓ ସେ ଆନନ୍ଦିତ। ଏହି ପବିତ୍ର ପୌଷ ମାସ ଧନୁ ସଂକ୍ରାନ୍ତି ଦିନ ମା,ଙ୍କ ପିତ୍ରାଳୟ ପ୍ରତି ବର୍ଷ ପାଳନ କରାଯାଇ ଥାଏ।ପରିଚାଳନ କମିଟି ସଭାପତି, ସଂପାଦକ, ଶ୍ରୀଯୁକ୍ତ ପ୍ରଭାତ ପଟ୍ଟନାୟକ (ଗୁଲା), ଆଭାହକ (ନାନୁ )ସୃଷ୍ଟିଧର ତ୍ରିପାଠି, ସଭ୍ୟ ବାପୁନି ମିଶ୍ର, ବିରଂଚି ପାତ୍ର, ହୋତା, ଲକି , ସମସ୍ତ ଦୋକାନୀ ଓ ୫ ନମ୍ବର ୱାର୍ଡ ଗାନ୍ଧୀପଡିଆ ବାସିନ୍ଦା ରୋଷଣୀରେ ଯୋଗ ଦେଇଥିଲେ। ୫ୱାର୍ଡ଼ ସାହି ମୁରବୀ ଓ କମିଟି ଉପଦେଷ୍ଟା ଶ୍ରୀ ଈଶ୍ୱର ଚଂଦ୍ର ମଙ୍ଗରାଜ, ସାମ୍ବାଦିକ ,ଏହି ପଟୁଆର ସାମିଲ ହୋଇ ଥିଲେ। ଏହି ପରମ୍ପରା ପ୍ରତି ବର୍ଷ ଚାଲି ରହିଥିବ। ଲକ୍ଷ୍ମୀ ମାଆ କୃପା ସମସ୍ତେ ଲାଭ କରିବେ। ଏହି କାର୍ଯ୍ୟକ୍ରମ ପୁରୋଧା ହେଉଛନ୍ତି ଗାନ୍ଧୀ ପଡିଆ ବାସିନ୍ଦା ସୃଷ୍ଟିଧର ତ୍ରିପାଠି (ନା ନୁ) ସେ ଅନୁଭବ କରିଛନ୍ତି ଲକ୍ଷ୍ମୀ ଆରାଧନା କଲେ କି ସୁଫଳ ମିଳେ। ତାଂକ ଉଦ୍ୟମ ଯୋଗୁ ଲକ୍ଷ୍ମୀ ପୂଜା ଆଦି ସବୁ କାର୍ଯ୍ୟ ସଫଳ ହୁଏ।

# ଜନଜାନିଙ୍କ ମୃତ୍ୟୁ ଅସ୍ପଷ୍ଟ: ତଦନ୍ତ ଜାରି ରଖିଛି ଅନୁସନ୍ଧାନକାରି ଟିମ୍

ଜୟପୁର, ୧୭/୧୨ (ନି.ପ୍ର): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକରେ ରହିଥିବା ବଡ଼ବାଗ୍ରି ଗ୍ରାମରେ ବସବାସ କରି ଆସୁଥିବା ପିତା ଲବଜାନିଙ୍କ ପୁଅ ଜୟଜାନି (୬୦)ର ମୃତ୍ୟୁ ବରଣ କରିଥିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ସ୍ଥାନୀୟ ପୋଲିସ କୌଣସି ବାବଦରୁ ସୁରାଖ ପାଇ ଘଟଣା ସ୍ଥଳକୁ ପହଂଚି ମୃତ୍ୟୁ କେମିତି ହୋଇଛି ତାହାର ତନାଘନା ଜାରି ରଖିଥିବାର ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ତାକୁ ହତ୍ୟା କରାଯାଇଛି ନାଁ ସଜ୍ଜି ଖାଇବାକୁ ଯାଇ ଗଛ ଚଢି ଜୟ ଗଛରୁ ପଡି ମୃତ୍ୟୁ ବରଣ କରିଛି ତାହା ଏବେ ସନ୍ଦେହଘେରରେ ରହିଛି। ଏ ସମ୍ପର୍କରେ ସ୍ଥାନୀୟ ପୋଲିସ ଏବଂ ଅନୁସନ୍ଧାନ କାରି ଟିମ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରି ରଖିଥିବାର ଦେଖିବାକୁ ମିଳିଛି।

# ଓଷ୍ଟା ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ



ବଡ଼ସାହି , ୧୭/୧୨ (ନି.ପ୍ର): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ମୟୂରଭଞ୍ଜ ତରଫରୁ ଜିଲ୍ଲା ସ୍ତରୀୟ ଶିଶୁଉତ୍ସବ ବ୍ଲକ ଅନ୍ତର୍ଗତ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ଛେଳିଆ (କ)ଠାରେ ମହାସମାରୋହରେ ଅନୁଷ୍ଠିତ ହେଇଯାଇଛି । ଜିଲ୍ଲା ସଭାପତି ସନ୍ତୋଷ କୁମାର କାସ୍ତ ଓଷ୍ଟା ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରିଥିଲେ ।ପ୍ରଥମ ଦିନର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ, ମୁଖ୍ୟବକ୍ତା ପ୍ରାକ୍ତନ ସମ୍ପାଦକ ଓଷ୍ଟା ଶ୍ରୀ ଭରତ ଚନ୍ଦ୍ର ବରାଳ, ସମ୍ମାନୀୟ ଅତିଥି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ କିଶୋର କୁମାର ଆଚାର୍ଯ୍ୟ, ସ୍ଥାନୀୟ ସରପଞ୍ଚ ପ୍ରୀୟଲତା ସିଂ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀନବନ୍ଧୁ ବେହେରେଣିଆ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା ମଞ୍ଚ ରେ ଉପସ୍ଥିତ ଥିଲେ । 'ଶିଶୁ ହସିଲେ ଦୁନିଆ ହସେ' ପ୍ରକୃତରେ ଏହି ସ୍ଲୋଗାନ ର ତାତ୍ପର୍ଯ୍ୟ ରଖିବା ପାଇଁ ଓଷ୍ଟାର କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭୂୟସୀ ପ୍ରଶଂସା କରିଥିଲେ । ତତ୍ପରେ ୧୦ଟି ବିଭାଗ ମଧ୍ୟରୁ ୮ଟି ବିଭାଗରେ ପ୍ରତିଯୋଗିତା ହେଇଥିଲା । ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଏବଂ ଏକାଡେମୀକ୍ ସମ୍ପାଦକ ପ୍ରଣବ କୁମାର ଜେନା ଯୋଗଦେଇ ଶିକ୍ଷକମାନଙ୍କର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଦ୍ୱିତୀୟ ଦିନର ଉଦଯାପନୀ ଦିବସରେ ପ୍ରଥମେ ତର୍କ ଏବଂ କୁଇଜ୍ ପ୍ରତିଯୋଗିତା ଶେଷ ହେବା ପରେ ଉଦଯାପନୀ ସଭା ଅନୁଷ୍ଠିତ ହେଇଥିଲା । ମୁଖ୍ୟ ଅତିଥି ଭାବେ ରାଜ୍ୟ ଓଷ୍ଟାର ଉପସଭାପତି ଜ୍ଞାନରଞ୍ଜନ ପାଣିଗ୍ରାହୀ ମୁଖ୍ୟ ବକ୍ତା ମୟୂରଭଞ୍ଜ-୨ ର ସମ୍ପାଦକ ଦୁର୍ଯ୍ୟୋଧନ ବେହେରା, ସମ୍ମାନୀତ ଅତିଥି ପ୍ରାକ୍ତନ ସମ୍ପାଦକ ଭାରତ ଚନ୍ଦ୍ର ବରାଳ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁବଳ ଚନ୍ଦ୍ର ଦାସ ମହାପାତ୍ର, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରା ଯୋଗ ଦେଇଥିଲେ।ଉଭୟ ସଭାରେ ସମ୍ପଦନୀୟ ବିବରଣୀ ପାଠ କରିଥିଲେ । ଜିଲ୍ଲା ସମ୍ପାଦକ ଶ୍ରୀ ଚିତ୍ତରଞ୍ଜନ ପଳତା । ଅତିଥି ପରିଚୟ ଜିଲ୍ଲା ଉପସଭାପତି ବିଜୟ କୁମାର ପାଣିଗ୍ରାହୀ , କାର୍ଯକାରୀ ସଭ୍ୟ ଦେବ ରାଜ ନାୟକ ଏବଂ ଧନ୍ୟବାଦ୍ ଦେଇଥିଲେ କାର୍ତ୍ତିକ ଚନ୍ଦ୍ର ଜେନା।

# ଦଶମ ମୟୂରଭଞ୍ଜ ପୁସ୍ତକମେଳାର ଦ୍ୱିତୀୟ ଦିବସ



ବାରିପଦା, ୧୭/୧୨ (ନି.ପ୍ର): ଦଶମ ମୟୂରଭଞ୍ଜ ପୁସ୍ତକମେଳା ଡିସେମ୍ବର ୧୫ ତାରିଖରେ ଆରମ୍ଭ ହୋଇଯାଇଛି । ଏହି ମେଳାର ୨ୟ ଦିବସ ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଅପରାହ୍ଣରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଚିତ୍ରକଳା ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଶିକ୍ଷାବିତ୍ ହିମାଂଶୁ ଶେଖର ଦାସ, ଭାସ୍ୱତୀ ପଣ୍ଡା, ଡା ଦୀପଙ୍କର ମିଶ୍ର, ଅଜିତ ପାଣିଗ୍ରାହୀ, କୈବଲ୍ୟ ପ୍ରସାଦ ମହାପାତ୍ର, ବନମାଳୀ ପାତ୍ର ତଥା ଜୟନ୍ତ କୁମାର ଦ୍ୱାରୀ ପତ୍ରିଯୋଗିତାଗୁଡିକ ପରିଚାଳନା କରିଥିଲେ । ସନ୍ଧ୍ୟାରେ ଆୟୋଜିତ ସାରସ୍ୱତ ଆସରଟି ପୁସ୍ତକମେଳାର ଉପସଭାପତି ଅଜିତ କୁମାର କବାଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କାର ?ୟକ୍ରମରେ ମୁଖ୍ୟଅତିଥି ଭାବରେ ବର୍ଷୀୟାନ ସାମ୍ବାଦିକ ଡ. ବିଜୟ ଅଗ୍ରୱାଲା ଯୋଗଦେଇ ପରବର୍ତ୍ତୀ ପୀଢିଙ୍କୁ ପୁସ୍ତକ ପଠନ ପ୍ରତି ଆକୃଷ୍ଟ କରିବା ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରାକ୍ତନ ଅଧ୍ୟକ୍ଷ ଡ. ତରୁଣ କୁମାର ଓଝା ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ସାହିତ୍ୟ କ୍ଷେତ୍ରରେ ମୟୂରଭଞ୍ଜର ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଡ. ଶଶିଧର ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ବସୁନ୍ଧରା ଭୋଇ ସହଯୋଗ କରିଥିଲେ । ପରିଶେଷରେ ରାଗଧା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ବହୁ ପରିଚିତ କବୟିତ୍ରୀ ଡ. ଅସୀମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁପାରୀ ଓ ଖଇରାରେ ଜାତୀୟ ପେନସନଧାରୀ ଦିବସ

ଖଇରା, ୧୭/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଓ ଖଇରା ଠାରେ ଜାତୀୟ ପେନସନଧାରୀ ଦିବସ ପାଳିତ ହୋଇ ଯାଇଛି । କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ଆନୁକୂଲ୍ୟରେ ଆୟୋଜିତ ସଭାରେ ପ୍ରଫୁଲ୍ଲ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ଶତ୍ରୁଘ୍ନ ଦାସ,ବରିଷ୍ଠ ସଭ୍ୟ ବୈକୁଣ୍ଠ ପ୍ରସାଦ ବେହେରା, ପ୍ରାକ୍ତନ ବିଇଓ ସୁଦର୍ଶନ ରାଉତ, ନାରାୟଣ ପେଡା ଓ ସତ୍ୟବ୍ରତ ନାରାୟଣ ବେହେରା ପ୍ରମୁଖ ଯୋଗ ଦେଇ ପେନସାଧାରୀଙ୍କ ସମସ୍ୟା ଉପରେ ଆଲୋକ ପାତ କରିଥିଲେ। ସେହିଭଳି ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ଖଇରା ଶାଖା ତରଫରୁ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ପେନସନଧାରୀ ଦିବସ ପାଳିତ ହୋଇ ଯାଇଛି । ମହେନ୍ଦ୍ର ପ୍ରସାଦ କବିଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଉପଦେଷ୍ଟା ଅନ୍ତର୍ଯ୍ୟାମୀ ପାତ୍ର, ଉପସଭାପତି କମଳ ଲୋଚନ ଜେନା, ସଙ୍ଗଠନ ସମ୍ପାଦକ ଅଭିମନ୍ୟୁ ନାୟକ, ଦିନବନ୍ଧୁ ଦାସ, ପଦ୍ମଲୋଚନ ଦାସ, ଗୟାଧର ଜେନା,କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ ଦିବସ ପାଳନ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ପଦ୍ମନାଭ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅମରନୃତ୍ୟମ ନୃତ୍ୟ ଅନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବ




ବାସୁଦେବପୁର, ୧୭/୧୨ (ନି.ପ୍ର): ବାସୁଦେବପୁର ବ୍ଲକର ବେତଡା ଗୋରୁ ହାଟ ପଡିଆ ରେ ଅମର ନୃତ୍ୟମ ନୃତ୍ୟ ଅନୁଷ୍ଠାନ ର ପ୍ରଥମ ବାର୍ଷିକ ଉତ୍ସବ ମହାସମାରୋହ ରେ ପାଳିତ ହୋଇଯାଇଛି । ଏହି ଉତ୍ସବ ରେ ସଭାପତିତ୍ୱ କରିଥିଲେ ପ୍ରଶାନ୍ତି ଶିଶୁ ବିହାରର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ । ବିଶିଷ୍ଟ ଶିକ୍ଷାବିତ ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ, ଆରୁହା ଗ୍ରାମ ପଂଚାୟତର ସରପଞ୍ଚ ରାଜେନ୍ଦ୍ର ସାହୁ, ବରଣ୍ଡୁଆ ପଂଚାୟତ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲିକ, ଆଧ୍ୟାତ୍ମିକ ପ୍ରବଚକ ନିତ୍ୟାନନ୍ଦ ରାଉତ, ଶିକ୍ଷାବିତ ପଦ୍ମଲୋଚନ ନନ୍ଦ, ଗୁରୁଜୀ ଅମରେନ୍ଦ୍ର ନାୟକ ପ୍ରମୁଖ ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇ କଳା, ସାହିତ୍ୟ, ଶିକ୍ଷା ଓ ସଂସ୍କୃତି ସମ୍ପର୍କ ରେ ଆଲୋଚନା କରିଥିଲେ । ଏହି ଅବସରରେ ଓଡିଶୀ ନୃତ୍ୟ ପିଲାମାନେ ଓ ସାଥୀ କଳାକାର ପରିବେଷଣ କରିଥିଲେ । ଏହି ନୃତ୍ୟ ଅନୁଷ୍ଠାନର ସଭାପତି, ସମ୍ପାଦକ ଓ ପ୍ରତିଷ୍ଠାତା ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅନୁଷ୍ଠାନ ର ତ୍ୟାଗ, ନିଷ୍ଠା ଓ ଉଦ୍ୟମ ପାଇଁ ସମସ୍ତେ ଏ ଅଂଚଳ ରେ ଠିକ ଭାବେ ନୃତ୍ୟ ଶିକ୍ଷା କରିପାରୁଛନ୍ତି । ବହୁ ସଂଖ୍ୟା ରେ ଅଭିଭାବକ ଓ ଜନ ସାଧାରଣ ଏହି ଉତ୍ସବ ରେ ଯୋଗ ଦେଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo